ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୧୪୭
୪ ନଭେମ୍ବର, ୨୦୨୫ ମଙ୍ଗଳବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

8 Pages
Price ₹ 5.00
Vol. 20, Issue No. : 147
4th November, 2025 Tuesday
Bhubaneswar

ODISHA EXPRESS | SIGHTS TRUTH WRITES TRUTH | ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ନ ବୈ ଭିନ୍ନା ଜାତୁ ଚରନ୍ତି ଧର୍ମଂ**
**ନ ବୈ ସୁଖଂ ପ୍ରାପ୍ନୁ ବନ୍ତୀହ ଭିନ୍ନା**
**ନ ବୈ ଭିନ୍ନା ଗୌରବଂ ପ୍ରାପ୍ନୁବନ୍ତି**
**ନ ବୈ ଭିନ୍ନାଃ ପ୍ରଶମଂ ରୋଚୟନ୍ତି**

ପରସ୍ପର ମଧ୍ୟରେ ଭେଦଭାବ ସୃଷ୍ଟିରେ ନିପୁଣ ବ୍ୟକ୍ତିମାନେ କଦାପି ଧର୍ମ ଆଚରଣ କରିପାରନ୍ତି ନାହିଁ କିମ୍ବା ସୁଖ ଲାଭ କରିପାରନ୍ତି ନାହିଁ । ସେମାନେ କୌଣସି ପ୍ରକାର ଗୌରବ ଅର୍ଜନ ମଧ୍ୟ କରିପାରନ୍ତି ନାହିଁ । ଶାନ୍ତି ପ୍ରଦାୟକ କଥାବାର୍ତ୍ତା ସେମାନଙ୍କ ପକ୍ଷେ ରୁଚିକର ହୋଇନଥାଏ ।

## ଡେରିରେ ଆସିବ ଶୀତ

**ଭୁବନେଶ୍ୱର,୩।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶାକୁ ଚଳିତ ବର୍ଷ ଶୀତ ବିଳମ୍ବରେ ଆସିବ ଏବଂ ଆଗୁଆ ଫେରିଯିବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୋମବାର ପୂର୍ବାନୁମାନ କରିଛି । ଉତ୍ତର-ପଶ୍ଚିମ ଦିଗରୁ ରାଜ୍ୟକୁ ଶୁଷ୍କ-ଶୀତଳ ପବନ ପ୍ରବେଶ କରୁଥିବାରୁ କିଛି ସ୍ଥାନରେ ରାତିର ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍ କମିଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଦକ୍ଷିଣ ଆଭ୍ୟନ୍ତରୀଣ ଏବଂ ଉତ୍ତର ଆଭ୍ୟନ୍ତରୀଣ ଅଞ୍ଚଳରେ ରାତିର ତାପମାତ୍ରା ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ କମିବାର ସମ୍ଭାବନା ରହିଛି । ତେବେ ଚଳିତ ବର୍ଷ ଶୀତ ବିଳମ୍ବରେ ଆସିବ ଓ ଆଗୁଆ ଶେଷ ହୋଇଯିବ, କିନ୍ତୁ ଏହି ସମୟ ମଧ୍ୟରେ ଅତ୍ୟଧିକ ଥଣ୍ଡା ଅନୁଭୂତ ହେବାର ସମ୍ଭାବନା ଅଛି ।

## ଶ୍ରୀମନ୍ଦିରରୁ ଡାଲ୍‌ଡା ଘିଅ ଜବତ

**ପୁରୀ,୩।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଶ୍ରୀମନ୍ଦିର ଭିତରୁ ଡାଲଡା ଘିଅ ଜବତ ହୋଇଛି । ଏହି ଘଟଣା ସାମ୍ନାକୁ ଆସିବା ପରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଡାଲଡା ଘିଅ କେଉଁଥିରେ ବ୍ୟବହାର କରାଯାଉଛି ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ମହାପ୍ରସାଦ ପ୍ରସ୍ତୁତିରେ ଡାଲ୍‌ଡା ଘିଅ ବ୍ୟବହାର କରାଯାଉଥିବା ଅଭିଯୋଗ ଆସିବା ପରେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ଜଣେ ମହାସୁଆର ନିଯୋଗ ସେବକଙ୍କୁ ଜବାବ୍ ତଲବ କରିଛି । ମନ୍ଦିର ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମହାପ୍ରସାଦ ଏବଂ ଅନ୍ୟାନ୍ୟ ରୀତିନୀତି *(ଶେଷ ପୃଷ୍ଠା ଦେଖନ୍ତୁ)*



କଟକ ଐତିହାସିକ ବାଲିଯାତ୍ରା ପାଇଁ ପ୍ରସ୍ତୁତି । (ଫଟୋ-ଚନ୍ଦନ)

# ପରିବର୍ତ୍ତନର ନେତୃତ୍ୱ ନେଉଛି ଭାରତ

**ନୂଆଦିଲ୍ଲୀ,୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ନୂଆଦିଲ୍ଲୀର ଭାରତ ମଣ୍ଡପମଠାରେ ଉଦୀୟମାନ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ସମ୍ମିଳନୀ (ଇଏସଟିଆଇସି) ୨୦୨୫କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ସମ୍ବୋଧନ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଗତକାଲି ଭାରତ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଜଗତରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି । ସେ ଭାରତୀୟ ବୈଜ୍ଞାନିକମାନଙ୍କ ଦ୍ୱାରା ଭାରତର ସବୁଠାରୁ ଭାରୀ ଯୋଗାଯୋଗ ଉପଗ୍ରହର ସଫଳ ଉତକ୍ଷେପଣ ଉପରେ ଆଲୋକପାତ କରିଥିଲେ । ଏହି ମିଶନରେ ସାମିଲ ସମସ୍ତ ବୈଜ୍ଞାନିକ ତଥା ଇସ୍ରୋକୁ ହୃଦୟର ସହିତ ଅଭିନନ୍ଦନ ଜଣାଇଥିଲେ ।

ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଥିଲେ ଯେ, ଆଜି ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ପାଇଁ ଏକ ଐତିହାସିକ ଦିନ । *(ଶେଷ ପୃଷ୍ଠା ଦେଖନ୍ତୁ)*

# ପାଇଖାନା ଟାଙ୍କିରେ ପଡ଼ି ୩ ଶିଶୁ ମୃତ



**ବଡମ୍ବା,୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ବଡମ୍ବା ଥାନା ଅନ୍ତର୍ଗତ ରଗଡ଼ିପଡ଼ା ଗାଁରେ ସୋମବାର ଅପରାହ୍ନରେ ଏକ ହୃଦୟ ବିଦାରକ ଘଟଣା ଘଟିଛି । ସେପ୍ଟିକ୍ ଟାଙ୍କିରେ ପଡ଼ି ତିନି ଜଣ ଶିଶୁଙ୍କର ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ନାବାଳିକା ଏବଂ ଦୁଇଜଣ ନାବାଳକ ଅଛନ୍ତି । ମୃତ ଶିଶୁମାନେ ବଡ଼ମ୍ବା ଥାନା ଅନ୍ତର୍ଗତ ବଡ଼ ବାରେନା ଏବଂ ଇଚ୍ଛାପୁର ଗାଁର ସୁଭମ ନାୟକ (୩), ଶିବାନୀ ନାୟକ (୭) ଏବଂ ଅଙ୍କିତ ନାୟକ (୯) ବୋଲି ଚିହ୍ନଟ କରାଯାଇଛି ।

ପରିବାର ସଦସ୍ୟଙ୍କ ସହ ତିନି ଜଣ ପିଲା ରାଗଡ଼ିପଡ଼ା ଗାଁରେ ଥିବା ସେମାନଙ୍କ ମାମୁଁ ଘରକୁ ବୁଲିବାକୁ ଯାଇଥିଲେ ବୋଲି ଜଣାପଡ଼ିଛି । କିନ୍ତୁ, ସୋମବାର ସେମାନେ ଖେଳୁଥିବା ସମୟରେ ଦୁର୍ଘଟଣାବଶତଃ ଏକ ସେପ୍ଟିକ୍ ଟାଙ୍କିରେ ପଡ଼ିଯାଇଥିଲେ । ସେପ୍ଟିକ୍ ଟାଙ୍କି ଖୋଲା ଥିବାରୁ ଶିଶୁମାନେ ସେଥିରେ ପଡ଼ିଯାଇଥିବା କୁହାଯାଉଛି । କିଛି ଗାଁ ଲୋକ ସେମାନଙ୍କୁ ସେପ୍ଟିକ୍ ଟାଙ୍କିରୁ ଉଦ୍ଧାର କରି ଚିକିତ୍ସା ପାଇଁ ବଡମ୍ବା ହସ୍ପିଟାଲକୁ ନେଇଥିଲେ । ତେବେ ହସ୍ପିଟାଲରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ ।

ଖବର ପାଇ ବଡମ୍ବା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମାମଲାର ତଦନ୍ତ ଆରମ୍ଭ କରି ପୃଥକ ପୃଥକ ଅପମୃତ ମାମଲା ରୁଜୁ କରିଛି । ମୃତଦେହଗୁଡ଼ିକର ପୋଷ୍ଟମର୍ଟମ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଆଠଗଡ଼ ଏସଡିପିଓ ବିଶ୍ୱଜିତ ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

# ଦୁଇ ଦୁର୍ଘଟଣାରେ ୩୯ ମୃତ

## ୧୯ ଜଣଙ୍କୁ ଦଳିଦେଲା ଡମ୍ଫର



**ଜୟପୁର,୩।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ମଦ୍ୟପ ଡମ୍ଫର ଡ୍ରାଇଭରର ଭୟଙ୍କର କାଣ୍ଡ । ମଦ ପିଇ ଗାଡି ଚଳାଉଥିବା ଡ୍ରାଇଭର ଘଟାଇଛି ସିରିଜ ଦୁର୍ଘଟଣା । ଯାହାକୁ ସାମ୍ନାରେ ପାଇଲା, ତା'କୁ ଦଳିବାକୁ ପଛାଇଲା ନାହିଁ ଡମ୍ଫର । ଏକାଧିକ ଗାଡିକୁ ଦୀର୍ଘ କିମି ଯାଏ ଘୋଷାଡି ନେବା ଭଳି ଘଟଣା ସମସ୍ତଙ୍କୁ ସ୍ତବ୍ଧ କରିଛି । ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ୧୯ ଜଣଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଛି ।

୫୦ ଜଣଙ୍କୁ ପ୍ରାଥମିକ ଅବସ୍ଥାରେ ଡମ୍ଫର ଚକା ତଳୁ ବାହାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏମାନଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ପ୍ରକାଶ ପାଇଛି । ରାଜସ୍ଥାନର ଜୟପୁରରେ ଏପରି ଘଟଣା ଘଟିଛି । ମଦପ୍ୟ ଡ୍ରାଇଭର ୫ କିମି ଯାଏ ଏକାଧିକ ଗାଡିକୁ ଧକ୍କା ଦେଇ ଘୋଷାଡି ଘୋଷାଡି ନେବା ପରେ ଅଟକି ଥିଲା ବୋଲି ମଧ୍ୟ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

ପ୍ରାଥମିକ ସୂଚନା ଅନୁସାରେ, ଦ୍ରୁତଗାମୀ ଡମ୍ଫରଟି ପ୍ରଥମେ ଲୋହାମଣ୍ଡି ରାସ୍ତାରେ ନିୟନ୍ତ୍ରଣ ହରାଇଥିଲା । ଏହାପରେ ସାମ୍ନାରେ ଯାହାକୁ ପାଇଲା, ତା' ଉପରେ ଚଢ଼ିବା ଆରମ୍ଭ କରିଥିଲା । ବିପରୀତ ଦିଗରୁ ଆସିଥିବା ଗାଡିଗୁଡିକ ଉପରେ ମଧ୍ୟ ଡମ୍ଫର ମାଡ଼ି ଯାଇଥିଲା । ଡମ୍ଫରଟି ଏକାଧିକ କାର, ବାଇକ ଓ ସାଧାରଣ *(ଶେଷ ପୃଷ୍ଠା ଦେଖନ୍ତୁ)*

## ବସ୍-ଟ୍ରକ୍ ମୁହାଁମୁହିଁ ଧକ୍କା: ଚାଲିଗଲା ୨୦ ଜୀବନ




**ହାଇଦ୍ରାବାଦ୍,୩।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ତେଲଙ୍ଗାନାର ରଙ୍ଗାରେଡ୍ଡୀ ଜିଲ୍ଲାରେ ସୋମବାର ଭୋରରୁ ହୋଇଛି ଭୟଙ୍କର ଦୁଘଟଣା । ରାଜ୍ୟ ସରକାରଙ୍କ ଗୋଟିଏ ଯାତ୍ରୀବାହୀ ବସ୍ ସାମ୍ନାରୁ ଆସୁଥିବା ଦ୍ରୁତଗାମୀ ଟ୍ରକ ସହ ମୁହାମୁହାଁ ଧକ୍କା ହୋଇଛି । ବସ୍‌ରେ ୭୨ ଜଣଙ୍କ ଯାତ୍ରୀ ଥିବା ବେଳେ ସେମାନଙ୍କ ମଧ୍ୟରୁ ଘଟଣା ସ୍ଥଳରେ ୨୦ ଜଣ ପ୍ରାଣ ହରାଇଛନ୍ତି । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଉଭୟ ଗାଡିର ସାମ୍ନା ପଟ ପୂରା ଚୂରମାର ହୋଇ ଯାଇଛି । ମୃତକଙ୍କ ମଧ୍ୟରେ ୧୦ ଜଣ ମହିଳା, ୮ ଜଣ ପୁରୁଷ ଓ ଜଣେ ୩ ମାସର ଛୁଆ ରହିଛନ୍ତି ।

ଏଡିଜି ମହେଶ ଭାଗବତଙ୍କ କହିବା କଥା ଯେ ବସ୍‌ଟି ବିକାରବାଦ ଡିପୋରୁ ହାଇଦ୍ରାବାଦ ଯାଉଥିଲା । ଏହି ସମୟରେ ଗୋଟିଏ ଟିପ୍ପର ଟ୍ରକ ରଙ୍ଗ ରୁଟରେ ଦ୍ରୁତଗତିରେ ଆସି ସାମ୍ନା ପଟୁ ବସ୍‌ରେ ପିଟି ହୋଇଯାଇଥିଲା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ୨୦ ଜଣ ପ୍ରାଣ ହରାଇଛନ୍ତି । ସାମାନ୍ୟ ଆହତ ହୋଇଥିବା ଲୋକଙ୍କୁ ଚେଭେଲ୍ଲା ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଗୁରୁତର ଆହତଙ୍କୁ ଅନ୍ୟ ହସ୍ପିଟାଲରେ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି । ବସ୍‌ରେ ମୋଟ ୭୨ ଜଣ ଯାତ୍ରୀ ଥିବା କଣ୍ଡକ୍ଟରଙ୍କ ପକ୍ଷରୁ ସୂଚନା ମିଳିଥିବା ଭାଗବତ କହିଛନ୍ତି । ଦୁର୍ଘଟଣା ଯୋଗୁ ହାଇଦ୍ରାବାଦ-ବିଜାପୁର ଜାତୀୟ ରାଜପଥରେ ବେଶ କିଛି ଘଣ୍ଟା ଧରି ଯାତାୟାତ *(ଶେଷ ପୃଷ୍ଠା ଦେଖନ୍ତୁ)*

## ପୀତବାସ ପଣ୍ଡା ହତ୍ୟା ମାମଲା

# ଆତ୍ମସମର୍ପଣ କଲେ ଉମା ଓ କୁରୁପତି

**ବ୍ରହ୍ମପୁର,୩।୧୧: ଏକ୍ସପ୍ରେସ୍ ନ୍ୟୁଜ୍**

ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ଆତ୍ମସମର୍ପଣ କଲେ ୨ ଫେରାର୍ ଅଭିଯୁକ୍ତ । ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଉମା ବିଷୋୟୀ ଓ ସାର୍ପ ସୁଟର କୁରୂପତି ଭୂୟାଁ ଆଜି ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ଉଭୟଙ୍କୁ ପଚରାଉଚରା କରାଯାଉଛି । ଅନେକ ତଥ୍ୟ ପଦାକୁ ଆସିବ ବୋଲି କୁହାଯାଉଛି । ସୂଚନାନୁଯାୟୀ, ଗତ ୬ ତାରିଖରେ ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା ହୋଇଥିଲା । ଘଟଣା ପରଠୁ ପୁଲିସ ୧୪ଜଣଙ୍କୁ ଗିରଫ କରିସାରିଥିବା ବେଳେ ଏହି ଦୁଇଜଣ ଫେରାର ଥିଲେ । ଗତ ୨୨ତାରିଖରେ ପୁଲିସ ବିଜେଡି ଜିଲ୍ଲା ସଭାପତି ବିକ୍ରମ କୁମାର ପଣ୍ଡାଙ୍କ ସହ ୧୨ଜଣଙ୍କୁ କୋର୍ଟ ଚାଲାଣ କରିଥିଲା । ପରବର୍ତ୍ତୀ ସମୟରେ ଜୟପୁରର ସୁନୀଲ ହୋତା ଓ ବିଜେଡି ନେତା ଶୂନ୍ୟ ଦାସଙ୍କୁ ଗିରଫ କରିଥିଲା । ଉଭୟଙ୍କୁ ପୁଲିସ ଜେରା କରୁଛି । ଉମା ଓ କୁରୁପତି ଧରାପଡ଼ିବା ପରେ ଅନେକ ତଥ୍ୟ ପଦାକୁ ଆସିବ ବୋଲି କୁହାଯାଉଛି । ଉମା ଓ କୁରୁପତିଙ୍କ ଘର ଗୋଟିଏ ଗ୍ରାମରେ ହୋଇଥିବା ବେଳେ ଉଭୟଙ୍କ ନାମରେ ଏକାଧିକ ଅପରାଧିକ ମାମଲା ରହିଛି ।

# ଜେଲ ଗଲେ ଶଙ୍କର-ସୁରେଶ

**ବ୍ରହ୍ମପୁର,୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜେଲ ଗଲେ ପୋଲିସ ଏସଆଇ ପରୀକ୍ଷା ଜାଲିଆତି ଘଟଣାର ମୁଖ୍ୟ ଅଭିଯୁକ୍ତ

**ଏସଆଇ ପରୀକ୍ଷା କେଳେଙ୍କାରୀ**

ଶଙ୍କର ପୃଷ୍ଟି ଓ ସିଲିକନ୍ ଟେକ୍ ପ୍ରାଇଭେଟ୍ ଲିମିଟେଡର ମାଲିକ ସୁରେଶ ନାୟକ । ସୋମବାର ଉଭୟଙ୍କୁ ବ୍ରହ୍ମପୁର ଜେଏମଏଫସି ଗ୍ରାମାଞ୍ଚଳ କୋର୍ଟରେ ହାଜର କରିଥିଲା କ୍ରାଇମବ୍ରାଞ୍ଚ ହେଲେ ଜାମିନ ନାମଞ୍ଜୁର ହେବାକୁ ସେମାନଙ୍କୁ ଜେଲ ପଠାଇଦିଆଯାଇଛି । ଏହା ପୂର୍ବରୁ ଉଭୟଙ୍କୁ ସାମ୍ନା ସାମ୍ନି ବସାଇ ଜେରା କରିଥିଲା କ୍ରାଇମବ୍ରାଞ୍ଚ ।

ସୂଚନାଥାଉକି, ଏସଆଇ ପରୀକ୍ଷା କେଳେଙ୍କାରୀର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶଙ୍କର ପୃଷ୍ଟିକୁ ଗତ ଶନିବାର ଉତ୍ତରାଖଣ୍ଡ ନେପାଳ ସୀମାରୁ ଉଠାଇ ଆଣିଥିଲା ପୋଲିସ । ସେହିଭଳି ଗାଜିଆବାଦରୁ ଜବତ୍ ହୋଇଥିଲା ଶଙ୍କର ପୃଷ୍ଟିର ଫର୍ଚୁନର କାର । ଶଙ୍କର ପୃଷ୍ଟି ଗିରଫ ହେବା ପରେ ହଜାରେ କୋଟିର ଡିଲ୍ କଥା ମଧ୍ୟ ସାମ୍ନାକୁ ଆସିଛି । ଏହାରି ମଧ୍ୟରେ ରବିବାର ସିଲିକନ *(ଶେଷ ପୃଷ୍ଠା ଦେଖନ୍ତୁ)*

## ପଞ୍ଚାୟତିରାଜ ଅନୁଷ୍ଠାନ ପାଇଁ କେନ୍ଦ୍ରରୁ ମିଳିଲା ୪୪୪ କୋଟି ଟଙ୍କା

**ଭୁବନେଶ୍ୱର,୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

୨୦୨୫-୨୬ ଆର୍ଥିକ ବର୍ଷ ଲାଗି ଓଡିଶାର ପଞ୍ଚାୟତିରାଜ ଅନୁଷ୍ଠାନଗୁଡିକ ପାଇଁ କେନ୍ଦ୍ର ସରକାରଙ୍କ ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ ଆକାରରେ ୪୪୪ କୋଟିରୁ ଅଧିକ ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି ।

ରାଜ୍ୟର ୨୦ଟି ଜିଲ୍ଲା ପଞ୍ଚାୟତ (ଜିଲ୍ଲା ପରିଷଦ), ୨୯୬ଟି ବ୍ଲକ ପଞ୍ଚାୟତ (ପଞ୍ଚାୟତ ସମିତି) ଏବଂ ୬,୭୩୪ଟି ଗ୍ରାମ ପଞ୍ଚାୟତକୁ ଦ୍ୱିତୀୟ କିସ୍ତିରେ ଅନୁଦାନ ଆକାରରେ ୩୪୨ କୋଟି ୫୯ ଲକ୍ଷ ୬୪ ହଜାର ଟଙ୍କା ପ୍ରଦାନ କରାଯାଇଛି । ଏହା ସହିତ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ପ୍ରଥମ କିସ୍ତି ଅନୁଦାନର ସ୍ଥଗିତ ଅଂଶ ଆକାରରେ ୧୦୧ କୋଟି୭୮ ଲକ୍ଷ ୧୫ ହଜାର କୋଟି ଟଙ୍କା ଓଡିଶାକୁ ମିଳିଛି । ଏହା ୨୦ଟି ଜିଲ୍ଲା ପରିଷଦ, ୨୩୩ଟି ପଞ୍ଚାୟତ ସମିତି ଏବଂ ୬୪୯ଟି ଗ୍ରାମ ପଞ୍ଚାୟତକୁ ପ୍ରଦାନ କରାଯାଇଛ ।

ଭାରତ ସରକାର ପଞ୍ଚାୟତିରାଜ ମନ୍ତ୍ରଣାଳୟ ଏବଂ ଜଳ ଶକ୍ତି ମନ୍ତ୍ରଣାଳୟ (ପାନୀୟ ଜଳ ଏବଂ ପରିମଳ ବିଭାଗ) ମାଧ୍ୟମରେ ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ଗ୍ରାମୀଣ ସ୍ଥାନୀୟ ସଂସ୍ଥା ପାଇଁ ରାଜ୍ୟଗୁଡିକୁ ପଞ୍ଚଦଶ ଅର୍ଥ ଆୟୋଗ ଅନୁଦାନ ପ୍ରଦାନ କରିବାକୁ ସୁପାରିସ କରିଥାନ୍ତି । ଅର୍ଥ ମନ୍ତ୍ରଣାଳୟ ପରବର୍ତ୍ତି ସମୟରେ ପ୍ରତି ଆର୍ଥିକ ବର୍ଷରେ ଦୁଇଟି କିସ୍ତିରେ ଏହି ଅନୁଦାନ ପ୍ରଦାନ କରିଥାଏ ।

ଦରମା ଏବଂ ପ୍ରତିଷ୍ଠାନ ଖର୍ଚ୍ଚକୁ ବାଦ ଦେଇ ଏକାଦଶ ସୂଚୀରେ ତାଲିକାଭୁକ୍ତ ୨୯ ବିଷୟ ଅଧୀନରେ ନିର୍ଦ୍ଦିଷ୍ଟ ଆବଶ୍ୟକତା ପୂରଣ କରିବା ପାଇଁ ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ଗ୍ରାମୀଣ ସ୍ଥାନୀୟ ସଂସ୍ଥା ଏହି ଅନଟାଏଡ ଗ୍ରାଣ୍ଟ ବା ମୁକ୍ତ ଅନୁଦାନକୁ ଖର୍ଚ୍ଚ କରିପାରିବେ । ଅନ୍ୟ ପକ୍ଷରେ ଟାଏଡ ଗ୍ରାଣ୍ଟ ବା ବନ୍ଧିତ ଅନୁଦାନକୁ ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଓଡିଏଫ୍ ସ୍ଥିତିର ରକ୍ଷଣାବେକ୍ଷଣ ଭଳି ଅତ୍ୟାବଶ୍ୟକ ସେବା ସହିତ ପାନୀୟ ଜଳ ଯୋଗାଣ, ବର୍ଷାଜଳ ଅମଳ ଏବଂ ଜଳ ପୁନଃଚକ୍ରଣ ପାଇଁ ବ୍ୟବହାର କରାଯାଇଥାଏ ।

# ମାର୍ଗଶୀରରେ ରତ୍ନଭଣ୍ଡାରର ଗଣତି ମଣତି !

**ଭୁବନେଶ୍ୱର,୩।୧୧: ତଥ୍ୟ**

କାର୍ତ୍ତିକ ପଞ୍ଚକର ଭିଡ଼ ହଟିବା ପରେ ଯେ କୌଣସି ସମୟରେ ହୋଇପାରେ ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ସଂପତ୍ତିର ଗଣତି ମଣତି । ତେବେ ଏହି କାମ କେତେଦିନ ଧରି ଚାଲିବ ତାହା ଏବେଠାରୁ ପୂର୍ବାନୁମାନ କରିବା ସମ୍ଭବପର ହେଉନଥିଲେ ମଧ୍ୟ ଖୁବଶୀଘ୍ର ରତ୍ନଭଣ୍ଡାର ଭିତରେ ହିଁ ଗଣତି ମଣତି କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି ବୋଲି ଖୋଦ୍ ଆଇନ୍ ମନ୍ତ୍ରୀ ସୂଚନା ଦେଇଛନ୍ତି ।

ରାଜ୍ୟ ସରକାର, ଶ୍ରୀମନ୍ଦିର ପରିଚାଳନା କମିଟି ଏବଂ ରତ୍ନଭଣ୍ଡାର ପ୍ରସଂଗରେ ହାଇକୋର୍ଟରେ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧକ୍ଷତାରେ ଗଢ଼ାଯାଇଥିବା କମିଟି ମଧ୍ୟରେ ସମନ୍ୱୟ ରକ୍ଷା କରି ଗଣତି ମଣତି ପାଇଁ ଦିନ ଧାର୍ଯ୍ୟ ହେବ ଏବଂ ଏହି କାମ କଡ଼ା ନିରାପତ୍ତା ବ୍ୟବସ୍ଥାରେ ମଧ୍ୟରେ ଭିତର ରତ୍ନଭଣ୍ଡାରରେ ହିଁ କରାଯିବ ବୋଲି ସୂଚନା ମିଳିଛି ।

ଏଠାରେ ଉଲ୍ଲେଖନୀୟ ଯେ ୨୦୨୪ ନିର୍ବାଚନ ସମୟରେ ଓଡ଼ିଶା ବିଜେପି ପକ୍ଷରୁ ଯେଉଁ ସଂକଳ୍ପ ପତ୍ର ଜାରି କରାଯାଇଥିଲା ସେଥିରେ ଶ୍ରୀମନ୍ଦିରର ୪ଟିଯାକ ଦ୍ୱାର ଭକ୍ତମାନଙ୍କ ପାଇଁ ଖୋଲିବା ସହିତ ରତ୍ନଭଣ୍ଡାର ସଂପତ୍ତିର ଗଣତି କରି ଏହାକୁ ସାର୍ବଜନୀନ କରିବା ଏବଂ ରତ୍ନଭଣ୍ଡାରର ଚାବି କିଭଳି ହଜିଲା ଓ କିଏ ହଜାଇଥିଲେ ସେ ସଂକ୍ରାନ୍ତରେ ମଧ୍ୟ ତଥ୍ୟ ସଂଗ୍ରହ କରି ସର୍ବସାଧାରଣକୁ ଜଣାଇ ଦିଆଯିବ ବୋଲି କୁହାଯାଇଥିଲା । ଓଡ଼ିଶାରେ ବିଜେପି ସରକାର ଦାୟିତ୍ୱ ଗ୍ରହଣ କରିବା ପରେ



୪ଦ୍ୱାର ଭକ୍ତମାନଙ୍କ ପାଇଁ ଖୋଲାଯାଇଥିବାବେଳେ ୧୫ମାସ ଭିତରେ କିନ୍ତୁ ରତ୍ନଭଣ୍ଡାର ସଂପତ୍ତିର ଗଣତି ମଣତି ହୋଇନାହିଁ ।

ଅବଶ୍ୟ ଭାରତୀୟ ପ୍ରତ୍ନତତ୍ତ୍ୱ ସଂସ୍ଥାର ଓ ଅନ୍ୟ ବୈଷୟିକ ବିଶେଷଜ୍ଞମାନଙ୍କ ପରାମର୍ଶକ୍ରମେ ଭିତର ରତ୍ନଭଣ୍ଡାର ଖୋଲାଯାଇ ଏହାର ନିରାପତ୍ତା ସ୍ଥିତି ଯାଞ୍ଚ କରାଯାଇଥିଲା । ଏହା ବିପଦ ସଂକୁଳ ଅବସ୍ଥାରେ ଥିବାରୁ ମରାମତି ଏକାନ୍ତ ଅପରିହାର୍ଯ୍ୟ ବୋଲି ମତ ପ୍ରକାଶ ପାଇବାରୁ କଡ଼ା ସୁରକ୍ଷା ମଧ୍ୟରେ ଏଠାରୁ ରତ୍ନ ଅଳଙ୍କାରଗୁଡ଼ିକୁ ପୂର୍ବରୁ ଅନ୍ୟ ଏକ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର କରାଯିବା ପରେ ପ୍ରାୟ ୮ମାସ ଧରି ରତ୍ନଭଣ୍ଡାରର ମରାମତି ଓ ଆଧୁନିକୀକରଣ କାର୍ଯ୍ୟ କରାଯାଇଥିଲା । ଇତିମଧ୍ୟରେ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌ରୁ ରତ୍ନ ସାମଗ୍ରୀ ସବୁ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯାଇଛି । ଗଣତି ମଣତି କାର୍ଯ୍ୟରେ ରିଜର୍ଭ ବ୍ୟାଙ୍କର କିଛି ଅଧିକାରୀଙ୍କୁ ମଧ୍ୟ ସାମିଲ କରିବା ପାଇଁ ଯୋଜନା ଅଛି ।

ଏଠାରେ ଉଲ୍ଲେଖନୀୟ ଯେ ୧୯୭୮ ମଇ ୧୩ ତାରିଖରେ ନୀଳମଣି ରାଉତରାୟଙ୍କ ସରକାର ସମୟରେ ସେତେବେଳର ଆଇନ୍ ମନ୍ତ୍ରୀ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଉଦ୍ୟମକ୍ରମେ ରତ୍ନଭଣ୍ଡାର ସାମଗ୍ରୀଗୁଡ଼ିକର ତାଲିକା ପ୍ରସ୍ତୁତ କରାଯାଇଥିଲା । ଏଥିପାଇଁ ସେ ସମୟରେ ପାଖାପାଖି ଦେଢ଼ମାସ ସମୟ ଲାଗିଥିଲା । ସେତେବେଳର ହିସାବ ମୁତାବକ ରତ୍ନଭଣ୍ଡାରରେ ମୂଲ୍ୟବାନ ପଥର ସହିତ ପ୍ରାୟ ୧୩୯କିଲୋ ସୁନା ଓ ୨୫୮ କିଲୋ ରୁପା ସାମଗ୍ରୀ ଥିବା ଜଣାପଡିଥିଲା । ଅବଶ୍ୟ ଏହାବାଦ୍ ଆଉ ୧୪ଟି ସାମଗ୍ରୀ କିନ୍ତୁ ଓଜନ କରାଯାଇପାରିନଥିଲା ।

୪୭ବର୍ଷ ଧରି ରତ୍ନଭଣ୍ଡାର ସାମଗ୍ରୀଗୁଡ଼ିକର ସଠିକ୍ ଯାଞ୍ଚ କିମ୍ବା ହିସାବ କରାଯାଇନାହିଁ । ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରତ୍ନଭଣ୍ଡାର ଖୋଲିବା ପାଇଁ ଏକ ଉଚ୍ଚସ୍ତରୀୟ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୪ ନଭେମ୍ବର ୨୦୨୫ । ମଙ୍ଗଳବାର




## ଶୈବପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼

**ବୁଗୁଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଧର୍ମ ମାସ କାର୍ତ୍ତିକର ଚ଼ତୁର୍ଥ ସୋମବାରରେ ଶ୍ରଦ୍ଧାଳୁଙ୍କ ସମାବେଶ ଯୋଗୁଁ ପ୍ରସିଦ୍ଧ ଐତିହାସିକ ଶୈବପୀଠ ବୁଦ୍ଧଖୋଲ ଚ଼ଳଚ଼ଞ୍ଚଳ ହୋଇ ଉଠିଥିଲା । ବୁଗୁଡ଼ା ସମେତ ଅନ୍ୟ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା ବେଳେ ବଡି ସକାଳୁ ହିଁ ବୁଦ୍ଧଖୋଲ ଅଭିମୁଖେ ଭକ୍ତଙ୍କ ସୁଅ ଛୁଟିଥିଲା । ଭକ୍ତଗଣ ପାହାଡ଼ ନଡୁବା ଘାଟି ରାସ୍ତାରେ ଯାଇ ବୁଦ୍ଧଖୋଲ ପାହାଡ଼ରେ ବିରାଜମାନ ଜଗଦେଶ୍ୱର ସ୍ୱାମୀ, ଗଙ୍ଗାଧର ସ୍ୱାମୀ, ମକରେଶ୍ୱର ସ୍ୱାମୀ, ବୁଦ୍ଧେଶ୍ୱେର ସ୍ୱାମୀ ଓ ସିଦ୍ଧେଶ୍ୱେର ସ୍ୱାମୀ ଆଦି ପଞ୍ଚ ଶମ୍ଭୁଙ୍କ ଆଶିଷ ପ୍ରାପ୍ତାର୍ଥ ଦର୍ଶନ କରିଥିଲେ । ଏଥିସହ ବୁଦ୍ଧଖୋଲ ପାଦଦେଶସ୍ଥ ଶିବ ପାର୍ବତୀଙ୍କ ଯୁଗଳ ମୂର୍ତ୍ତି ସ୍ଥାପନ ସ୍ଥଳ ଲୋକାରଣ୍ୟ ପାଲଟି ଥିଲା । ବୁଦ୍ଧଖୋଲ ଉନ୍ନୟନ ସମିତି ପକ୍ଷରୁ ଶ୍ରଦ୍ଧାଳୁଙ୍କ ଠାକୁର ଦର୍ଶନ ସାଙ୍ଗକୁ ଯାନବାହାନ ରହଣିର ସୁବନ୍ଦୋବସ୍ତ କରାଯାଇଥିଲା । ଯାନବାହାନ ଚ଼ଳାଚ଼ଳ ଏବଂ ଟ୍ରାଫିକ ନିୟନ୍ତ୍ରଣ ସାଙ୍ଗକୁ ରହଣି ଦେୟ ସଂଗ୍ରହରେ ସ୍ୱେଚ୍ଛାସେବୀମାନେ ସକ୍ରିୟ ଭୂମିକା ଗ୍ରହଣ କରିଥିଲା ବେଳେ ପୋଲିସର ସହଯୋଗ ଦେଖିବାକୁ ମିଳିଥିଲା । ଅନ୍ୟପକ୍ଷରେ ଗହଳି ରାସ୍ତାରେ ବସ୍ ଚ଼ଳାଚ଼ଳ ଯୋଗୁଁ କତକଲା ଗ୍ରାମ ରାସ୍ତାରେ ବାରମ୍ବାର ଟ୍ରାଫିକ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥିବାର ଦେଖିବାକୁ ମିଳିଥିଲା ।





ନୀଳାଚ଼ଳ ପଲିଟେକ୍ନିକ୍ କଲେଜ ଅଫ୍ ଇଞ୍ଜିନିୟରିଂ ଭୁବନେଶ୍ୱର ଦ୍ୱାରା ଆୟୋଜିତ ଓଡ଼ିଶା ସେକ୍ସନର ପ୍ରଥମ ଆଇଏସଟିଇ ଡିପ୍ଲୋମାସ୍ତରୀୟ ଛାତ୍ର ସମ୍ମିଳନୀରେ ସୋଆ ବିଶ୍ୱବିଦ୍ୟାଳୟର ଭାଇସ ଚ଼ାନ୍ସେଲର ପ୍ରଫେସର ପିକେ ନନ୍ଦଙ୍କ ଦ୍ୱାରା ପ୍ରତିଷ୍ଠାନ ସମ୍ବାଦ ପତ୍ରର ଉନ୍ମୋଚ଼ନ ହୋଇଯାଇଛି । ଏହି ଅବସରରେ ଆଇଏସଟିଇର ଅଧ୍ୟକ୍ଷ ପ୍ରଫେସର ପ୍ରବତ କୁମାର ପାଢ଼ୀ, ପରିଚ଼ାଳନା ଟ୍ରଷ୍ଟି ଇଂ ସରୋଜ ସାହୁ, ବିଓଜିର ଅଧ୍ୟକ୍ଷ ଆରଏନ ଦାଶ ଏବଂ ପ୍ରିନ୍ସିପାଲ ଇଂ ବିଷ୍ଣୁ ଚ଼ରଣ ପାତ୍ର ଉପସ୍ଥିତ ଥିଲେ ।

## ଆଠ ମାସର ତଥ୍ୟ ମାଗିଲେ ମିଳୁଛି ମାତ୍ର ଏକ ମାସର; ବାଟବଣା ସୂଚ଼ନା ଅଧିକାର ଆଇନ

**ଓଡ଼ାପଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଓଡାପଡାରେ ମିଶନ ଶକ୍ତି ବିଭାଗ ରେ ସୂଚ଼ନା ଅଧିକାର ଆଇନରେ ସୂଚ଼ନା ମାଗିଲେ ମିଳୁଛି ବିଭ୍ରାନ୍ତିକର ତଥ୍ୟ । ମିଶନଶକ୍ତି ବାବଦରେ ମଗା ଯାଇଥିବା ତଥ୍ୟ ନଦେଇ ଜାଣି ଶୁଣି ଲୁଚ଼ାଉଛି ବ୍ଲକ୍ ପ୍ରଶାସନ । ସରକାର ଗଣତନ୍ତ୍ରରେ ଦୁର୍ନୀତିକୁ ଏଡାଇବାକୁ ତଥା ସ୍ୱଚ୍ଛତା ରଖିବା ପାଇଁ ୨୦୦୫ ମସିହାରେ ସୂଚ଼ନା ଅଧିକାର ଆଇନକୁ ସମ୍ବିଧାନରେ ଯୋଡି ନୂତନ ଆଇନ ପ୍ରଣୟନ କଲେ । ଏହାର ମୁଖ୍ୟ ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ଥିଲା କିପରି ଗଣତନ୍ତ୍ର ଅଧିକରୁ ଅଧିକ ସ୍ୱଚ୍ଛ ଓ ଦୁର୍ନୀତି ମୁକ୍ତ ହୋଇପାରିବ । ଯେଉଁଥିରେ ସାଧାରଣ ନାଗରିକଟିଏ, ଯେକୌଣସି ଜିଲ୍ଲାର ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ, ସୂଚ଼ନା ଆଇନ ବଳରେ ନିର୍ଦ୍ୱନ୍ଦ୍ୱରେ ସମସ୍ତ ସଠିକ ତଥ୍ୟ ପାଇଁ ପାରିବ । ବାସ୍ତବରେ କିନ୍ତୁ ଏହି ଆଇନଟି ଓଡାପଡା ବ୍ଲକରେ କାଗଜ କଲମରେ ସୀମିତ ହୋଇ ରହିଯାଇଛି । ବ୍ଲକ ସ୍ତରରେ ଏହାର ଉପଯୋଗ ସଠିକ ଭାବରେ ହୋଇପାରୁଛି ନାଁ ସୂଚ଼ନା ଅଧିକାର ଆଇନ ବଳରେ ଓଡାପଡ଼ା ବ୍ଲକ ଅଞ୍ଚଳର ସାଧାରଣ ନାଗରିକଟିଏ ସଠିକ ତଥ୍ୟ ପାଇପାରୁଛି । ସୂଚ଼ନା ଅନୁସାରେ ଗତ ଜୁଲାଇ ୨୩ ରିଖରେ ସୂଚ଼ନା ଅଧିକାର ଆଇନ ବଳରେ ଓଡାପଡା ଜୀବିକା ମିଶନ ବିଭାଗରେ କାର୍ଯ୍ୟରତ ବିଏଲସି ମହୋଦୟାଙ୍କ ବିଷୟରେ ସବିଶେଷ ତଥ୍ୟ ମଗାଯାଇଥିଲା, କିନ୍ତୁ ଦୁଃଖ ଓ ପରିତାପର ବିଷୟ, ବ୍ଲକ ପ୍ରଶାସନକୁ ମଗା ଯାଇଥିବା ସୂଚ଼ନାର ସମ୍ପୂର୍ଣ୍ଣ ତଥ୍ୟ ନଦେଇ ନିଜର ଦୋଷ ଦୁର୍ବଳତାକୁ ଲୁଚ଼ାଇବାକୁ ଯାଇ ଜାଣି ଶୁଣି ଅସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇଥିବା ଅଭିଯୋଗ ହେଉଛି । ମଗାଯାଇଥିବା ସୂଚ଼ନା ଅନୁସାରେ କାର୍ଯ୍ୟରତ ବିଏଲସି ପୂର୍ଣ୍ଣିମା ପାତ୍ର ମହୋଦୟା ଚ଼ାକିରିରେ ଯୋଗ ଦେବାଦିନଠାରୁ ଆଜି ପର୍ଯ୍ୟନ୍ତ କେତେ ଦିନ ଛୁଟି ନେଇଥିଲେ । କିନ୍ତୁ ଦୁଃଖର କଥା ନିଯୁକ୍ତି ପାଇବାର ପ୍ରାୟ ଆଠ ମାସ ବିତି ଯାଇଥିଲେ ମଧ୍ୟ ଜାଣିଶୁଣି ସମ୍ପୂର୍ଣ୍ଣ ତଥ୍ୟ ନ ଦେଇ ସୂଚ଼ନା ଅଧିକାର ଆଇନ ଚ଼ିଠି ନଂ ୪୩୮୦ରେ କେବଳ ଜୁଲାଇ ମାସର ତଥ୍ୟ ପ୍ରଦାନ କରିଥିଲେ । ଆଶ୍ଚର୍ଯ୍ୟର କଥା ସେହି ମାସରେ ଗୋଟିଏ ବି ଛୁଟି ନେଇ ନଥିବା ଦର୍ଶାଇଛନ୍ତି । ଏଠି ପ୍ରଶ୍ନ ଉଠୁଛି ସମ୍ପୂର୍ଣ୍ଣ ତଥ୍ୟ କାହିଁକି ପ୍ରଦାନ କରାଗଲା ନାହିଁ । କେଉଁ ଭୁଲକୁ ଘଣ୍ଟ ଘୋଡାଇବା ପାଇଁ ଏଭଳି ଦାୟିତ୍ୱହୀନ ତଥ୍ୟ ପ୍ରଦାନ କରିଛି ବ୍ଲକ୍ ପ୍ରଶାସନ । ଏହି କର୍ମଚ଼ାରୀ ମହୋଦୟା ଅଧାରୁ ଅଧିକ ଦିନ ଅନୁପସ୍ଥିତ ରହୁଥିବା ସହିତ ଅଧିକାଂଶ ଦିନ ପ୍ରାୟ ୧୧ଟା ପରେ ଆସୁଥିବାର ଅଭିଯୋଗ ବାରମ୍ବାର ହୋଇଆସୁଥିବା ବେଳେ ଜୁଲାଇ ମାସରେ ଗୋଟିଏ ବି ଛୁଟି ନେଇନଥିବା ଦର୍ଶାଇଥିବା କଥା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚ଼କିତ କରିଛି । ନିଜ ଛୁଟି ତାଲିକାର ଦୁର୍ନୀତି ପଦାରେ ପଡ଼ିଯିବା ଭୟରେ ଜାଣିଶୁଣି ଆଉ ସାତ ମାସର ତଥ୍ୟ ପ୍ରଦାନ କରିନାହାନ୍ତି କି ? କେବଳ ସେତିକି ନୁହେଁ,ଏମିତି ଅନେକ ତଥ୍ୟ ମଗା ଯାଇଥିଲେ ମଧ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସଂପୂର୍ଣ୍ଣ ତଥ୍ୟ ଦେବାରେ ବିଫଳ ହୋଇଛି ଓଡ଼ାପଡ଼ା ବ୍ଲକ୍ ପ୍ରଶାସନ ।

## କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

**କଳାହାଣ୍ଡି: ଏକ୍ସପ୍ରେସ ନ୍ୟୁଜ୍**

ଗ୍ରାମବାସୀଙ୍କ ଅବରୋଧ । ଦୁର୍ଘଟଣାରେ ମୃତ୍ୟୁ ପରେ କ୍ଷତିପୂରଣ ଦାବି ନେଇ ଗ୍ରାମବାସୀଙ୍କ ପକ୍ଷରୁ ବିଜୁ ଏକ୍ସପ୍ରେସ୍‌ୱେ ଅବରୋଧ କରାଯାଇଛି । କଳାହାଣ୍ଡି ଜିଲ୍ଲା କୋକସରା ଥାନା ବିଜୁ ଏକ୍ସପ୍ରେସ୍‌ୱେ ନିକଟରେ ରାସ୍ତା ଅବରୋଧ ହୋଇଛି ।

ରବିବାର କଳାହାଣ୍ଡି ଜିଲ୍ଲା କୋକସରା ଥାନା ବିଜୁ ଏକ୍ସପ୍ରେସ୍ ୱେରେ ଥିବା ଏକ ଢାବା ନିକଟରେ ଖୁଣ୍ଟିଆ ଗାଁର ତରୁଣ ଦୁର୍ଗା ନାମକ ବୃଦ୍ଧଙ୍କୁ ଆଇଚ଼ର ଗାଡ଼ି ଧକ୍କା ଦେଇଥିଲା । ଦୁର୍ଘଟଣା ପରେ ଡ୍ରାଇଭର ଏବଂ ହେଲପର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ଅନ୍ୟପଟେ ଦୁର୍ଘଟଣା ପରେ ଗୁରୁତର ବୃଦ୍ଧଙ୍କୁ କୋକସରା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । କୋକସରା ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁ ହୋଇଥିବା ବୃଦ୍ଧଙ୍କ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତା ଅବରୋଧ କରାଯାଇଛି । କ୍ଷତିପୂରଣ ଚ଼ାଲିଛି ରାସ୍ତା ଅବରୋଧ । ଯାହାଫଳରେ ଶହ ଶହ ଗାଡ଼ି ଅଟକି ରହିଛି । ବାକି କୋକସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଛି ।

## ମୃତ ଦାଦନ ଶ୍ରମିକଙ୍କ ଶବ ଗାଁକୁ ଫେରିଲା

**ରାଜନଗର: ଏକ୍ସପ୍ରେସ ନ୍ୟୁଜ୍**

ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଖମାରସାହି ପଞ୍ଚାୟତ ଅନ୍ତର୍ଗତ ନଳିତାପାଟିଆ ଗ୍ରାମର ପ୍ରଫୁଲ୍ଲ ମଳିକଙ୍କ ପୁଅ ସୁକାନ୍ତ ମଳିକ (୩୩) ଶବ ଗାଁକୁ ଫେରିଛି । କେରଳର ଏର୍ଣ୍ଣାକୁଲମଠାରେ ଥିବା ଲାମିନାର ଲାମିନେସନ ପ୍ରାଇଭେଟ ଲିମିଟେଡ ପ୍ଲାଏଉଡ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିବା ବେଳେ ଗତ ଗୁରୁବାର ସକାଳେ ପ୍ଲାଏ (ଥାକ) ଗଦାଗୁଡିକ ତାଙ୍କ ଉପରେ ଖସି ପଡିଥିଲା । ପ୍ଲାଏ ତଳେ ଚ଼ାପି ହୋଇ ସୁକାନ୍ତ ମୃତ୍ୟୁବରଣ କରିଥିଲେ । ସେ କାମ କରୁଥିବା କମ୍ପାନୀ ଶବକୁ ଆମ୍ବୁଲାନ୍ସରେ ଘରକୁ ପଠାଇଛି । ଯାହା ରବିବାର ଅପରାହ୍ନରେ ପହଞ୍ଚିବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଗାଁ ଶ୍ମସାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ମୃତକଙ୍କ ପରିବାରକୁ ଶ୍ରମ ବିଭାଗ ପକ୍ଷରୁ ୨୦ ହଜାର ଓ ଜିଲ୍ଲାପାଳ ରେଡ଼କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ଦିଆଯାଇଥିବା ଖବର ମିଳିଛି । ଘରେ ତାଙ୍କର ସ୍ତ୍ରୀ, ଦୁଇ ନାଳିକା ଝିଅ (୭ ଓ ୯ବର୍ଷ) ଓ ଅଢେଇ ବର୍ଷର ପୁଅ ଅଛନ୍ତି ।

## ଅଣଦେଖାରୁ ମାଈ ହାତୀର ମୃତ୍ୟୁ ସନ୍ଦେହ

**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଜଳେଶ୍ୱର ବ୍ଲକ, ରାଇବଣିଆ ।ରେ ୩୦ଟିକିଆ ଶିମିଳିପାଳ ହାତୀପଲ ୨୦ଦିନ ହେବ ତାଣ୍ଡବ ରଚିଆସୁଥିବା ବେଳେ ରବିବାର ଏକ ଅସୁସ୍ଥ ମାଈ ହାତୀର ମୃତ୍ୟୁ ଘଟିଛି । ଘଟଣାସ୍ଥଳରେ ଜଳେଶ୍ୱର ରେଞ୍ଜର ସମସ୍ତ ଅଧିକାରୀ ଓ କର୍ମଚ଼ରୀ ଉପସ୍ଥିତ ରହିଥିବା ବେଳେ ସୋମବାର ତାର ଶବ ବ୍ୟବଚ୍ଛେଦ ହୋଇ ପୋତି ଦିଆଯାଇଛି । ଶିମିଳିପାଳର ୩୦ଟି ହାତୀ ରାଇବଣିଆ ଅଞ୍ଚଳରେ ୨୦ଦିନ ହେବ ରହି ଆସୁଥିଲା ବେଳେ ହାତୀଗୁଡିକ ୩ରୁ ୪ଟି ଦଳରେ ବିଭିକ୍ତ ହୋଇ ବିଭିନ୍ନ ଜଙ୍ଗଲରେ ବିଚରଣ କରୁଥିଲେ । ଦିନବେଳେ ଜଙ୍ଗଲ ଭିତରେ ଲୁଚି ରହିଆସୁଥିବା ବେଳ ରାତି ହେଲେ ନିକଟସ୍ଥ ଚ଼ଷଜମିରେ ପଶି ଫସଲ ଖାଇବା ସହିତ ନଷ୍ଟ ମଧ୍ୟ କରି ଆସୁଥିଲେ । ବନବିଭାଗ ପକ୍ଷରୁ ସେମାନଙ୍କ ଉପରେ ସତର୍କ ଦୃଷ୍ଟି ରଖାଯିବା ସହିତ ଜନସାଧାରଣଙ୍କୁ ମଧ୍ୟ ସଚେତନ କରୁଥିଲେ । ଗତ ୨ଦିନ ତଳେ ସୁକଯୋଡି ଜଙ୍ଗଲରେ ଏକ ମାଈ ହାତୀ ଅସୁସ୍ଥ ହୋଇଥିବା ନଜରକୁ ଆସିଥିଲା । ହାତୀଟି ବେଶୀ ଚଳପ୍ରଚଳ କରୁନଥିବା ବେଳେ ଖାଦ୍ୟ ମଧ୍ୟ ଖାଉନଥିଲା । ଶନିବାର ବନବିଭାଗ ବିଳମ୍ବରେ ଜାଣିବାପରେ ହାତୀକୁ ଠାବ କରିଥିଲେ । ହାତୀଟିର



ପଛଗୋଡ ଘୋଷାରି ଚ଼ଳୁଥିବା ବେଳେ ତାର ଝାଡାରେ ନାଳ ପଡୁଥିବା ଦେଖିବାକୁ ମିଳିଥିଲା । ମାତ୍ର ବିଶେଷ ଚିକିତ୍ସା କରାଯାଇନଥିବା ବେଳେ ରବିବାର ଅପରାହ୍ନ ୫ଟାରେ ଶ୍ୟାମନଗର ପଞ୍ଚାୟତର ଧାନଘେରା ନିକଟ ପଞ୍ଚାୟତ ଅଫିସ ନିକଟ ଜଙ୍ଗଲରେ ତାର ମୃତ୍ୟୁ ହୋଇଛି । ଖବର ପାଇ ଜଳେଶ୍ୱର ରେଞ୍ଜର ଜୟଶ୍ରୀ ମୁର୍ମୁ, ଫରେଷ୍ଟର ପ୍ରହଲ୍ଲାଦ ନାୟକ, ବନକର୍ମଚ଼ରୀ, ରାଇବଣିଆ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିଲେ । ଡିଏଫଓଙ୍କ ନିର୍ଦ୍ଦେଶରେ କୁଳଡିହାରୁ ଟିମ୍ ଆସିବାପରେ ସୋମବାର ବ୍ୟବଚ୍ଛେଦ ହୋଇ ପୋତି ଦିଆଯାଇଛି । କିନ୍ତୁ ଅଯଥାରେ ହାତି ମୃତ୍ୟୁକୁ ନେଇ ପରିବେଶବିତ ଓ ହାତି ପ୍ରେମୀ ପକ୍ଷରୁ ତିବ୍ର ସମାଲୋଚନା ହେଉଛି । ସୂଚନାଯୋଗ୍ୟ ପ୍ରାଣୀଚିକିତ୍ସକ ରବିବାର ଆସି ହାତୀର କେବଳ ଫଟୋ ଉଠାଇ ଚ଼ଲିଯାଇଥିବା ବେଳେ କଦଳୀ ସାହାର୍ଯ୍ୟରେ ଚିକିତ୍ସା କରିଥିବା ଗ୍ରାମବାସୀମାନେ କହୁଛନ୍ତି । ଏହାସହିତ ଶସ୍ୟ ନଷ୍ଟ କରୁଥିବାରୁ ଅନ୍ୟ କେହି ଖାଦ୍ୟରେ ବିଷ ମିଶାଇ କିମ୍ବା ମାରଣାସ୍ତ୍ରରେ ଆକ୍ରମଣ ଜନିତ ହାତୀର ମୃତ୍ୟୁ ହେଉଥିବା ଚର୍ଚ୍ଚା ଜୋର୍ ଧରିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ହାତୀ ମୃତ୍ୟୁ ଉପରୁ ପରଦା ଉଠିବ ବୋଲି କୁହାଯାଉଛି ।

## ଭକ୍ତ ଶିରୋମଣି ଦାସିଆଙ୍କ ଜୟନ୍ତୀ ଉତ୍ସବ

**ପିପିଲି: ଏକ୍ସପ୍ରେସ ନ୍ୟୁଜ୍**

ପଞ୍ଚଦଶ ଶତାବ୍ଦୀର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅନନ୍ୟ ଭକ୍ତ ଶିରୋମଣି ଦାସିଆଙ୍କ ପବିତ୍ର ଜୟନ୍ତୀ ଉତ୍ସବ କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିରେ ପୁରୀ ଜିଲ୍ଲା ପିପିଲି ବ୍ଲକ୍ ଅନ୍ତର୍ଗତ ବାଲିଗାଁଠାରେ ଭକ୍ତଙ୍କ ଜନ୍ମ ଓ ସାଧନା ପୀଠରେ ମହାସମାରୋହରେ ପାଳିତ ହୋଇଯାଇଅଛି । ପ୍ରାତଃ ୬ଘରୁ ଭକ୍ତଙ୍କ ସମାଧି ପୀଠରେ ଭକ୍ତ ଦାସିଆ ସ୍ମୃତି କମିଟିର ବରିଷ୍ଠ ସଦସ୍ୟ ତଥା ନିକଟବର୍ତ୍ତୀ ଅଞ୍ଚଳର ବହୁ ଧର୍ମ ପରାୟଣ ବ୍ୟକ୍ତିମାନେ ପୁଷ୍ପ ମାଲ୍ୟାର୍ପଣ, ବେଦ, ଗୀତା ପାଠ ଓ ଭକ୍ତ ଦାସିଆ ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟମାନେ ନଗର ସଂକୀର୍ତ୍ତନ, ଅଖଣ୍ଡ ମହାମନ୍ତ୍ର ଜପ ସହିତ ପୀଠସ୍ଥ ମହାପ୍ରଭୁ ଶ୍ରୀଜଗନ୍ନାଥ ମନ୍ଦିରରେ ମଙ୍ଗଳ ଆଳତୀ, ସକାଳ ଧୂପ, ମଧ୍ୟାହ୍ନ ଧୂପ ସହିତ ପାର୍ଶ୍ୱ ଦେବାଦେବୀଙ୍କ ସମସ୍ତ ପୂଜାକର୍ମ ସଂପାଦିତ ହୋଇଥିଲା । ସ୍ମୃତି କମିଟି ଦ୍ୱାରା ଆୟୋଜିତ ସାଧାରଣ ସଭାରେ ଅନୁଷ୍ଠାନର ସଭାପତି ଡଃ ପ୍ରତିଭା ମହାରଥୀ ଅଧ୍ୟକ୍ଷତା କରି ଶ୍ରୀଜଗନ୍ନାଥ ସଂସ୍କୃତିରେ ଭକ୍ତ ଦାସିଆଙ୍କ ଅବଦାନ ବିଭିନ୍ନ ଉପାଖ୍ୟାନ ଦେଇ ସ୍ମୃତିଚାରଣ କରିଥିଲେ । ଭୁବନେଶ୍ୱରର କେୟାର ହସ୍ପିଟାଲର ବିଶିଷ୍ଟ ହୃଦରୋଗ ବିଶେଷଜ୍ଞ ଡାକ୍ତର ବିପିନି ବିହାରୀ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱରର ପ୍ରାକ୍ତନ କୁଳପତି ଡଃ ରାଜେନ୍ଦ୍ର ପ୍ରସାଦ ମହାନ୍ତି ମୁଖ୍ୟ ବକ୍ତାଭାବେ ଭକ୍ତଙ୍କ ସ୍ମୃତିଚାରଣ କରିଥିଲେ । ବିଶିଷ୍ଟ ଶିକ୍ଷାବିତ ତଥା କିଟ୍ +୨ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଚିତ୍ତରଞ୍ଜନ ମିଶ୍ର ଓ ଡେଲାଙ୍ଗ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ସମାନ୍ତରାୟ ଏବଂ ୱାଲ୍‌ଲେଟ ଫର୍ ଓଏଲଥ୍ ମ୍ୟାନେଜମେଣ୍ଟ୍‌ର ମ୍ୟାନେଜିଙ୍ଗ ଡାରେକ୍ଟର ତ୍ରିନାଥ ଲେଙ୍କା ସମ୍ମାନୀତ ଅତିଥିଭାବେ ଭକ୍ତ ଦାସିଆ କାୟ ମନୋବାକ୍ୟରେ କିଭଳି ସମ୍ପୂର୍ଣ୍ଣଭାବେ ପ୍ରଭୁଙ୍କ ଶ୍ରୀପୟରେ ସମର୍ପିତ ଥିଲେ ତାହା ଭାବ ବିହ୍ୱଳିତ ହୋଇ ବର୍ଣ୍ଣନା କରିଥିଲେ । ଅନୁଷ୍ଠାନର ସାଧାରଣ ସଂପାଦକ ଡଃ ଘନଶ୍ୟାମ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାଂସ୍କୃତିକ ସଂପାଦକ ସରୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଆଧାତ୍ମିକ ତ୍ରୟୋମାସିକ ପତ୍ରିକା ଭାବକୁ ନିକଟର ୧୦ମ ବର୍ଷର ୪ର୍ଥ ସଂସ୍କରଣ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ଏହି ଅବସରରେ ନିକଟବର୍ତ୍ତୀ ଅଞ୍ଚଳରୁ ବହୁ ଶିଶୁ କଣ୍ଠଶିଳ୍ପୀମାନେ ଏକତ୍ରିତ ହୋଇ ଭଜନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପରୀ ଡ୍ୟାନସ ଆକାଡେମୀର ପରିଚାଳନା ନିର୍ଦ୍ଦେଶକ ଡଃ ନାରାୟଣ ପାଣ୍ଡେ ଓ ତାଙ୍କର ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା । ସମସ୍ତ ଉପସ୍ଥିତ ଶ୍ରଦ୍ଧାଳୁମାନେ ପ୍ରସିଦ୍ଧ ଜାଉ ଶାଗ ଭୋଗ ଓ ପ୍ରସାଦ ସେବନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ମୃତି କମିଟିର ବରିଷ୍ଠ ସଦସ୍ୟ, ଅର୍ଜ୍ଜୁନ ଚରଣ ସାମଲ, ଡଃ ବାସନ୍ତୀ ଦାସ, ଶିକ୍ଷାବିତ୍ ବୃନ୍ଦାବନ ମହାପାତ୍ର, ଅକ୍ଷୟ କୁମାର ସାହୁ, ପ୍ରତାପ ଚନ୍ଦ୍ର ସିଂ ବିଶିଷ୍ଟ ସଂଗୀତଜ୍ଞ ଅଜୟ ଦାସ, ଆଞ୍ଚଳିକ କମିଟିର ସଦସ୍ୟ ସ୍ୱୟଂ ପ୍ରକାଶ ପରିଡ଼ା, ରମେଶ ଚନ୍ଦ୍ର ପ୍ରଧାନ, ଯୁଧିଷ୍ଠିର ପରିଡ଼ା, କୃଷ୍ଣଚନ୍ଦ୍ର ଲେଙ୍କା, କବିନ୍ଦ୍ର ବେହେରା, ଗିରିଧାରୀ ପଲାଇ, ରାଜନ ଛାଟୋଇ, ସାଗର ବଳ ତଥା ବାଲିଗ୍ରାମର ଗ୍ରାମବାସୀମାନେ ପରିଚାଳନା ଦାୟିତ୍ୱରେ ଅଂଶଗ୍ରହଣ କରିଥିଲେ ।




## ବାଣିଜ୍ୟ

### 'ହ୍ୱାଟ୍ସଆପ୍' ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଲେ ମସ୍କ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଟେସଲା ଏବଂ ଷ୍ଟାରଲିଙ୍କ ଭଳି କମ୍ପାନୀର ମାଲିକ ଏଲନ ମସ୍କ ମେଟାର ହ୍ୱାଟ୍ସଆପ୍ ଉପରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି । ସେ କହିଛନ୍ତି ଯେ, ଲୋକମାନେ କ'ଣ ମେସେଜ କରୁଛନ୍ତି ହ୍ୱାଟ୍ସଆପ ସବୁ ଜାଣିଛି । ଏହାଦ୍ୱାରା ବ୍ୟବହାରକାରୀଙ୍କୁ କେଉଁ ବିଜ୍ଞାପନ ଦେଖାଇ ହେବ ତାହା ନିର୍ଣ୍ଣୟ କରିବାରେ ହ୍ୱାଟ୍ସଆପକୁ ସୁବିଧା ହେଉଛି । ଏହା ସୁରକ୍ଷାର ବଡ଼ ତ୍ରୁଟି ବୋଲି କହିଛନ୍ତି ମସ୍କ । ଏହା ସହ ହ୍ୱାଟ୍ସଆପ୍‌କୁ ମାତ ଦେବାକୁ ସେ ଏକ୍ସଚାଟ୍ ଲଞ୍ଚ ନେଇ ଘୋଷଣା କରିଛନ୍ତି । ଏକ୍ସଚାଟ୍ ଲଞ୍ଚ ହୋଇଛି ବୋଲି କେତେକ ମିଡିଆ ରିପୋର୍ଟରେ ଦାବି ହୋଇଛି । କିନ୍ତୁ ଏହା ୟୁଜର୍ସଙ୍କ ପାଇଁ ଉପଲବ୍ଧ ହୋଇନାହିଁ । ଏହା ଏମିତି ଏକ ଆପ୍ ହେବ, ଯାହା ହ୍ୱାଟସଆପ ସହିତ ପ୍ରତିଯୋଗିତା କରିବ । ଏହା ଆଗାମୀ କିଛି ମାସ ମଧ୍ୟରେ ୟୁଜର୍ସଙ୍କ ପାଇଁ ଉପଲବ୍ଧ ହେବ । ଏହି ଆପ୍ ସ୍ମାର୍ଟଫୋନରେ ବ୍ୟବହାର କରାଯାଇପାରିବ । ଏହି ଆପ୍ ମସ୍କଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ସହ ଇଣ୍ଟିଗ୍ରେଟ୍ ବା ଯୋଡ଼ି ହେବ ।

ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଏଲନ ମସ୍କ କହିଛନ୍ତି ଏକ୍ସଚ଼ାଟ୍ ଆପ୍‌ରେ ୟୁଜର୍ସ ଏଣ୍ଡ-ଟୁ-ଏଣ୍ଡ ଏନକ୍ରିପ୍ସନ୍ ପାଇବେ । ଏହା ବିଟକଏନ୍ ପରି ଏକ ପିଅର-ଟୁ-ପିଅର ସିଷ୍ଟମ ଉପରେ ଆଧାରିତ ହେବ । 'ଜୋ ରେଗାନ ପୋଡକାଷ୍ଟ'ରେ ମସ୍କ ଦାବି କରିଛନ୍ତି ଯେ, ଏକ୍ସଚ଼ାଟ୍ ଆପ୍ ସମ୍ପୂର୍ଣ୍ଣ ସୁରକ୍ଷିତ ରହିବ । ୟୁଜର୍ସଙ୍କୁ ୟୁଜର୍ସଙ୍କୁ ଅଧିକ ତଥ୍ୟ ଦେବାକୁ ପଡ଼ିବ ନାହିଁ । ସେମାନଙ୍କ ଚ଼ାଟ୍ ସଂପୂର୍ଣ୍ଣ ଗୋପନୀୟ ରହିବ ଏବଂ 'ଏକ୍ସ' ମଧ୍ୟ ସେହି ମେସେଜ୍ ପଢ଼ିପାରିବେ ନାହିଁ । ଲୋକମାନେ ଏକ୍ସଚ଼ାଟ୍‌ରେ ପରସ୍ପରକୁ ସିଧାସଳଖ ବାର୍ତ୍ତା ପଠାଇପାରିବେ, ଫାଇଲ୍ ସେୟାର କରିପାରିବେ ଏବଂ ଅଡିଓ ଓ ଭିଡିଓ କଲ୍ କରିପାରିବେ ।

ସେପଟେ ହ୍ୱାଟ୍ସଆପ୍ ବିରୋଧରେ ମସ୍କ ଅଭିଯୋଗ ଆଣିଛନ୍ତି ସତ, କିନ୍ତୁ କୌଣସି ପ୍ରମାଣ ଦେଇନାହାନ୍ତି । ହ୍ୱାଟ୍ସଆପ୍ ଲଗାତାର ଦାବି କରିଆସୁଛି ଯେ, ପରସ୍ପରକୁ ପଠାଯାଉଥିବା ମେସେଜଗୁଡ଼ିକ ସମ୍ପୂର୍ଣ୍ଣ ସୁରକ୍ଷିତ । ହ୍ୱାଟ୍ସଆପ୍ ବିରୋଧରେ ମସ୍କଙ୍କ ଅଭିଯୋଗରେ କୌଣସି ସତ୍ୟତା ନଥିବା ମନେ ହେଉଛି । ଏହା ତାଙ୍କର ଏକ୍ସଚ଼ାଟ୍ ପ୍ରଚ଼ାର କରିବା ପାଇଁ ଏକ ଚ଼ାଲ୍ ମଧ୍ୟ ହୋଇପାରେ । ପୂର୍ବରୁ ମସ୍କ ମଧ୍ୟ ଏଭଳି କାର୍ଯ୍ୟ କରିସାରିଛନ୍ତି । ୱିକିପିଡିଆର ସମାଲୋଚ଼କ ମସ୍କ ଗ୍ରକ୍‌ପିଡିଆ ଲଞ୍ଚ କରିଥିଲେ ।




କୌଣସି ବିଜ୍ଞାପନ ଦେଖିବାକୁ ପଡ଼ିବ ନାହିଁ ଏବଂ ସେମାନଙ୍କର ଚ଼ାଟ୍ ସୁରକ୍ଷିତ ରହିବ । ମସ୍କ ଏହା ମଧ୍ୟ କହିଛନ୍ତି ଯେ, ଏକ୍ସଚାଟ୍ କୌଣସି ତୃତୀୟ-ପକ୍ଷ ସେବା ବ୍ୟବହାର କରିବ ନାହିଁ । ଫଳରେ ୟୁଜର୍ସଙ୍କ ଡାଟା ସୁରକ୍ଷିତ ରହିପାରିବ ।

ଏଲନ୍ ମସ୍କ ଦାବି କରିଛନ୍ତି ଯେ, ତାଙ୍କର ନୂତନ ଆପ୍‌ରେ କୌଣସି ବିଜ୍ଞାପନ ଆସିବନି ।

## ଗୋରୁ ପଲଙ୍କ ଦ୍ୱାରା ମୁଖ୍ୟରାସ୍ତା ଅବରୋଧ, ଯାତାୟତ ବାଧାପ୍ରାପ୍ତ

**ହିନ୍ଦୋଳ: ଏକ୍ସପ୍ରେସ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ୍‌ଏସି ଓ ଉପଖଣ୍ଡ ସଦର ମହକୁମାକୁ ସଂଯୋଗ କରୁଥିବା ସାତମାଇଲ-ହିନ୍ଦୋଳ ମୁଖ୍ୟ ରାସ୍ତାର କାନ୍ଦରାଶୁଣି ଓ ତାରିଣୀ ବିହାର ନିକଟରେ ପ୍ରତିଦିନ ସକାଳୁ ମୁଖ୍ୟରାସ୍ତା ଉପରେ ଗୋରୁପଲ ଗୋଠ ବାନ୍ଧି ବସି ରହିଥିବାରୁ ରାସ୍ତାରେ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି । କେବଳ ସେତିକି ନୁହେଁ ଏନ୍‌ଏସିର ପ୍ରବେଶପଥ ୧୨ନଂ ୱାର୍ଡ ଧୂଳିଆମୁଣ୍ଡା ଠାରୁ ୩ନଂ ୱାର୍ଡ ଅନ୍ତର୍ଗତ ବସ ଷ୍ଟାଣ୍ଡ ଛକ, ଅମଲା ପଡ଼ା ସାହି ଓ ୨ନଂ ୱାର୍ଡ ହରିହାଟ ସାହିର ମୁଖ୍ୟରାସ୍ତାମାନଙ୍କରେ ଅପରାହ୍ନ ୩ଟାପର ଠାରୁ ଗୋରୁପଲ ମେଳି ବାନ୍ଧି ବସି ରହିଥିବାରୁ ଯାତାୟାତ ବାଧାପ୍ରାପ୍ତ ହେଉ ଅଛି । ଏସମ୍ପର୍କରେ ଏନ୍‌ଏସି କର୍ତ୍ତୃପକ୍ଷ ଓ ଉପଖଣ୍ଡ ପ୍ରଶାସନ ସମସ୍ତ ସମସ୍ୟା ଜାଣି ଶୁଣିବି ପଦକ୍ଷେପ ନେଉ ନଥିବାରୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ସମାଲୋଚ଼ନା କରା ଯାଉଛି । ୨୦୧୩ ମସିହା ଠାରୁ ହିନ୍ଦୋଳ ଏନ୍‌ଏସି ଗଠନ ହେବା ପରେ ଏଠାରେ ଏଭଳି ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ବୁଲା ଷଣ୍ଢଙ୍କ ସଂଖ୍ୟା ବଢିବା ସହିତ ସେମାନଙ୍କ ଦୌରାତ୍ମ୍ୟ ଯୋଗୁଁ ସ୍ଥାନୀୟ ବସ ଷ୍ଟାଣ୍ଡ ଛକ, ଲକ୍ଷ୍ମିବଜାର ଓ ମେଡିକାଲ୍ ଛକ ଆଦି ସ୍ଥାନମାନଙ୍କରେ ସଂଧ୍ୟା ପର ଠାରୁ ଷଣ୍ଢ ଲଢେଇ ଯୋଗୁଁ ଯାନ ବାହାନ କ୍ଷତି ଗ୍ରସ୍ତ ହେଉ ଥିବା ବେଳେ ସ୍ଥାନୀୟ ଲୋକେ ଭୟ ଭିତ ହୋଇ ପଡୁଛନ୍ତି । ପରିସ୍ଥିତି ଏଭଳି ହୋଇ ପଡୁଚ଼ି ଯେ ଭାରି ଯାନ ଓ ଚ଼ାରି ଚ଼କିଆ ଯାନ ଯାତାୟାତ କରିବା ତ ଦୁରର କଥା ଦୁଇ ଚ଼କିଆ ଯାନଟିଏ ମଧ୍ୟ ସହଜରେ ଆଗକୁ ଗଡ଼ି ପାରୁ ନାହି । ଲୋକ ଦେଖାଣିଆ ପଦକ୍ଷେପ ସ୍ୱରୂପ ସଦ୍ୟ ସମାପ୍ତ ଲକ୍ଷ୍ମୀ ପୂଜା ସମୟରେ ଏନ୍‌ଏସି ପକ୍ଷରୁ ରାସ୍ତା ଉପରୁ ଗୋରୁପଲଙ୍କୁ ହଟାଇବା ପାଇଁ କେତେକ ସଫେଇ କର୍ମଚ଼ାରୀଙ୍କୁ ସାମୟିକ ନିୟୋଜିତ କରାଯାଇ ଥିବାଦେଖା ଯାଇଥିଲା । ତେବେ ତା'ପର ଠାରୁ ସେସବୁ ବନ୍ଦ ହୋଇଯାଇଛି । ଫଳରେ ଗୋରୁପଲ ଯଥା ପୂର୍ବମ୍ ତଥା ପରମ୍ ରାସ୍ତା ଉପରେ ଆଡ୍ଡା ଜମାଇ ବସି ରହୁଛନ୍ତି । ଏଠାରେ ଗୋରୁ ପଲଙ୍କୁ ନିୟନ୍ତ୍ରଣ କରିବା, ନିଜ ଗୁହାଳେ ବାନ୍ଧି ରଖିବା ପାଇଁ ଏନ୍‌ଏସି ପକ୍ଷରୁ କେବଳ ମଝିରେ ମଝିରେ ପ୍ରଚ଼ାର ପ୍ରସାର ମାଧ୍ୟମରେ ସଚେତେନତାର ବାର୍ତ୍ତା ବଣ୍ଟା ଯାଇଥାଏ । ତା'ପର ଠାରୁ ସାଉଣ୍ଡ ମାଧ୍ୟମରେ ପ୍ରଚ଼ାର ଦୀର୍ଘ ଦିନ ଧରି ବନ୍ଦ ରହିଥାଏ । ସରକାରୀସ୍ତରରେ ଏ ଦିଗରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଏନ୍‌ଏସି ବାସି ଦୃଢ ଦାବି କରିଛନ୍ତି ।



## ଆରପାରିରେ ଅଭିନେତା ପଙ୍କଜ ତ୍ରିପାଠୀଙ୍କ ମା'



**ପାଟନା: ଏକ୍ସପ୍ରେସ ନ୍ୟୁଜ୍**

ଅଭିନେତା ପଙ୍କଜ ତ୍ରିପାଠୀଙ୍କ ମା' ହେମଓ୍ୱନ୍ତି ଦେବୀଙ୍କ ଦେହାନ୍ତ ହୋଇଯାଇଛି । ସେ ବିହାରର ଗୋପାଳଗଞ୍ଜର ବେଲସଣ୍ଡରେ ଥିବା ଘରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା ଏବଂ ସେ କିଛି ଦିନ ଧରି ଅସୁସ୍ଥ ଥିଲେ । ପଙ୍କଜ ତ୍ରିପାଠୀ ତାଙ୍କ ମା'ଙ୍କ ଶେଷ ମୁହୂର୍ତ୍ତରେ ତାଙ୍କ ପାଖରେ ଥିଲେ । ତ୍ରିପାଠୀ ପରିବାର ଏକ ବିବୃତ୍ତିରେ କହିଛି, 'ଆମେ ଅତ୍ୟନ୍ତ ଦୁଃଖର ସହିତ ଶ୍ରୀମତୀ ହେମଓ୍ୱନ୍ତି ଦେବୀଙ୍କ ପରଲୋକ ନେଇ ଘୋଷଣା କରୁଛୁ । ତାଙ୍କୁ ୮୯ ବର୍ଷ ବୟସ ହୋଇଥିଲା । କିଛି ଦିନ ଧରି ସେ ଅସୁସ୍ଥ ଥିଲେ । ତାଙ୍କ ମୃତ୍ୟୁ ବେଳକୁ ପରିବାର ପାଖରେ ଥିଲା । ପଙ୍କଜ ତ୍ରିପାଠୀ ତାଙ୍କ ପାଖରେ ଥିଲେ ।'

ଦୁଃଖର ସମୟରେ ପରିବାରକୁ ହଇରାଣ ନକରିବାକୁ ପଙ୍କଜ ତ୍ରିପାଠୀଙ୍କ ପକ୍ଷରୁ ଅପିଲ କରାଯାଇଛି । ହେମଓ୍ୱନ୍ତି ଦେବୀଙ୍କ ଅମର ଆତ୍ମାର ସଦଗତି କମନା ଲାଗି ତାଙ୍କ ପରିବାର ନିବେଦନ କରିଛି । ପଙ୍କଜ ତ୍ରିପାଠୀ ତାଙ୍କ ମା'ଙ୍କ ସହିତ ବହୁତ ନିକଟତର ଥିଲେ । ସେ ପ୍ରାୟତଃ କହୁଥିଲେ ଯେ, ତାଙ୍କ ମା ତାଙ୍କୁ ଶୃଙ୍ଖଳା, ନମ୍ରତା ଏବଂ ଦୟା ଶିଖାଇଥିଲେ । ଗୋପାଳଗଞ୍ଜର ଏକ ଚ଼ାଷୀ ପରିବାରରୁ ଆସିଥିବା ପଙ୍କଜ ସର୍ବଦା ତାଙ୍କର ସରଳତା ଏବଂ ମୂଳକୁ ମୂଲ୍ୟ ଦେଇଥିଲେ । ବଲିଉଡରେ ସଫଳତା ସତ୍ତ୍ୱେ, ସେ ତାଙ୍କ ଗାଁ ଏବଂ ପିତାମାତାଙ୍କ ସହିତ ଗଭୀର ଭାବରେ ଜଡିତ ଥିଲେ । ପ୍ରଶଂସକ ଏବଂ କଳାକାର ଜଗତ ସୋସିଆଲ ମିଡିଆରେ ପଙ୍କଜ ଏବଂ ତାଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହିତ ତାଙ୍କ ମାଆଙ୍କ ପାଇଁ ପ୍ରାର୍ଥନା କରିଛନ୍ତି ।

ପଙ୍କଜ ତ୍ରିପାଠୀଙ୍କ କଥା କହିବାକୁ ଗଲେ, ତାଙ୍କୁ ଜୁଲାଇ ମାସରେ ଫିଲ୍ମ 'ମେଟ୍ରୋ'ରେ ଦେଖିବାକୁ ମିଳିଥିଲା । ଅନୁରାଗ ବାସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଆଦିତ୍ୟ ରାୟ କପୁର, ସାରା ଅଲି ଖାନ ଏବଂ ଅନୁପମ ଖେର ମଧ୍ୟ ଅଭିନୟ କରିଥିଲେ । ପଙ୍କଜ ତ୍ରିପାଠୀ ଖୁବ୍‌ଶୀଘ୍ର 'ମିର୍ଜାପୁର: ଦି ମୁଭି'ରେ ନଜର ଆସିବେ । ବାରାଣାସୀରେ ଏହାର ସୁଟିଂ ଦୁଇ ସପ୍ତାହ ଧରି ଚ଼ାଲିଥିଲା । ଏହା ଉଲ୍ଲେଖନୀୟ ଯେ, ସେ ୱେବ୍ ସିରିଜ୍ ମିର୍ଜାପୁର ମାଧ୍ୟମରେ ପ୍ରତ୍ୟେକ ଘରେ ପରିଚ଼ିତି କରିଥିଲେ । ସେ ସ୍ତ୍ରୀ, ଲୁକା ଚୁପି, ମିମି, ମସାନ, ନ୍ୟୁଟନ୍, ଗୁଞ୍ଜନ ସକ୍‌ସେନା ଏବଂ ଓଏମଜି ୨ ଭଳି ଫିଲ୍ମରେ ମଧ୍ୟ କାମ କରିଛନ୍ତି ।

### ସିନେମାଫିନେମା ଟିଭିଫିବି

# ଆଜିର ରାଶିଫଳ

| ତାରିଖ | ମଙ୍ଗଳବାର– ଚତୁର୍ଦ୍ଦଶୀ |
|---|---|
| ୪.୧୧.୨୦୨୫ | ନକ୍ଷତ୍ର– ରେବତୀ, ମୀନଚନ୍ଦ୍ର |



| | |
|---|---|
| ମେଷ | : ଶାରୀରିକ ଅସୁସ୍ଥତା ଭୋଗିବେ । |
| ବୃଷ | : ବ୍ୟବସାୟରେ ଆୟ ବୃଦ୍ଧି ହେବ । |
| ମିଥୁନ | : ଧନପ୍ରାପ୍ତି ଯୋଗ ରହିଛି । |
| କର୍କଟ | : ପିତାଙ୍କ ପାଇଁ ଦୁଃଖ ପାଇବେ । |
| ସିଂହ | : ଅଗ୍ନିଭୟ ରହିଛି । |
| କନ୍ୟା | : ବକେୟା ପଡ଼ିଥିବା ଅର୍ଥ ଲାଭ ହେବ । |
| ତୁଳା | : ସନ୍ତାନ ବ୍ୟଥା ଦୂର ହେବ । |
| ବିଛା | : ଅଯଥା ଖର୍ଚ୍ଚାନ୍ତରେ ପଡ଼ିବେ । |
| ଧନୁ | : ଠକାମୀରେ ପଡ଼ିପାରନ୍ତି । |
| ମକର | : ଅଶାନ୍ତିକି ଦୂର ହେବ । |
| କୁମ୍ଭ | : ନୂତନ ଆୟ ବୃଦ୍ଧି ହେବ । |
| ମୀନ | : ପ୍ରଶଂସିତ ହେବେ । |

# କୁଆଁପାଳ ଓ ଛତ୍ରତୋଟା ବଜାରରେ ଷ୍ଟ୍ରିଟ ଲାଇଟ ଜଳିବ କେବେ?

**୩।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ସାଲେପୁର–ଛତିଆ ପୂର୍ତ୍ତ ସଡକର ଉଭୟ ପାର୍ଶ୍ୱରେ ଥିବା ବଜାରରେ ପୂର୍ବରୁ ଜଳୁଥିବା ଷ୍ଟ୍ରିଟ ଲାଇଟ ମାସ ମାସ ଧରି ଅଚଳ ହୋଇ ପଡ଼ିଥିବାରୁ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ସ୍ଥାନୀୟ ବ୍ୟବସାୟୀ ଓ ପଥଚାରୀ ନାନା ଅସୁବିଧାରେ ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ,



ସାଲେପୁର–ଛତିଆ ପୂର୍ତ୍ତ/ ସଡକର ସଂପ୍ରସାରଣ ତଥା ନବୀକରଣ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ଦ୍ୱାରା ମାଟି ତଳେ ବିଛା ଯାଇଥିବା ଷ୍ଟ୍ରିଟ ଲାଇଟ ପାଇଁ ଉଦ୍ଦିଷ୍ଟ କେବୁଲଗୁଡିକ ରାସ୍ତା ଢଳେଇ କାର୍ଯ୍ୟ ସମୟରେ ବିଭିନ୍ନ ସ୍ଥାନରେ ନଷ୍ଟ ହୋଇ ଯାଇ ଥିବାରୁ ଜନସାଧାରଣ ଅନ୍ଧାରରେ ରହି ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହୋଇଛି । ଏବେ ରାସ୍ତା ସଂପ୍ରସାରଣ ଢଳେଇ କାର୍ଯ୍ୟ ଛକ ଓ ବଜାରମାନଙ୍କରେ ଶେଷ ହୋଇଥିଲେ ମଧ୍ୟ ନା ଠିକା ସଂସ୍ଥା, ନା ଜିଇଡି ଏହି ସମସ୍ୟାକୁ ଗୁରୁତ୍ୱ ଦେଉନଥିବାରୁ କଟି ଯାଇଥିବା କେବୁଲଗୁଡିକ ପୁନଃ ସଂଯୋଗୀକରଣ କାର୍ଯ୍ୟ ହୋଇପାରିନାହିଁ କିମ୍ବା ଅଚଳ ଷ୍ଟ୍ରିଟ ଲାଇଟ ସଚଳ ହୋଇପାରୁନାହିଁ । ଏପରିକି ମାହାଙ୍ଗା ବ୍ଲକ ସଦର ମହକୁମା କୁଆଁପାଳ ବଜାର ଓ ଛତ୍ରତୋଟା ବଜାର ମାସ ମାସ ଧରି ଅନ୍ଧାରରେ ରହୁଥିବାରୁ ଜନସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ଜନଗହଳି ପୂର୍ଣ୍ଣ ବଜାର ଓ ରାସ୍ତାରେ ରାତିରେ ଘନ ଅନ୍ଧାର ଯୋଗୁ ଛୋଟ ବଡ ଦୁର୍ଘଟଣାମାନ ଘଟିବା ସହ ଅପରାଧିକ କାର୍ଯ୍ୟ କଳାପ ସଂଗଠିତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ପୂର୍ତ୍ତବିଭାଗ ପକ୍ଷରୁ ଷ୍ଟ୍ରିଟ ଲାଇଟ, ବିଦ୍ୟୁତ୍ ଖୁଣ୍ଟ, ତା'ର ଆଦି ପୁର୍ନବାର ସ୍ଥାପନ ଓ ମରାମତି ପାଇଁ ଦୀର୍ଘ ଦିନ ପୂର୍ବରୁ ଜିଇଡିକୁ ୩ କୋଟିରୁ ଉର୍ଦ୍ଧ୍ୱ ଅର୍ଥ ପଇଠ କରାଯାଇଥିଲେ ମଧ୍ୟ ଜିଇଡିର ଦାୟିତ୍ୱହୀନତା ପାଇଁ ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ପାରୁନାହିଁ । ଏ ସଂପର୍କରେ ଜିଇଡି ବିଭାଗୀୟ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ସାହୁଙ୍କୁ ଯୋଗାଯୋଗ କରିବାରୁ ଉପରୋକ୍ତ ଦୁଇ ବଜାରର ଷ୍ଟ୍ରିଟ ଲାଇଟଗୁଡିକ ଖୁବ୍ ଶିଘ୍ର କାର୍ଯ୍ୟକାରୀ କରାଯିବ ବୋଲି କହିଥିଲେ ।

## ବ୍ୟବସାୟୀ ଅପହରଣ ମାମଲାରେ ଆଉ ୨ ଗିରଫ

**ବୈଶିଙ୍ଗା : ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନା ଅନ୍ତର୍ଗତ ଯୁଗଳ ସ୍ଥିତ କାମଧେନୁ ରାଇସ ମିଲ ମାଲିକ ସୁନୀଲ ଅଗ୍ରୱାଲଙ୍କୁ ଅପହରଣ କରିବା ପରେ ୪୦ଲକ୍ଷ ଟଙ୍କା ନେଇ ତାଙ୍କୁ ଛାଡିଦେବା ପରେ ପୋଲିସର ଅକ୍ଳାନ୍ତ ପରିଶ୍ରମ ପରେ ୪ଜଣଙ୍କୁ ଗିରଫ କରିବା, ବିଭିନ୍ନ ମାରଣାସ୍ତ୍ର ଜବତ କରିବା ସହିତ ଆଠ ଲକ୍ଷରୁ ଉର୍ଦ୍ଧ୍ୱ ନଗଦ ଟଙ୍କା ଜବତ କରିବା ପରେ ଶନିବାର ବୈଶିଙ୍ଗା ଥାନାରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଡୁପାଲିଙ୍କ ଦ୍ୱାରା ଏକ ପ୍ରେସମିଟ ଜରିଆରେ ଖୁଲାସା କରାଯାଇଥିଲା । ଏଥିରେ ଜଡିତ ଥିବା ଆଉ ଅନ୍ୟୂନ ୫ ଜଣଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ପ୍ରକାଶ କରିଥିଲେ । ସେହି ୫ ଜଣଙ୍କ ମଧ୍ୟରୁ କାର ଡ୍ରାଇଭର ପ୍ରମୋଦ ପାତ୍ର ଏବଂ ମାଷ୍ଟରମାଇଣ୍ଡ ଦାମୋଦର ରାଉତଙ୍କୁ ରବିବାର ସନ୍ଧ୍ୟାରେ ଗିରଫ କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି । ଅନ୍ୟମାନଙ୍କୁ ଖୁବ୍ ଶୀଘ୍ର ଠାବ କରାଯିବ ବୋଲି ଜିଲ୍ଲା ଏସପି ପ୍ରକାଶ କରିଛନ୍ତି ।

# ସରକାରୀ ଜମିରେ ଲାଇସେନ୍ସ ପ୍ରାପ୍ତ ଦେଶୀ ମଦ ଭାଟିର ସ୍ଥାନାନ୍ତର ଦାବି

**ଦେବଗଡ଼, ୩।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାର ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ପ୍ରୟାସ ଜାରି ରହିଥିବାବେଳେ ଦେବଗଡ଼ ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି । ଜିଲ୍ଲା ପ୍ରଶାସନ, ବିଭାଗୀୟ ଅଧିକାରୀମାନଙ୍କ ଅବହେଳା ଓ ଲାଭଖୋର ମନବୃତି ଯୋଗୁଁ ବାରମ୍ବାର ଅଭିଯୋଗ ପରେ ମଧ୍ୟ ସରକାରୀ ଜଙ୍ଗଲ କିସମ ଜାଗାରେ ଲାଇସେନ୍ସ ପ୍ରାପ୍ତ ଦେଶୀ ମଦ ଭାଟି ପରିଚାଳିତ ହେଉଥିବା ଭଳି ଘଟଣା ଦେଖିବାକୁ ମିଳିଛି । ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ ସିଂଶାଲ ଆର.ଆଇ ମୌଜା ଅନ୍ତର୍ଗତ ଚଟିଆପାଲି ଗ୍ରାମରେ ଥିବା ଘଣ୍ଟିପୋଷି ଦେଶୀ ମଦ ଭାଟି ବୋଲି ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି । ସିଂଶାଲ ଓ ଚଟିଆପାଲି ଗ୍ରାମବାସୀ ଅଭିଯୋଗନୁସାରେ ଘଣ୍ଟିପୋଷି ସରକାରୀ ମଦ ଭାଟି ବ୍ରାହ୍ମଣୀ ନଦୀ ପାର୍ଶ୍ୱରେ ଥିବା ଜମିର ଦୁଇଟି ପ୍ଲଟରେ ସ୍ଥାପିତ ହୋଇଅଛି । ଯଥାକ୍ରମେ ୧୦୨ ଓ ୧୦୩ ନମ୍ବର ପ୍ଲଟ ଗୋଟିଏ ଜଙ୍ଗଲ ଜମି କିସମ ସରକାରୀ ଖାତା ସଂଖ୍ୟା ୩୫ ଅନ୍ୟ ପ୍ଲଟଟି ଖାତା ସଂଖ୍ୟା ୨୪ ଓ ପ୍ଲଟ ସଂଖ୍ୟା ୧୦୩ ବେସରକାରୀ



ଜାଗାରେ ରହିଛି । ଅବକାରୀ ବିଭାଗ ଜାଣିଶୁଣି ଉକ୍ତ ବେସରକାରୀ ଜାଗାରେ ପରିଚାଳିତ ହେଉଛି ବୋଲି ନଥିପତ୍ରରେ ଦର୍ଶାଇ ତ୍ରୁଟି ପୂର୍ଣ୍ଣଭାବେ ସରକାରୀ ଜମିରେ ମଦ ଭାଟି ପରିଚାଳନକୁ ଅନୁମତି ଦେଇଛି ।

ସୂଚନାଯୋଗ୍ୟ ଯେ ଉକ୍ତ ବେସରକାରୀ ଜାଗାଟି ସ୍ୱର୍ଗତ ସ୍ୱପ୍ନେଶ୍ୱର ବୁଢାଙ୍କ ନାମରେ ରହିଥିବାବେଳେ ତାଙ୍କର କେହି ଦାବିଦାର କି ଉତ୍ତରାଧିକାରୀ ନାହାନ୍ତି ବୋଲି କୁହାଯାଉଛି । ଉକ୍ତ ଜମିର ଦୁଇଟି ପ୍ଲଟ ମଧ୍ୟରୁ ସରକାରୀ ପ୍ଲଟରେ ମଦ ପ୍ରସ୍ତୁତ ପାଇଁ ଉଦ୍ଦିଷ୍ଟ ଚୁଲ୍ଲା ଠାରୁ ଆରମ୍ଭ କରି ବ୍ୟବସାୟ ଚଳାଉଥିବା ଅଭିଯୋଗ ହେଉଛି । ଅବକାରୀ ବିଭାଗର ଜ୍ଞାତସାରରେ ସରକାରୀ ଜମିରେ ବ୍ୟବସାୟକୁ ଅଣଦେଖା କରି ମୃତ ବ୍ୟକ୍ତିର ଜାଲ ଦସ୍ତଖତ କରି ମିଥ୍ୟା ଚୁକ୍ତିନାମା, ସତ୍ୟପାଠ ଓ ଓଡିଶା ଅବକାରୀ ନିୟମକୁ ଜଳାଞ୍ଜଳି ଦେଇ ଅହେତୁକ ଅନୁକମ୍ପା ପ୍ରଦାନ କରି ଲାଇସେନ୍ସ ଦେଇଥିବା କୁହାଯାଉଛି । ଏଥି ସହିତ ଉକ୍ତ ଅଞ୍ଚଳରେ ଧାନ ଅମଳ ସମୟରେ ହାତୀପଲ ଆସି ଡେରା ପକାଇଥାନ୍ତି । ରାତ୍ରି ସମୟରେ ହାତୀପଲ ଦେଶୀ ମଦ ଭାଟିର ନିଆଁର ଉତ୍ସ ଦେଖି ହାତୀପଲ ଭ୍ରମିତ ହୋଇ ଗ୍ରାମରେ ପ୍ରବେଶ କରି ଧନ ଜୀବନ ନଷ୍ଟ କରୁଛନ୍ତି । ଜିଲ୍ଲା ପ୍ରଶାସନ, ଅବକାରୀ ବିଭାଗ ଓ ବନଖଣ୍ଡ ଅଧିକାରୀଙ୍କଠାରେ ଅଭିଯୋଗ କଲେ ମଧ୍ୟ ନୀରବତା ଅବଲମ୍ବନ କରୁଛନ୍ତି । ଉକ୍ତ ଦେଶୀ ମଦ ଭାଟିର ଅବସ୍ଥିତିକୁ ଉଚ୍ଚସ୍ତରୀୟ ତଦନ୍ତ କରି ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି ହେଉଛି । ଅନୁସନ୍ଧାନରୁ ଜଣାପଡିଛି ଯେ ଗତ ଦୁଇ ବର୍ଷ ତଳେ ଉକ୍ତ ମଦ ଭାଟିର ମାଲିକାନା ପରିବର୍ତ୍ତନ ପାଇଁ ଆବେଦନ କରାଯାଇଥିଲା ସେତେବେଳେ ଅବକାରୀ ବିଭାଗ ପକ୍ଷରୁ ମଦଭାଟିର ଅବସ୍ଥିତି ସମ୍ପର୍କରେ ବାରକୋଟ ତହସିଲଦାରଙ୍କୁ ତଥ୍ୟ ମଗାଯାଇଥିଲା । ତହସିଲଦାରଙ୍କ ତଥ୍ୟ ଆଧାରରେ ଆଉ ମାଲିକାନା ପରିବର୍ତ୍ତନ ହୋଇ ପାରି ନଥିଲା ବୋଲି କୁହାଯାଉଛି । ବାସ୍ତବରେ ଜଦି ଉକ୍ତ ମଦ ଭାଟି ସରକାରୀ ଜମିରେ ପରିଚାଳିତ ହେଉଅଛି ତୁରନ୍ତ ସ୍ଥାନାନ୍ତର କରିବାକୁ ଦାବି ହେଉଛି ।

## କାର୍ ଧକ୍କାରେ ବାଇକ୍ ଚାଳକ ମୃତ

**ବଲାଙ୍ଗୀର, ୩।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

କାର୍ ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି । ଏଭଳି ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି । ଲୁରିଆ ଗାଁ ନିକଟସ୍ଥ ଭୁଲିଆ ବନ୍ଦ ଅଞ୍ଚଳରେ ଆଜି ସକାଳେ ଏକ ଦୁର୍ଘଟଣା ଘଟିଥିଲା, ଯେଉଁଥିରେ ତୁଳାମଣି ମେହେର (୫୨) ନାମକ ଜଣେ ବ୍ୟକ୍ତି ପ୍ରାଣ ହାରାଇଛନ୍ତି । ପ୍ରାଥମିକ ତଥ୍ୟ ଅନୁସାରେ, ତୁଳାମଣି ମେହେର ତାଙ୍କ ମୋଟରସାଇକେଲ ଓଡ଼ି–୦୩–୨୪୮୯ରେ ଯାଉଥିବା ବେଳେ ପଦ୍ମପୁର ଦିଗରୁ ଏକ କାର ଓଡ଼ି–୦୩–ଏକ୍ସ–୩୪୮୫ ତାଙ୍କୁ ଜୋର୍‌ରେ ଧକ୍କା ଦେଇ କିଛି ଦୂର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା । ଘଟଣାସ୍ଥଳରେ ହିଁ ତୁଳାମଣିଙ୍କ ଶୋଚନୀୟ ମୃତ୍ୟୁ ଘଟିଥିଲା । ଲଠମ୍ବା ପୋଲିସ ଘଟଣାସ୍ଥଳକୁ ପହଞ୍ଚି ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିଥିବା ବେଳେ ଜରୁରୀ ତଥ୍ୟ ସହ ସାକ୍ଷୀମାନଙ୍କର ବିବୃତ୍ତି ସଂଗ୍ରହ କରୁଥିବା ସୂଚନା ରହିଛି । ପୋଲିସ କହିଛନ୍ତି ଯେ, ଦୁର୍ଘଟଣାର ସଠିକ କାରଣ ନିଶ୍ଚିତ କରିବା ପାଇଁ ତଦନ୍ତ ଚାଲିଛି ।

### ଯନ୍ତ୍ରୀଙ୍କୁ ଜଣା ନାହିଁ ଠିକାଦାର କିଏ?

## ଉରାଡ଼ ସେତୁରେ ରଙ୍ଗ କାମ ନିମ୍ନମାନର

**ନିଆଳି, ୩।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**



କଣ୍ଠାପଡା ତହସିଲ୍ ଅଧୀନ କନ୍ଦଳ ନଦୀରେ ଥିବା ଉରାଡ଼ ସେତୁର ରଙ୍ଗ କାମ ଆରମ୍ଭ ହୋଇଛି । ଏହି ସେତୁଟି ପୂର୍ତ୍ତ ବିଭାଗ ଅଧୀନରେ ଥିବାବେଳେ ସେତୁଟିର ରଙ୍ଗ କାମ କେଉଁ ଠିକାଦାର କରୁଛନ୍ତି, ତାହା ସମ୍ପୃକ୍ତ ଯନ୍ତ୍ରୀଙ୍କ ଜଣାନାହିଁ । କାମଟି କୌଣସି ଟେଣ୍ଡର ହୋଇନଥିବା ବେଳେ ବିଧାୟକଙ୍କ ପାଣ୍ଠିରେ କାମ କରାଯାଉଛି । ଏହି କାମଟି କେଉଁ ଠିକାଦାର କରୁଛି ତାହା ଜଣାଯାଇନଥିବା ବେଳେ କାମକରୁଥିବା କର୍ମଚାରୀଙ୍କ ଉତ୍ତର ଠିକାଦାର କିଏ ଆମେ ଚିହ୍ନି ନାହୁଁ, ଆମକୁ ଆମ ଶ୍ରମିକମାନଙ୍କର ଠିକାଦାର ପଠାଇଛନ୍ତି । ଏହି ସେତୁରେ ଯେଉଁ ରଙ୍ଗ ମରାଯାଉଛି ତାହା ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ସରିନଥିବା ବେଳେ ସାମାନ୍ୟ ବର୍ଷାରେ ରଙ୍ଗ ପ୍ରାଇମର ଧୋଇଗଲାଣି । ସୂଚନା ଥାଉ କି ଠିକାଦାର ଜଣକ ଯେଉଁ କାମ କରୁଛନ୍ତି ବିଭାଗୀୟ ଯନ୍ତ୍ରୀଙ୍କୁ କିଭଳି ଜଣାଇ ନାହାନ୍ତି । ଯନ୍ତ୍ରୀ କାମଟିକୁ ତଦାରଖ କରୁ ନଥିବା ବେଳେ ଠିକାଦାର କିଭଳି ନିଜ ମନ ମର୍ଜିରେ କାମ କରୁଛନ୍ତି । ଏହି ଘଟଣାକୁ ନେଇ ବିରୋଧୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଲୋକମାନେ ତୀବ୍ର ବିରୋଧ କରିଛନ୍ତି ।

## ମଦ୍ୟପଙ୍କ ଉନ୍ମତ୍ତକାଣ୍ଡ : ଗୋଲିଆ ଯାତ୍ରୀ ପ୍ରତୀକ୍ଷାଳୟରେ ଭଙ୍ଗାରୁଜା

**ବୁଗୁଡ଼ା, ୩।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ବ୍ଲକ ଗୋଲିଆ ଗ୍ରାମ ଛକରେ ଥିବା ଯାତ୍ରୀ ପ୍ରତିକ୍ଷାଳୟରେ ମଦ୍ୟପମାନେ ଉନ୍ମୁକ୍ତକାଣ୍ଡ ଭିଆଇ ଯାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଚେୟାର ଗୁଡିକ ଭଙ୍ଗାରୁଜା କରିଥିବା ଦେଖିବାକୁ ମିଳିଛି । ମଦ୍ୟପଙ୍କ ଆସର ଜମୁଥିବା ସେହି ଗାଁ ଛକର ଲକ୍ଷ୍ମୀ ବସଷ୍ଟପ୍ ସ୍ଥଳରେ ରାତ୍ରିକାଳୀନ ବସ୍ ପାଇଁ ଲୋକେ ଅପେକ୍ଷା କରିବାକୁ ଉଚିତ ମଣୁନାହାନ୍ତି । ଅନ୍ୟପକ୍ଷରେ ଲୋକେ ସେଠାରେ ମଦ୍ୟପଙ୍କ ଦୌରାତ୍ମ୍ୟକୁ ପ୍ରତିହତ କରିବା ପାଇଁ ସାହସ ଜୁଟାଇ ପାରୁନଥିବା ବେଳେ ଆଖପାଖରେ ଦୋକାନ କରିଥିବା ବ୍ୟବସାୟୀ ଏବଂ ଅଧିବାସୀ ପ୍ରମାଦ ଗଣୁଛନ୍ତି । ବୁଗୁଡା ଥାନା ପୋଲିସ ପ୍ରଶାସନ ଢିଲାପଣ ଯୋଗୁଁ ଗୋଲିଆ ଗାଁ ଛକ ଲକ୍ଷ୍ମୀ ବସଷ୍ଟପରେ ଅସାମାଜିକତତ୍ତ୍ୱଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଥିବା ନେଇ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଥିଲା ବେଳେ ତୁରନ୍ତ ଏ ଦିଗରେ ପୋଲିସ ପ୍ରଶାସନ କଡାକଡି ପେଟ୍ରୋଲିଂ ସହ ପ୍ରତିକାର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି ।

## ଦୁର୍ଘଟଣାରେ ଦଶମ ଶ୍ରେଣୀ ଛାତ୍ର ମୃତ

**ବାଲେଶ୍ୱର, ୩।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବାଲେଶ୍ୱର ଜିଲ୍ଲା ଔପଦା ଥାନା ବଧି ଗାଁରେ ଇଟା ବୋଝେଇ ଟ୍ରାକ୍ଟର ଧକ୍କାରେ ଜଣେ ଦଶମ ଶ୍ରେଣୀ ଛାତ୍ରର ମୃତ୍ୟୁ ଘଟିଛି । ଘଟଣାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଛି । ମିଳିଥିବା ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଔପଦା ଥାନା ବଧି ଗାଁର ଅମୁଲ୍ୟ ଜେନାଙ୍କ ପୁଅ ବିଶ୍ୱରଞ୍ଜନ ଏବଂ ଭରତ କୁମାର ଦାସ ଏକ ସ୍କୁଟିରେ ବଡ଼ ପୋଖରୀ ବଜାରକୁ ଯାଉଥିବା ବେଳେ ବଡ଼ପୋଖରୀ–ବଧି ରାସ୍ତାର ଜୟୀନାରାୟଣପୁର ଶାସନ ନିକଟରେ ଇଟା ବୋଝେଇ ଟ୍ରାକ୍ଟର ଧକ୍କା ଦେଇଥିଲା । ଫଳରେ ଦଶମ ଶ୍ରେଣୀ ଛାତ୍ର ବିଶ୍ୱରଞ୍ଜନ ଜେନାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇ ସୋର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ପରେ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । କ୍ଷତି ପୂରଣ ଦାବିରେ ଘଟଣା ସ୍ଥଳରେ ଚାପା ଉତ୍ତେଜନା ଲାଗିରହିଥିବାବେଳେ ଔପଦା ପୁଲିସ୍ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଛି ।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

**ସୋରଡ଼ା, ୩।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ଗୋପାଳପୁର ଶାସନ ନିକଟସ୍ଥ ରାସ୍ତାରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ବାଇକ୍ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଆଉ ୨ ଜଣ ଗୁରୁତର ହୋଇଛନ୍ତି । ମୃତକ ହେଉଛନ୍ତି ସଞ୍ଜୟ ପାଣିଗ୍ରାହୀ ।

ସୂଚନା ମୁତାବକ, ସୋମବାର ସକାଳେ ସୋରଡ଼ାରୁ ନିଜଗ୍ରାମ ବିଭୁତିଆକୁ ଏକ ବାଇକ୍ ଯୋଗେ ଯାଉଥିଲେ ଉତ୍ତମ ନାୟକ । ଏତିକି ବେଳେ ଗୋପାଳପୁର ଶାସନ ନିକଟସ୍ଥ ରାସ୍ତାରେ ଯାଉଥିବା ସଞ୍ଜୟ ପାଣିଗ୍ରାହୀଙ୍କୁ ଧକ୍କା ଦେଇଥିଲେ । ଫଳରେ ବାଇକ୍ଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଛିଟିକି ପଡିଥିଲା । ଏହି ଦୁର୍ଘଟଣାରେ ବାଇକ୍ ଆରୋହୀ ନାୟକ, ପ୍ରଶ୍ନ ଦାସ ଓ ରାସ୍ତାରେ ଯାଉଥିବା ସଞ୍ଜୟ ଗୁରୁତର ହୋଇଥିଲେ । ସମସ୍ତଙ୍କୁ ସୋରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଣାଯାଇଥିଲା । ହେଲେ ସେଠାରେ ଡାକ୍ତର ଉତ୍ତମଙ୍କୁ ମୃତ ଘୋଷଣା କରିଥିଲେ ।

## ଶିକ୍ଷୟିତ୍ରୀଙ୍କ ମନମାନି ପ୍ରତିବାଦରେ ବିଦ୍ୟାଳୟରେ ତାଲା ପକାଇଲେ ଛାତ୍ରଛାତ୍ରୀ

**କେନ୍ଦୁଝର, ୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ବାଲିଆଗୋଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗେଟ୍‌ରେ ପଡ଼ିଲା ତାଲା । ଶିକ୍ଷାଦାନ ଏବଂ ଅନ୍ୟ କାର୍ଯ୍ୟରେ ଅନିୟମିତତାକୁ ନେଇ ଗେଟ୍‌ରେ ତାଲା ପକାଇ ଧାରଣାରେ ବସିଲେ ଅଭିଭାବକ ଏବଂ ଛାତ୍ରଛାତ୍ରୀ ।

ଅଭିଯୋଗ ମୁତାବକ, ବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୭୫ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ମାତ୍ର ୪ଜଣ ଶିକ୍ଷୟିତ୍ରୀ ଅଛନ୍ତି । ଅଧିକାଂଶ ସମୟରେ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟକୁ ସଠିକ୍ ସମୟରେ ଆସୁନାହାନ୍ତି କି ପାଠପଢା ପ୍ରତି ଗୁରୁତ୍ୱ ଦେଉ ନାହାନ୍ତି । ଫଳରେ ଶିକ୍ଷାଦାନରେ ବାଧା ଉପୁଜୁଛି । ପୂର୍ବରୁ କଳ୍ପନା ସାହୁ ଶିକ୍ଷୟିତ୍ରୀ ଥିଲେ । ସେ ବିଦ୍ୟାଳୟକୁ ଗୁରୁତ୍ୱ ଦେବା ସହ ସଠିକ୍ ଭାବରେ ପାଠ ବି ପଢାଉଥିଲେ । ସେ ଡେପୁଟେଶନରେ ଯିବା ପରେ ବିଦ୍ୟାଳୟରେ ଅନେକ ଅନିୟମିତତା ଚରମ ସୀମାରେ ପହଞ୍ଚି ଥିବାରୁ ଅଭିଭାବମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହା ସହ ବିଦ୍ୟାଳୟ ଗେଟ୍ ତାଲା ପକାଇ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଧାରଣାରେ ବସିଛନ୍ତି ।

## ବୃଦ୍ଧଙ୍କୁ କଚାଡ଼ି ଦେଲା ହାତୀ

**ରାଉରକେଲା : ଏକ୍ସପ୍ରେସ୍ ନ୍ୟୁଜ୍**

ହାତୀ–ମଣିଷ ଲଢ଼େଇରେ ରାଉରକେଲାରେ ଜଣେ ବୟସ୍କ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି । ସେ ହେଲେ ଲାଠିକଟା ଥାନା ଅନ୍ତର୍ଗତ ମୁଣ୍ଡାଯୋର ପଞ୍ଚାୟତରେ ହାତୀ ଆକ୍ରମଣରେ ରୁପନ୍ ସମାସି (୬୩) । ଗତକାଲି ବିଳମ୍ବିତ ରାତିରେ ରୁପନ୍ ଦନ୍ତା ହାତୀ ଆକ୍ରମଣରେ ଆହତ ହୋଇଥିଲେ । ଆଜି ସକାଳେ ତାଙ୍କର ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇ ଯାଇଛି । ଗତ ସେପ୍ଟେମ୍ବର ୨୬ ତାରିଖରେ ମଧ୍ୟ ଉକ୍ତ ଅଞ୍ଚଳରେ ହାତୀ ଆକ୍ରମଣରେ ଜଣେ ୬୦ ବର୍ଷ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା । ଆଜି ସକାଳେ ମଧ୍ୟ ଦନ୍ତା ହାତୀ ଉକ୍ତ ଅଞ୍ଚଳରେ ଉପଦ୍ରବ ଜାରି ରଖିଛି । ବନ ବିଭାଗ ପକ୍ଷରୁ ମାଇକ୍ ଯୋଗେ ହାତୀ ପ୍ରତି ସତର୍କ ରହିବାକୁ ପ୍ରଚାର କରାଯାଉଛିଛ ଦୁଇ ଦିନ ପୂର୍ବରୁ ବନ୍ଧମୁଣ୍ଡା ପ୍ରେମନଗର ଅଞ୍ଚଳ ରେଳଲାଇନ୍ ଉପରେ ଥିବା ହାତୀ ଦଳ ଏବେ ଲାଠିକଟା ଅଞ୍ଚଳକୁ ପଳାଇ ଆସିଛନ୍ତି ।

# ଟାଟା ପାୱାରର ସ୍ମାର୍ଟ ମିଟର ବିରୁଦ୍ଧରେ ଗର୍ଜିଲା ଆପ୍

**ଢେଙ୍କାନାଳ, ୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଆମ୍ ଆଦମୀ ପାର୍ଟିର ଏକ ବୈଠକ ଡାକ ବଙ୍ଗଳା ଠାରେ ଟାଟା ପାୱାରର ଶୋଷଣ ନୀତି ବିରୁଦ୍ଧରେ ନଗର ସଭାପତି ଦେବାଶିଷ ନନ୍ଦଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଟାଟା ପାୱାରର ଶୋଷଣ ଅସ୍ତ୍ର ହେଉଛି ସ୍ମାର୍ଟ ମିଟର । ସାଧାରଣ ଲୋକମାନଙ୍କୁ ମିଛ ଖଚ କହି, ଭ୍ରମିତ କରି ଏହି ସ୍ମାର୍ଟ ମିଟର ଗାଁ ଠାରୁ ସହର ପର୍ଯ୍ୟନ୍ତ ଜୋର ଜବରଦସ୍ତ ଲଗାଉଛନ୍ତି ଟାଟା ପାୱାରର । ପୂର୍ବତନ କାଉନସିଲର ଗୋପାଳ ସାହୁ ଏବଂ ରାଜ୍ୟ ସମ୍ପାଦକ ଭରତ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେତେବେଳେ ଟାଟା ପାୱାର ବିଦ୍ୟୁତ ବିଭାଗକୁ ନିଜ ଆୟତକୁ ନେଲା, ବିଭିନ୍ନ ଯୋଜନା କରି ଶାସକ ଦଳକୁ ମୋଟା ଅଙ୍କର ଚାନ୍ଦା ଦେଇଥିବାର ସୂଚନା ମିଳୁଛି । ଏବେ କିନ୍ତୁ ପ୍ରତ୍ୟେକ



ଦିନ ଘଣ୍ଟା ଘଣ୍ଟା ଧରି ପାୱାର କଟ ଜନସାଧାରଣଙ୍କୁ ଅତିଷ୍ଠ କରିଦେଲାଣି । ଲୋ–ଭୋଲଟ୍ଟେଜର ଶିକାର ହେଉଛନ୍ତି ଜନସାଧାରଣ । ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ ଯୋଗଦେଇ କହିଥିଲେ ଅନେକ ସ୍ଥାନରେ ଦିନବେଳା ଷ୍ଟ୍ରିଟ ଲାଇଟ ଜଳୁଥିବା ବେଳେ ଗରିବ ଲୋକଟି ମାସେ ଦିମାସେ ବିଜୁଳି ବିଲ୍ ନଦେଇ ପାରିଲେ ତା'ର ଘର ଲାଇନ କାଟି ଦିଆଯାଉଛି । କେଉଁଠି ଉପଭୋକ୍ତା ଅନୁସାରେ ଟ୍ରାନ୍ସଫର୍ମର ନଥିବାରୁ ବାରମ୍ବାର ଫ୍ୟୁଜ କଟିବା, ଘରେ ଥିବା ବିଦ୍ୟୁତ ଉପକରଣ ଖରାପ ହେବା, ଲୋ–ଭୋଲ୍‌ଟେଜର ସମ୍ମୁଖୀନ ହେଉଛନ୍ତି । ସ୍ମାର୍ଟ ମିଟର ଲାଗିବା ପରେ ବିଜୁଳି ବିଲ୍ ପ୍ରାୟ ଦୁଇଗୁଣ ଆସୁଛି, କମ୍ପ୍ଲେନ କଲେ କେହି ଶୁଣୁନାହାନ୍ତି ବୋଲି ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପଣ୍ଡା କହିଥିଲେ । ଅତୀତରେ ଆମ୍ ଆଦମୀ ପାର୍ଟି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପଥପ୍ରାନ୍ତ ସଭା କରି ପ୍ରତିବାଦ କରିଥିଲା । ବର୍ତ୍ତମାନ ଟାଟା ପାୱାରର ଶୋଷଣ ବିରୁଦ୍ଧରେ ଜିଲ୍ଲା ଓକିଲ ସଙ୍ଘ ସହିତ ଅନେକ ସଂଗଠନ ଆନ୍ଦୋଳନର ଚେତାବନୀ ଦେଇଛନ୍ତି । ଏହି ବୈଠକରେ ଜିଲ୍ଲା ସମ୍ପାଦକ ଅନିଲ ସାମଲ, ଜିଲ୍ଲା ଯୁବ ସଭାପତି ସ୍ୱାଗତ ସିଂହ, ନଗର ସମ୍ପାଦକ ଜିତେନ୍ଦ୍ରୀୟ ପଣ୍ଡା, ଉପଦେଷ୍ଟା ଚିତରନ ପାଣି, ସଦସ୍ୟ ପ୍ରମୋଦ ଛୋଟରାୟ, ପୂର୍ବତନ ପଞ୍ଚାୟତ ସମିତି ମେମ୍ବର ଭରତ ସେନାପତି, ସୋମନାଥ ଦାସ, ମହିଳା ନେତ୍ରୀ ନିଶାମଣି ସାମନ୍ତରାୟ, ଛବି ରାଉତ, ସୁକାନ୍ତି ରାଉତ, ଅନ୍ତର୍ଯ୍ୟାମୀ ସାହୁ, ପିତାମ୍ବର ସାମନ୍ତରାୟ, ଜୟଦେବ ବେହେରା, ନିତ୍ୟାନନ୍ଦ ପଣ୍ଡା, ଓଡାପଡ଼ା ବ୍ଲକ ସଭାପତି ପିତାମ୍ବର ଦାସ, ଦୀପକ ମହାପାତ୍ର, ଲକ୍ଷ୍ମୀଧର ବେହେରା ପ୍ରମୁଖ ଯୋଗଦେଇ ଟାଟା ପାୱାର ବିରୁଦ୍ଧରେ ଅଭିଭାଷଣ ଦେଇଥିଲେ ଏବଂ ୨୬ ନଭେମ୍ବର ଟାଟା ପାୱାର ଶୋଷଣ ନୀତି ବିରୁଦ୍ଧରେ ଆନ୍ଦୋଳନ ପାଇଁ ବିଭିନ୍ନ ଅଞ୍ଚଳ ବୁଲି ସଚେତନ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି । ଶେଷରେ ଚିନ୍ମୟ ସେନାପତି ଧନ୍ୟବାଦ ଦେଇଥିଲେ ।

## ଟ୍ରକ ଚୋରି ମାମଲା : ଅଭିଯୁକ୍ତ ଗିରଫ

**କଳିଙ୍ଗନଗର, ୩।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଟ୍ରକ ଚୋରି ମାମଲାରେ ଜଣେ ଯୁବକଙ୍କୁ କଳିଙ୍ଗନଗର ପୁଲିସ ଗିରଫ କରି ଅଦାଲତରେ ହଜର କରିଛି । ଖବର ଅନୁସାରେ, କଳିଙ୍ଗନଗର ଥାନା ମାମଲା ନଂ–୪୦୧/୨୫ ଅନୁସାରେ ଭାରତୀୟ ଦଣ୍ଡ ସଂହିତାର ଧାରା ୩୦୩(୨) ଭାରତୀୟ ନ୍ୟାୟ ସଂହିତା ଅଧୀନରେ ଟ୍ରକ ଚୋରି ମାମଲା ରୁଜୁ ହୋଇଥିଲାଛ ଅଭିଯୋଗକାରୀ ହେଲେ ଯାଜପୁର ଜିଲ୍ଲାର କଳିଙ୍ଗନଗର ଥାନା ଅନ୍ତର୍ଗତ ଦୁବୁରି ଗ୍ରାମର ଶୈଳେନ୍ଦ୍ର ପ୍ରଧାନ (୨୭) । ଏହି ମାମଲାରେ ପୁଲିସ ତଦନ୍ତ ପରେ ବାରମୁଣ୍ଡଲି ଗ୍ରାମ, ଜେନାପୁର ଥାନା ଅନ୍ତର୍ଗତ ନିବାସୀ ପଦନ ସାମଲ (୨୮)ଙ୍କୁ ଗିରଫ କରିଛି । ଅଭିଯୁକ୍ତଙ୍କ ନିକଟରୁ ଚୋରି ହୋଇଥିବା ଟ୍ରକ ଜବତ ହୋଇଛି । ଏହି ଘଟଣା ସମ୍ପର୍କରେ କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ କୁମାର ସାହୁ ସୂଚନା ଦେଇଛନ୍ତି ଯେ, ମାମଲାର ଅନୁସନ୍ଧାନ ଜାରି ରହିଛି ।

## ବ୍ରାଉନସୁଗର ଜବତ, ୪ ଗିରଫ

**ପୁରୀ, ୩।୧୧ : ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ପୁଲିସକୁ ଅପରେସନ ଚକ୍ର ଅଭିଯାନରେ ବଡ଼ ସଫଳତା ମିଳିଛି । ୧୫ ଲକ୍ଷ ଟଙ୍କାର ବ୍ରାଉନ୍ ସୁଗାର ଜବତ ସହିତ ୪ଜଣ ବ୍ରାଉନସୁଗାର ବ୍ୟବସାୟୀ ଗିରଫ । ଅଭିଯୁକ୍ତମାନେ ସତ୍ୟବାଦୀ ଥାନା ଅଞ୍ଚଳର ଜୟନ୍ତ କୁମାର ସ୍ୱାଇଁ, କୁଳମଣି ଖଟେଇ, ଉମେଶ କୁମାର ସ୍ୱାଇଁ ଏବଂ ଜଟଣୀ ଥାନା ଅଞ୍ଚଳର ଶଶିକାନ୍ତ ଜେନା । ଅଭିଯୁକ୍ତଙ୍କ ଠାରୁ ପୁଲିସ ୧୫୧ ଗ୍ରାମ ବ୍ରାଉନ ସୁଗାର ସହିତ ନଗଦ ୬ ଲକ୍ଷ ୩୦ ହଜାର ୭ ଶହ ଟଙ୍କା, ୭ଟି ମୋବାଇଲ ଫୋନ୍, ଗୋଟିଏ ସ୍ୱିଫ୍ଟ ଗାଡ଼ି, ଗୋଟିଏ ବୁଲେଟ୍ ଏବଂ ଦୁଇଟି ବାଇକ୍ ଜବତ କରିଛି ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ପୁରୀ ଏସପି ପ୍ରତୀକ ସିଂ ।

ପୁରୀ ଏସପିଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ନିଜିଗଡଠାରେ ବ୍ରାଉନ ସୁଗାର ବ୍ୟବସାୟ ପାଇଁ ଯୋଜନା କରୁଥିବା ବେଳେ ପିପିଲି ଥାନା ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସେଠାରେ ଚଢ଼ାଉ କରିଥିଲା । ତେବେ ପୁଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିବା ବେଳେ ଅନ୍ୟଜଣେ ଅଭିଯୁକ୍ତ ସେଠାରୁ ଚମ୍ପଟ ମାରିଥିଲା । ପୁରୀ ଜିଲ୍ଲାରେ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଅପରେସନ ଚକ୍ର ଅଭିଯାନରେ ନିଶା ବେପାରୀଙ୍କ ସହିତ ନିଶାଦ୍ରବ୍ୟ ପୁଲିସ ଜବତ କରିବାରେ ସଫଳ ହୋଇଛି ବୋଲି କହିଛନ୍ତି ପୁରୀ ଏସପି ପ୍ରତୀକ ସିଂ ।

# ରକ୍ଷଣାବେକ୍ଷଣ ଅଭାବରୁ ଖତ ଖାଉଛି ଲକ୍ଷାଧିକ ଟଙ୍କାରେ ନିର୍ମିତ ଓପନ ଜିମ୍

**ନବରଙ୍ଗପୁର, ୧।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଖତ ଖାଇବାକୁ ବସିଲାଣି ଲକ୍ଷାଧିକ ଟଙ୍କାରେ ନିର୍ମିତ ଓପନ ଜିମ୍ । ଅଧିକାଂଶ ଓପନ୍ ଜିମ୍‌ରେ ଯେଉଁ ସବୁ ଭିତ୍ତିଭୂମି ଓ ବ୍ୟାୟମ୍ ସାମଗ୍ରୀ ଲାଗିବା କଥା ସେତିକି ନ ଲଗାଇ ବାଟମାରଣା କରାଯାଇଛି । ସକାଳେ ଓ ସନ୍ଧ୍ୟାରେ ଛୋଟ ପିଲାଙ୍କ ଠାରୁ ବୃଦ୍ଧ ବ୍ୟକ୍ତିଙ୍କ ସୁସ୍ଥ ଶରୀର ପାଇଁ ଏସବୁ ନିର୍ମାଣ ହୋଇଥିଲା । କିନ୍ତୁ ଉପଯୁକ୍ତ ରକ୍ଷଣାବେକ୍ଷଣ ଦେଖାରଖା ଅଭାବରୁ ଜିମ୍‌ର ପ୍ଲାଷ୍ଟିକ ସାମଗ୍ରୀ ଓ ବିଶ୍ରାମ ଲାଗି ତିଆରି ହୋଇଥିବା ସିମେଣ୍ଟ ଚେୟାର ଭାଙ୍ଗି ନଷ୍ଟ ହେଲାଣି । କିଛି ସାମଗ୍ରୀରେ କଳଙ୍କି ଲାଗିଲାଣି । ଲୋକେ କମ୍ ଯିବା ସ୍ଥାନରେ ଏଭଳି ଓପନ ଜିମ୍ କରାଯିବା ଫଳରେ ଅବ୍ୟବହୃତ ହୋଇ ଲତାବୁଦାରେ ଭର୍ତ୍ତି ହେବା ସହ ବିଷାକ୍ତ କୀଟ ଓ ସାପ ଆଦିଙ୍କ ଘର ପାଲଟିଛି ।

ସ୍ଥାନୀୟ ଆରସିଡି ଉଚ୍ଚ ବିଦ୍ୟାଳୟ ପଡ଼ିଆ ଓ ହିଲି ଡଙ୍ଗରରେ ଥିବା ଓପନଜିମ୍ ଲତାବୁଦାରେ ଭରିଯାଇଛି । ଉଭୟ ଓପନଜିମ୍ ପାର୍ଶ୍ୱ ପାଦଚଲା ରାସ୍ତା ଅଧପନ୍ତରିଆ ଅବସ୍ଥାରେ ଛାଡି ଦିଆଯାଇଛି । ଉଭୟ ପରିସରରେ ବିଷାକ୍ତ ପୋକ ଓ ସାପ ଆଦି ବୁଲୁଛନ୍ତି । ଏଥିପ୍ରତି ପୌରପାଳିକା ଦୃଷ୍ଟି ଦେବାକୁ ବୟସ୍କ ବ୍ୟକ୍ତିମାନେ ଦାବି କରିଛନ୍ତି । ବୟସ୍କ



ବ୍ୟକ୍ତିମାନେ କହିଛନ୍ତି । ସହରର ବିଭିନ୍ନ ସ୍ଥାନରେ ପୌରପାଳିକା ପକ୍ଷରୁ ଓପନ ନିମର ବ୍ୟବସ୍ଥା ହୋଇଛି । ଏହା ସହ ସେଠାରେ ବସିବା ଲାଗି ସିମେଣ୍ଟ ଚେୟାର ରହିଛି । ପୌରପାଳିକାର ଏହା ଏକ ଉତ୍ତମ ଯୋଜନା । ବୟସ୍କମାନେ ଶରୀରକୁ ସୁସ୍ଥ ରଖିବାକୁ ସହରରେ କୌଣସି ସାମଗ୍ରୀ ବ୍ୟବହାର କରାଯାଇଥିବାରୁ, ଏସବୁ ଭାଙ୍ଗି ଗଲାଣି । ଯାହା ଫଳରେ ବ୍ୟୟମ କରିବାରେ ସମସ୍ୟା ହେଉଛି । ଭାଙ୍ଗିଥିବା ପ୍ଲାଷ୍ଟିକ ସାମଗ୍ରୀ ବଦଳାଇବା କଥା । ସେହିପରି ସିମେଣ୍ଟ ଚେୟାର ଭାଙ୍ଗିଯାଇଥିବାରୁ ବିଶ୍ରାମ ନେବାରେ ଅସୁବିଧା ହେଉଛି । ପୌରପାଳିକା ଏଥିପ୍ରତି ଦୃଷ୍ଟି ଦେଇଥିଲେ ଭଲ ହୁଅନ୍ତା ବୋଲି ଏହି ଅଞ୍ଚଳର ବୟସ୍କ ବ୍ୟକ୍ତି କହିଛନ୍ତି ।

ଅପରପକ୍ଷରେ କିଛି ଓପନଜିମରେ ମାର୍ଗଦର୍ଶିକା ଅନୁଯାୟୀ ଯେତିକି ବ୍ୟାୟମସାମଗ୍ରୀ ଲାଗିବା କଥା ସେଥିକି ନ ଲଗାଇ ସେଥିରେ ବି ବାଟ ମାରଣା କରାଯାଇଛି । କେତେ ଟଙ୍କା ଏହି ଓପନଜିମ୍ ପାଇଁ ଅସିଥିଲା, ମାର୍ଗଦର୍ଶିକା ଅନୁଯାୟୀ ବ୍ୟାୟମ ଉପକରଣ ଓ ଅନ୍ୟାନ୍ୟ ସୁବିଧା କରାଯାଇଛି କି ନାହିଁ ଯାଞ୍ଚ କରାଯିବାର ଆବଶ୍ୟକତା ରହିଛି ବୋଲି ପୂର୍ବତନ କାଉନସିଲର ଲାଲୁ ତ୍ରିପାଠୀ ଦାବି କରିଛନ୍ତି । ଅବ୍ୟବସ୍ଥାକୁ ସଜଡାଯିବ । ତୁରନ୍ତ ଓପନଜିମ ନିକଟରୁ ଲତାବୁଦା ସଫା କରି ଏହାର ଦେଖାରଖା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ଉକ୍ତ ଅଞ୍ଚଳ ନିକଟସ୍ଥ ମହିଳା ଏସଏଚଜି ଗ୍ରୁପ କିମ୍ବା ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ହସ୍ତାନ୍ତର କରାଯିବାର ଯୋଜନା ରହିଛି ବୋଲି ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଡ.ଅଶୋକ କୁମାର କର୍ଣ୍ଣ କହିଛନ୍ତି ।

ଶ୍ରଦ୍ଧାଳୁଙ୍କ ପାଖରେ ଯଦି ଅନ୍ୟମାନଙ୍କ ପ୍ରତି ଶ୍ରଦ୍ଧା ରହୁଥାନ୍ତା ତା'ହେଲେ ଠେଲାପେଲାରେ କେହି ମୃତାହତ ହେଉନଥାନ୍ତେ କି ଆହତ ମଧ୍ୟ ହେଉନଥାନ୍ତେ । କଳେବଳେ କୌଶଳେ, ଜୋର୍ ଲଗାଇ ଧସେଇ ପସି ଭଗବାନଙ୍କ ଦର୍ଶନ କଲେ କିଛି ଅଧିକ ପୁଣ୍ୟ ମିଳିବ କି? ଭକ୍ତଙ୍କ ନିକଟରେ ଧୈର୍ଯ୍ୟ ରହିବା ଦରକାର, ଯଦି ପର୍ବପର୍ବାଣି ଦିନମାନଙ୍କରେ ଭିଡ଼ ହେବାର ଆଶଙ୍କା କରି ସେମାନେ ଭଗବାନଙ୍କ ଦର୍ଶନ ପାଇଁ ଯାଉଥାନ୍ତି । ପୁରାଣରେ ଯେଉଁମାନଙ୍କୁ ଭକ୍ତ ଆଖ୍ୟା ଦିଆଯାଇଛି ସେମାନେ ଅନେକ ଧୈର୍ଯ୍ୟ ଏବଂ କଷ୍ଟ ସହନ କରିଛନ୍ତି । ଆଜିକାଲିକା ଲୋକଦେଖାଣିଆ ଶ୍ରଦ୍ଧାଳୁଙ୍କ ଭଳି ସେମାନେ ବିଶୃଙ୍ଖଳିତ ହୋଇନାହାନ୍ତି । ସେଇମାନେ ହିଁ ପ୍ରକୃତରେ ଶ୍ରଦ୍ଧାଳୁ ପଦବାଚ୍ୟ ।



ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୪ ନଭେମ୍ବର, ୨୦୨୫ | ମଙ୍ଗଳବାର

ଓଡ଼ିଶା ଏକ୍ସପ୍ରେସ୍


## ଶ୍ରଦ୍ଧାଳୁମାନେ ଅଧିକ ଶୃଙ୍ଖଳିତ ହେବା ଉଚିତ୍

ଭଗବାନଙ୍କ ପ୍ରତି ଯେଉଁମାନଙ୍କର ଶ୍ରଦ୍ଧା-ଭକ୍ତି ଥାଏ ସେମାନଙ୍କୁ ଆମେ ଶ୍ରଦ୍ଧାଳୁ କହିଥାଉ । ଏମାନେ ଅନ୍ୟମାନଙ୍କ ପ୍ରତି ମଧ୍ୟ ଶ୍ରଦ୍ଧାଶୀଳ ଏବଂ ଦୟାଶୀଳ ହେବା ଉଚିତ୍ । ମୁହଁରେ 'ମାନବ ସେବା ହିଁ ମାଧବ ସେବା' କହି ଅନ୍ୟମାନଙ୍କୁ ଠେଲିପେଲି କିଭଳି ନିଜେ ଦର୍ଶନ କରି ସବୁତକ ପୁଣ୍ୟ ଲୁଟି ନେଇହେବ- ଏ ମାନସିକତାର ଲୋକଙ୍କୁ କ'ଣ ଆମେ ପ୍ରକୃତ ଅର୍ଥରେ ଶ୍ରଦ୍ଧାଳୁ କହିପାରିବା ? ଯେଉଁମାନେ ଅନ୍ୟ ଲୋକଙ୍କ ପାଇଁ ସଚେତନ ନୁହଁନ୍ତି ଏବଂ ଅନ୍ୟମାନଙ୍କ ପ୍ରତି ଯେଉଁମାନଙ୍କ ପାଖରେ ସମ୍ବେଦନଶୀଳତା ନଥାଏ ସେମାନେ ଯେ ଭଗବାନଙ୍କୁ ପ୍ରକୃତରେ ଭକ୍ତି କରନ୍ତି ଏକଥାକୁ ଗ୍ରହଣ କରିହେବନାହିଁ । ଭକ୍ତି ଏମାନଙ୍କ ପାଇଁ ଏକ ଲୋକଦେଖାଣିଆ ପରିପ୍ରକାଶ ମାତ୍ର।

ଗତ ରଥଯାତ୍ରା ଅବସରରେ ଗୁଣ୍ଡିଚା ମନ୍ଦିର ରଥ ଆଗରେ ଠେଲାପେଲାରେ ଦୁଇଜଣଙ୍କର ଜୀବନ ଯାଇଥିଲା । ଏହା ଖୁବ୍ ଦୁଃଖଦାୟକ ଥିଲା ।

ନିକଟରେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲା କାଶୀବୁଗା ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ ମଧ୍ୟ ଏକାଦଶୀ ତିଥିରେ ପ୍ରବଳ ଭିଡ଼ ଏବଂ ଦଳାଚକଟାରେ ୧୦ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୫ରୁ ଅଧିକ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ଓଡ଼ିଶାର ଝିଅଟିଏ ମଧ୍ୟ ଅଛି ।

ଏ ଘଟଣା ପରେ ପରେ ପୁରୀରେ ମଧ୍ୟ ଭିଡ଼ ଅସମ୍ଭାଳ ହୋଇପଡ଼ିଥିଲା । ବ୍ୟାରିକେଡ୍ ଠେଲି ଶ୍ରୀମନ୍ଦିର ଭିତରକୁ ପଶିବାକୁ କିଛି ଭକ୍ତ ଚେଷ୍ଟା କରିବାରୁ ଠେଲାପେଲାରେ ୨ଜଣ ମହିଳା ତଳେ ପଡ଼ି ଆହତ ହୋଇଥିଲେ । ସୌଭାଗ୍ୟବଶତଃ କାହାରି ଜୀବନହାନି ହୋଇନାହିଁ । ରବିବାର କାର୍ତ୍ତିକ ପଞ୍ଚକର ପ୍ରଥମ ଦିନରେ ଶ୍ରୀମନ୍ଦିରରେ ଦେଖିବାକୁ ମିଳିଥିଲା ଏଭଳି ଅଭାବନୀୟ ଦୃଶ୍ୟ। ୨ ଲକ୍ଷରୁ ଅଧିକ ଲୋକଙ୍କର ସମାଗମ ହୋଇଥିଲା । ପୂର୍ବରୁ ସବୁପ୍ରକାର ପ୍ରସ୍ତୁତି ସତ୍ତ୍ୱେ ଲୋକଙ୍କୁ ଆୟତ୍ତ କରିବା ସମ୍ଭବ ହୋଇନଥିଲା ।

ଲୋକଙ୍କ ସଂଖ୍ୟା ଦିନକୁ ଦିନ ବଢୁଛି, ଭକ୍ତଙ୍କ ସଂଖ୍ୟା ମଧ୍ୟ । ଦୁର୍ନୀତି- ଭ୍ରଷ୍ଟାଚାର ବଢ଼ିବା ସହିତ ତାଳ ଦେଇ ଦେଶର ବିଭିନ୍ନ ମନ୍ଦିର ଏବଂ ଧର୍ମପୀଠରେ ଭକ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ନୂଆ ନୂଆ ମନ୍ଦିର ଗଢ଼ିଉଠିଥିଲେ ମଧ୍ୟ ଭିଡ଼ ଅସମ୍ଭାଳ ହୋଇପଡୁଛି । ପ୍ରଶାସନ ପାଇଁ ଭିଡ଼ ସମ୍ଭାଳିବା କଷ୍ଟସାଧ୍ୟ ହେଉଛି । ଗାଡ଼ି ମଟର ସଂଖ୍ୟା ବଢ଼ିବା ଫଳରେ ଯେଉଁଭଳି ଟ୍ରାଫିକ୍ ଜାମ୍ ଏବଂ ପ୍ରଦୂଷଣ ବଢୁଛି ଠିକ୍ ସେହିଭଳି ଭକ୍ତଙ୍କ ସଂଖ୍ୟା ବଢ଼ିବା ଫଳରେ ପର୍ବପର୍ବାଣି ଦିନମାନଙ୍କରେ ପ୍ରତିଟି ଦେବାଳୟରେ ଭକ୍ତଙ୍କ ଜାମ୍ ଦେଖିବାକୁ ମିଳୁଛି । ଯେଉଁମାନଙ୍କୁ ଆମେ ଭକ୍ତ ଏବଂ ଶ୍ରଦ୍ଧାଳୁ କହୁଛୁ ସେମାନେ ଆଦୌ ଶୃଙ୍ଖଳିତ ହେଉନାହାନ୍ତି । ତେଣୁ ପ୍ରଶାସନର ପୂର୍ବ ପ୍ରସ୍ତୁତି ସତ୍ତ୍ୱେ ଅମାନିଆ ଭକ୍ତମାନଙ୍କୁ ଆୟତ୍ତ କରାଯାଇପାରୁନି । କିଛି ଅମାର୍ଜିତ ଭକ୍ତଙ୍କ ପାଇଁ ବେଳେବେଳେ ଅଭାବନୀୟ ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି । ଭିଡ଼ ସମ୍ଭାଳିବା ପ୍ରଶାସନ ପାଇଁ କଷ୍ଟକର ହୋଇପଡୁଛି । ତେଣୁ ଶ୍ରଦ୍ଧାଳୁଙ୍କ ପାଖରେ ଯଦି ଅନ୍ୟମାନଙ୍କ ପ୍ରତି ଶ୍ରଦ୍ଧା ରହୁଥାନ୍ତା ତା'ହେଲେ ଠେଲାପେଲାରେ କେହି ମୃତାହତ ହେଉନଥାନ୍ତେ କି ଆହତ ମଧ୍ୟ ହେଉନଥାନ୍ତେ । କଳେବଳେ କୌଶଳେ, ଜୋର୍ ଲଗାଇ ଧସେଇ ପସି ଭଗବାନଙ୍କ ଦର୍ଶନ କଲେ କିଛି ଅଧିକ ପୁଣ୍ୟ ମିଳିବ କି? ଭକ୍ତଙ୍କ ନିକଟରେ ଧୈର୍ଯ୍ୟ ରହିବା ଦରକାର, ଯଦି ପର୍ବପର୍ବାଣି ଦିନମାନଙ୍କରେ ଭିଡ଼ ହେବାର ଆଶଙ୍କା କରି ସେମାନେ ଭଗବାନଙ୍କ ଦର୍ଶନ ପାଇଁ ଯାଉଥାନ୍ତି । ପୁରାଣରେ ଯେଉଁମାନଙ୍କୁ ଭକ୍ତ ଆଖ୍ୟା ଦିଆଯାଇଛି ସେମାନେ ଅନେକ ଧୈର୍ଯ୍ୟ ଏବଂ କଷ୍ଟ ସହନ କରିଛନ୍ତି । ଆଜିକାଲିକା ଲୋକଦେଖାଣିଆ ଶ୍ରଦ୍ଧାଳୁଙ୍କ ଭଳି ସେମାନେ ବିଶୃଙ୍ଖଳିତ ହୋଇନାହାନ୍ତି । ସେଇମାନେ ହିଁ ପ୍ରକୃତରେ ଶ୍ରଦ୍ଧାଳୁ ପଦବାଚ୍ୟ ।

# ମୋର ଜଣେ ଘନିଷ୍ଟ ବନ୍ଧୁଙ୍କଠାରୁ ମୋ ହ୍ୱାଟ୍ସଆପରେ



## ତୁଷମ୍ ଇବ ମନ୍ଥନମ୍- ଚକ୍ଷୁକୁଟା କାମ

■ ତୁଷାରକାନ୍ତ

'ବାଡ଼ ଯେଉଁଠି ଫସଲ ଖାଏ, ରକ୍ଷକ ଯେଉଁଠି ଭକ୍ଷକ ।' ଏହା ଉପରେ ତୁମର କିଛି ବ୍ୟକ୍ତିଗତ ଅଭିଜ୍ଞତା ଅଛି କି?

'ହେ ଗୁଗଲବାବାଙ୍କଠାରୁ କାପି ଏଣ୍ଡ ପେଷ୍ଟ କରୁଥିବା ବିଶେଷଜ୍ଞ' ତୁଷାରକାନ୍ତ? ଭଳି ପ୍ରଶ୍ନଟିଏ ପାଇ, ତାଙ୍କୁ ଯେଉଁ ଉତ୍ତର ପଠେଇଥିଲି, ତାହା ହିଁ ଆଜିର ଏହି ପ୍ରବନ୍ଧର ବିଷୟବସ୍ତୁ ।

ତାଙ୍କୁ ଲେଖିଥିଲି, ବନ୍ଧୁ ହେ, ମୋର ଅବିମୃଶ୍ୟକାରିତାପଣିଆ ଯୋଗୁଁ 'କିଛି ଅଭିଜ୍ଞତା ନୁହେଁ, ଜୀବନଭରର ଅଭିଜ୍ଞତା ଅଛି, ଯାହା ମୋତେ 'କାକର-ତୁଷାର' ବନେଇ ଦେଇଛି । ମୋ ବୋଉ ମୋତେ କହିଥିଲା ଯେ, 'ଜାତକ ସୁଝିବା ଆଧାରରେ, ଆମର ଜଣେ ବନ୍ଧୁଙ୍କ ପରାମର୍ଶରେ ଜ୍ୟୋତିଷ ମହାଶୟ ମୋ ନାମ ତାଳପତ୍ର ଜାତକରେ 'ବସନ୍ତ କୁମାର' ବୋଲି ଲେଖିଥିଲେ ।

ଜ୍ୟୋତିଷ ମହାଶୟ ଲେଖିସାରି ପଢ଼ିବା ସମୟରେ, ମୋ ବୁଢାବାପା ଏହା ଶୁଣି, 'ଆମ ହାଡିବନ୍ଧୁ (ତାଙ୍କ ପୁତୁରା)ର ପୁଅର ନାମ ପରା ବସନ୍ତ, ଗୋଟିଏ ପରିବାରରେ ଏକା ନାମରେ ଦୁଇଜଣ ଠିକ୍ ନୁହେଁ' ବୋଲି କୁହନ୍ତେ, ସେଠାରେ ଉପସ୍ଥିତ ମୋ ବାପାଙ୍କର ଘନିଷ୍ଠବନ୍ଧୁ ସୁଦାମବାବୁ, ତାଙ୍କ ବଡପୁଅର ନାମ ଅନୁସାରେ ମୋ ନାମ 'ତୁଷାରକାନ୍ତ' ରଖାଯିବାକୁ ପ୍ରସ୍ତାବ ଦେଇଥିଲେ, ଯାହା ଗୃହୀତ ହୋଇଥିଲା ।

ତେଣୁ, ବନ୍ଧୁ ହେ, ଜାତକରେ ମୋ ନାମ 'ବସନ୍ତ କୁମାର' ତ ମାଟ୍ରିକ୍ୟୁଲେସନ ସାର୍ଟିଫିକେଟରେ 'ତୁଷାରକାନ୍ତ' ଓ 'ଜୀବନରେ କେବେହେଲେ ବସନ୍ତଋତୁର ମହକ ନଥାଇ ସବୁବେଳେ ତୁଷାରପାତ' । ତେବେ ସେ ଯାହାହେଉ ବନ୍ଧୁ ହେ, ମୋର ଅଙ୍ଗେଲିଭା ଉଦାହରଣଟିଏ ଉପରେ ଆଧାରିତ ଗୋଟିଏ ଉଦାହରଣ ସନ୍ନିବେଶିତ କରିଛି, ଯାହାକୁ ପଢିଯାଅ ଓ ଆମ ବ୍ୟବସ୍ଥାରେ 'ରକ୍ଷକ କିପରି ଭକ୍ଷକ' ତାହା ଜାଣି 'ଅଖା ଧୋଇ ଗୁଣ ଗାଉଥାଅ' ।

ତାରିଖଟି ସଠିକଭାବରେ ମନେପଡୁନି କିନ୍ତୁ ଘଟଣାଟି ୧୯୯୯ ମସିହାର । ସେତେବେଳେ, ଓଡ଼ିଶା ପାଇଁ SBIର ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ-Local head Office (LHO) ଭୁବନେଶ୍ୱରସ୍ଥିତ ରୁପାଲିଛକ ପାଖରେ ଥିବା IDCO Towersରେ ଭଡାରେ ଚାଲୁଥିଲା, ଯେଉଁଠାରେ ମୁଁ ମୁକରୀର ଥିଲି । (ସେହି LHO ଏବେ, ରବୀନ୍ଦ୍ର ମଣ୍ଡପ ସାମ୍ନାରେ ନିଜର ବିଲ୍ଡିଙ୍ଗରେ ଅଛି)

ସେତେବେଳେ ମୁଁ କଟକରୁ ଯିବା ଆସିବା କରୁଥିଲି । ମୁଁ ସ୍କୁଟରରେ ବ୍ୟାଙ୍କରଣରେ ନୂଆବଜାରରେ ତିଆରିଥିବା ଘରୁ ଆସି, ସ୍କୁଟରକୁ ମଧୁପାଟଣା ଛକପାଖର ରେଳଲାଇନର ଠିକ୍ ତଳେଥିବା ସ୍କୁଟରଷ୍ଟାଣ୍ଡରେ ରଖି, ବସ୍‌ରେ ଭୁବନେଶ୍ୱର ଆସୁଥିଲି ଓ ବସରେ ଫେରି ସେଠାରୁ ସ୍କୁଟର ନେଇ ଘରକୁ ଯାଉଥିଲି । ଦିନେ, ବାଣୀବିହାରଛକରୁ ବସରେ ଉଠିଲାବେଳକୁ ବସର ପ୍ରବେଶପଥରେ ହଠାତ ଭିଷଣ ଭିଡ଼ ହୋଇଥାଏ । ତଥାପି କଷ୍ଟେ ମଷ୍ଟେ ପଶିଯାଇ, ବସଭଡା ଦେବାପାଇଁ ପକେଟରେ ହାତ ପୁରାଇ ଜାଣିବାକୁ ପାଇଥିଲି ଯେ 'ମନିପର୍ସ ନାହିଁ' ।

ଉପରେ ବର୍ଣ୍ଣିତ ବସର ଗେଟପାଖରେ ସେହି କୃତ୍ରିମ ଭିଡ ଯେ ପକେଟମାରୁ ଗ୍ୟାଙ୍ଗର ସଦସ୍ୟମାନଙ୍କ ଜରିଆରେ କରାଯାଇ ଏଭଳି ଚୋରି କରାଯାଏ, ତାହା ଆଉଜଣେ ଯାତ୍ରୀ ମୋତେ ବୁଝେଇ ଦେଇଥିଲେ । ସେହି ଯାତ୍ରୀ ମୋର ବାଟଖର୍ଚ୍ଚ ଭରଣା କରିଥିଲେ । ଆମେ ଦୁହେଁ କଟକର ମଧୁପାଟଣା ଛକର ବାମପଟ ଟିକିଏ ଆଗକୁ ସ୍କୁଟରରଖା ଷ୍ଟାଣ୍ଡର ସାମ୍ନାରେ ଓହ୍ଲାଇବା ପରେ, ମୁଁ ତାଙ୍କୁ ସାଙ୍ଗରେ ନେଇ, 'ସ୍କୁଟରଷ୍ଟାଣ୍ଡର ମାଲିକଙ୍କଠାରୁ କିଛି ଟଙ୍କା ଆଣି, ସେ ବସଭଡା ଦେଇଥିବା ପରିମାଣ ତାଙ୍କୁ ଦେଇ 'ଚାହା ପିଇବାପାଇଁ ମଧୁପାଟଣା ଥାନାପାଖ ଚା' ଦୋକାନକୁ ତାଙ୍କୁ ନେଇଥିଲି । ସେଠାରେ ଥାନାର ଜଣେ କର୍ମଚାରୀ, ଯିଏକି ମୋର ଜଣେ ସମ୍ପର୍କୀୟ ଶଳା ଉପସ୍ଥିତ ଥିଲେ । ମୋତେ ସାହାଯ୍ୟ କରିଥିବା ସେହି ଭଦ୍ରଲୋକଙ୍କ ସହିତ ସେ ମୋତେ ଦେଖି 'ଭାଇନା, ଦଲାରୀଟା ସହିତ ତୁମେ' ବୋଲି ପଚାରନ୍ତେ, ମୁଁ ଆଶ୍ଚର୍ଯ୍ୟ ହୋଇ ସେହି ଲୋକଟି ଆଡ଼କୁ ଚାହିଁଲାବେଳକୁ ସେ ଭୟଭୀତ ମୁଦ୍ରାରେ ଥିଲେ ।

ମୁଁ ସମ୍ପର୍କୀୟ ଶଳାଙ୍କୁ ମୋର ମନିପର୍ଶ ଚୋରି, ସେହି ବ୍ୟକ୍ତିଙ୍କ ବଦାନ୍ୟତା ବାବଦରେ କୁହନ୍ତେ, ସେ ସେହି ଲୋକକୁ 'ଭାଇନାଙ୍କ ପର୍ସ ଫେରାଉଛୁ ନା ଦେଖିବୁ ଶଳା' କହିବା ପରେ, ସେ ତା' ବେଗଭିତରୁ ୩ଟି ପର୍ସ ବାହାରକରି, ମୋତେ 'ଆପଣଙ୍କର ଯେଉଁଟି, ନେଇଯାଆନ୍ତୁ' କହିବାପରେ ମୁଁ ମୋର ପର୍ସଟି ନେଇଥିଲି । ଟଙ୍କା ତ ଅଳ୍ପଥିଲା, (ମୋ ଟଙ୍କାଘରେ ସବୁବେଳେ ତୁଷାରପାତ, କେବେ ବି ବସନ୍ତର ପ୍ରବାହ ନଥାଏ ।) କିନ୍ତୁ ଡ୍ରାଇଭଂ ଲାଇସେନ୍ସ ଆଦି କିଛି ଜରୁରୀ କାଗଜ ଫେରିପାଇ ମୁଁ ଆଶ୍ୱସ୍ତ ହୋଇଥିଲି ।

ଏହାପରେ ମୁଁ ସମ୍ପର୍କୀୟ ଶଳାଙ୍କ ମୁହଁକୁ ଚାହାନ୍ତେ ସେ କହିଥିଲେ, 'ଏହା ନାମରେ ଆମ ଥାନା ସହିତ ବହୁତ ସ୍ଥାନରେ ଅଭିଯୋଗ ରହିଛି । ଲୋକଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ନିୟୋଜିତମାନଙ୍କ ସହାୟତାରେ ଏହି ଛୋଟ ମାଛମାନେ ଏଭଳି କାମକରି, ନିଜର ଭାଗ ପାଇଥାଆନ୍ତି । ଏମାନଙ୍କର ତଥା ସଂଶ୍ଲିଷ୍ଟ ସମସ୍ତଙ୍କର ମହତପଣିଆ ଏହି କି ଯେ, କେହିହେଲେ ନିଜେ ଲୁଟୁଥିବା ଟଙ୍କା, ସୁନା ଇତ୍ୟାଦିରୁ ଟିକିଏହେଲେ ଏକଡସେକଡ ନକରି ଗ୍ୟାଙ୍ଗର ମୁଖିଆଙ୍କୁ ସବୁଦେଇ, ନିଜର ଭାଗ ପାଇଥାଆନ୍ତି' । ଏହାପରେ ଶାଳକ ମହାଶୟ ତାଙ୍କ ଲାଠିରେ ସେହି ବ୍ୟକ୍ତିଙ୍କୁ ମୃଦୁ ପ୍ରହାରଟିଏ ଦେବାପରେ, ସେ ଶାଳକଙ୍କ ପାଦଛୁଇଁ ସେଠାରୁ ପଳେଇଥିଲା । ମୁଁ ଶାଳକଙ୍କ ଉଦ୍ଦେଶ୍ୟରେ 'ତୁମର ବି..' କହୁ କହୁ, ସେ 'ଭାଇନା, ଆପଣଙ୍କର ଯେଉଁ କଥା, ସମସ୍ତେ ନିଜ ନିଜର କ୍ଷମତା ଆଧାରରେ ଏହାର ଉପଭୋକ୍ତା' କହି ପଳେଇଥିଲେ ।




ମୁଁ କାଳେ 'ସେହି ସମସ୍ତେ କିଏ ବାବଦରେ ପଚାରି ଦେବି ଆଶଙ୍କାରେ ସେ ପଳେଇଥିଲେ କି' ହେ ବନ୍ଧୁ!

ଏଇଠି ବନ୍ଧୁ ହେ, ବହୁତ ବର୍ଷ ତଳେ ପଢ଼ିଥିବା ଗପଟିଏ ମନେ ପଡୁଛି, ଯାହା ଫତୁରାନନ୍ଦଙ୍କ ଲେଖାରୁ ହୋଇଥିବାର ଯଥେଷ୍ଟ ସମ୍ଭାବନା, କିନ୍ତୁ ସଠିକ ଭାବରେ ଲେଖକଙ୍କ ନାମ ମନେପଡୁନି ।

ଲେଖାଟିର ସାରାଂଶ ହେଉଛି 'ଜଣେ ଜେଲର ମହାଶୟ ବହୁତ ଖର୍ଚ୍ଚକରି ନିଜର ଝିଅ ବିଭାଘର କରେଇ, ଝିଅ ଓ ଜ୍ୱାଇଁଙ୍କୁ ବିଦା କରି, କାର୍ଯ୍ୟରେ ଯୋଗଦାନ କରିବା ସଙ୍ଗେ ସଙ୍ଗେ ନିଜର ଚିରାଚରିତ ଅଭ୍ୟାସମତେ ଗୋଟିଏ ଧୂର୍ତ୍ତଚୋରକୁ ଚୋରି କରିବାପାଇଁ ପଠେଇଥିଲେ । ଚୋରଟି ଯେଉଁ ଗହଣା ଚୋରି କରି ଆଣି ଜେଲରଙ୍କୁ ଦେଇଥିଲା, ତାହା ଜେଲର ତାଙ୍କ ଝିଅକୁ ଦେଇଥିବା ଗହଣାଥିଲା । ଜେଲର ଭୟରେ ଚୋରକୁ 'ଆରେ ତୁ ଯାହାଠାରୁ ଚୋରି କରିଛୁ, ତାକୁ ହାଣିଦେଇନୁ ତ' ବୋଲି ପଚାରନ୍ତେ,ଚୋର ମନା କରିବା ପରେ, ଜେଲର ଆଶ୍ୱସ୍ତ ହୋଇଥିଲେ' ।

ବନ୍ଧୁ ହେ, 'ଏହିପରି ତ ଅଛି କୋଟି କୋଟି ଗପ, କିନ୍ତୁ ଆମ ଶାସନ, ନ୍ୟାୟିକ ପ୍ରଣାଳୀରେ କୋଟି କୋଟି ବାସ୍ତବିକତା ନୁହେଁ କି ଉପଲବ୍ଧ?

ଆମଦେଶର ପୂର୍ବତନ 'ମୁଖ୍ୟ ସତର୍କତା କମିଶନର-Chief Vigilance Commissioner' ତଥା ଏବକୁ ଦିବଙ୍ଗତ ଏନ୍. ଭିଟ୍ଟଲ (IAS), 'ମୁଖ୍ୟ ସତର୍କତା କମିଶନର' ଥିବା କାଳରେ ହିଁ, ତା।୨୪.୧୧.୨୦୦୦ ରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ଏକ ଆଲୋଚନାଚକ୍ରରେ କହିଥିଲେ ଯେ 'ଟୋପି(ନେତା), ବାବୁ (ସର୍ବନିମ୍ନ ସ୍ତରର ସରକାରୀ କର୍ମଚାରୀଙ୍କ ଠାରୁ ସର୍ବୋଚ୍ଚ ଅଧିକାରୀ), (୩)ଲାଲା (ବ୍ୟବସାୟୀ), (୪) ଝୁଲା (ଏନଜିଓ) ଓ (୫) ଦାଦା (ଗୁଣ୍ଡା)ଙ୍କ ସମନ୍ୱିତ (ମିଳିଭଗତ) କବଳରୁ ମୁକ୍ତି ମିଳିବା କାଠିକର ପାଠ' ।

(Noted Investigating journalist Smt Sucheta Dalal, on 11.04.2000 had written:- ..N Vittal's appointment as India's Chief Vigilance Commissioner has held out hope of an organised war against corruption for first time.He is dynamic, unafraid and determined to make a difference.He is also a powerful and passionate speaker who connects instantly with the audience.This has already earned him the lebel of being a crank and a publicity seeker -the ultimate accolade for anyone who seriously attempt to buck the Indian system. A system, which Vittal describes as being in the stranglehold of the NETA(ନେତା), BABU (ସରକାରଙ୍କ ଶାସନରେ ଥିବା ସମସ୍ତେ), LALA (ବ୍ୟବସାୟୀ, ପୁଞ୍ଜିପତି), JHOLA (ଏନଜିଓ)and DADA(ଗୁଣ୍ଡା) nexus - which translates into THE POLITICIAN- THE BUREAUCRAT - THE BUSINESSMAN- THE NON-GOVERNMENT ORGANISATION (YES,THAT TOO) AND THE MAFIA NEXUS'.

'ଅଖା ଧୋଉଥାଅ ଓ ଆମର ଏହି ପାଞ୍ଚ ଧନୁର୍ଦ୍ଧରଙ୍କ ଗୁଣ ଗାଉଥାଅ' ହେ ବନ୍ଧୁ ।

*ମୋ. ୮୮୯୫୮୫୭୩୧୮*

# କାର୍ତ୍ତିକ ବ୍ରତ : ଓଡ଼ିଶାର ନିଆରା ପରମ୍ପରା

■ ସୌର ଚନ୍ଦ୍ର ମହାପାତ୍ର ■

ହେମନ୍ତ ପ୍ରକୃତିର ମେଘମୁକ୍ତ ଆକାଶ ତଳେ ଧରଣୀ ରାଣୀ ପାର୍ବତୀ ନନ୍ଦନ କାର୍ତ୍ତିକେୟଙ୍କ ବନ୍ଦନାରେ ଆତ୍ମବିସ୍ମୃତ ହୋଇଉଠେ । ଦେବ ସେନାପତି ଚିରକୁମାର କାର୍ତ୍ତିକେୟଙ୍କ ଆରାଧନା ଏହି ମାସରେ କରାଯାଏ । ବର୍ଷକ ବାର ମାସ ଛଅ ଋତୁ । ମାତ୍ର ସବୁ ମାସ ମଧ୍ୟରେ କାର୍ତ୍ତିକକୁ ଶ୍ରେଷ୍ଠ ମାସ ଭାବେ ବିବେଚନା କରାଯାଏ। କୁମାର ପୂର୍ଣ୍ଣିମା ପରଦିନ ଠାରୁ ଆରମ୍ଭ ହୁଏ ଧର୍ମ ମାସ କାର୍ତ୍ତିକ । ଏହି ମାସରେ ଲୋକମାନେ ନିଷ୍ଠାର ସହ ଭଗବାନଙ୍କୁ ପ୍ରାର୍ଥନା କରିଥାନ୍ତି । ସାରା ମାସ ଆମିଷ ବର୍ଜନ କରି ଶୁଦ୍ଧ ଶାକାହାରୀ ଖାଦ୍ୟକୁ ଆପଣାଇଥାନ୍ତି। କାର୍ତ୍ତିକ ଏକ ଧର୍ମ ମାସ ରୂପେ ପରିଚିତ । ଏହି ମାସରେ ବୟସ୍କ ତଥା ଧର୍ମପ୍ରାଣ ଆବାଳ-ବୃଦ୍ଧ-ବନିତା ପ୍ରତ୍ୟହ ପ୍ରାତଃକାଳରେ ସ୍ନାନ ସମାପନ ପୂର୍ବକ ଦେବ ଦର୍ଶନ ଏବଂ ନଗର ସଂକୀର୍ତ୍ତନରେ ଆତ୍ମବିଭୋର ହୋଇଉଠୁଥିବାର ପରିଲକ୍ଷିତ ହୁଏ । ପୂର୍ଣ୍ଣିମା ପର୍ବ ପାଞ୍ଚଦିନ ପଞ୍ଚକ ପର୍ବ ବା ମହାପଞ୍ଚକ ନାମରେ ପରିଚିତ । ଏହି ପାଞ୍ଚ ଦିନରେ ଅଧିକାଂଶ ହିନ୍ଦୁ ଲୋକ ଆମିଷ ପରିହାର ପୂର୍ବକ ଧର୍ମୀୟ ମନୋଭାବରେ ଦେବତାଙ୍କୁ ପୂଜା କରିଥାନ୍ତି । କୁହାଯାଏ, ଏହି ପାଞ୍ଚଦିନ କାଳ ବଗ ମଧ୍ୟ ଆମିଷ ସ୍ପର୍ଶ କରେନାହିଁ । ଏହି ମାସର ଶୁକ୍ଳପକ୍ଷ ଏକାଦଶୀ ବା ବଡ଼ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଞ୍ଚଦିନ ଧରି ପଞ୍ଚକ ଅନୁଷ୍ଠିତ ହୁଏ । ଏହିଦିନ ସ୍ତ୍ରୀଲୋକମାନେ ରାଇ-ଦାମୋଦର ବ୍ରତ ଉଦ୍‌ଯାପନ କରିଥାନ୍ତି ।

ବିଧବାମାନଙ୍କ ପାଇଁ ଏହି କାର୍ତ୍ତିକ ମାସଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେମାନେ ହବିଷ୍ୟ ପାଳନ ପୂର୍ବକ ପ୍ରତ୍ୟହ ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ୱଳନ କରିଥାନ୍ତି । ପ୍ରତ୍ୟେକ ଦିନ ପ୍ରତ୍ୟୁଷରୁ ଶଯ୍ୟାତ୍ୟାଗପୂର୍ବକ ସ୍ନାନ ସମାପନ ପରେ ସେମାନେ ଦେବଦେବୀ ଦର୍ଶନ ପାଇଁ ଗମନ କରନ୍ତି ଏବଂ ଦେବାଳୟରୁ ପ୍ରତ୍ୟାବର୍ତ୍ତନ ପରେ କାର୍ତ୍ତିକ ମାହାତ୍ମ୍ୟ ପାଠ ବା ଶ୍ରବଣରେ ମନୋନିବେଶ କରିଥାନ୍ତି । ତୁଳସୀ ବୃକ୍ଷକୁ ଏହି ମାସରେ ଅତ୍ୟନ୍ତ ଭକ୍ତି ସହକାରେ ଆରାଧନା କରାଯାଇଥାଏ । କିମ୍ବଦନ୍ତୀ ରହିଛି ଯେ ରାକ୍ଷସ ଜଳନ୍ଧର ନିଜ ସତୀ, ସାଧ୍ୱୀ ପତ୍ନୀ ତୁଳସୀଙ୍କ ପତିବ୍ରତା ବଳରେ ବଳୀୟାନ ହୋଇ ଉଠିଥିଲା ଏବଂ ବୃନ୍ଦାବତୀଙ୍କ ସତୀତ୍ୱ ଅମ୍ଳାନ ରହିଥିବା ପର୍ଯ୍ୟନ୍ତ ଦେବତାମାନେ ବହୁଚେଷ୍ଟା ସତ୍ତ୍ୱେ ଜଳନ୍ଧରର କୌଣସି ଅନିଷ୍ଟ କରିପାରିନଥିଲେ ।

କାର୍ତ୍ତିକ ମାସରେ ଶ୍ରୀକ୍ଷେତ୍ରରେ ହଜାର ହଜାର ହବିଷ୍ୟାଳିଙ୍କ ସମାଗମ ହୋଇଥାଏ। ପ୍ରାତଃରୁ ଉଠି ମହିଳାମାନେ ମହୋଦଧି ଓ ତୀର୍ଥ ପୁଷ୍କରିଣୀରେ ସ୍ନାନ କରି ତୁଳସୀ ମୂଳରେ ରାଇଦାମୋଦର ପୂଜା କରିଥାନ୍ତି। କାର୍ତ୍ତିକରେ ତୁଳସୀ ପୂଜାର ରହିଛି ସ୍ୱତନ୍ତ୍ର ମାହାତ୍ମ୍ୟ । ତୁଳସୀ ଚଉରା ମୂଳରେ ପଞ୍ଚବର୍ଣ୍ଣ ମୁରୁଜ ପକାଇ ଧୂପ, ଦୀପ, ଅକ୍ଷତ ପ୍ରଦାନ ସ୍ୱରୂପ ହିବଷ୍ୟାଳିମାନେ କାର୍ତ୍ତିକ ବ୍ରତ ପାଳନ କରିଥାନ୍ତି । ଏ ଅବସରରେ ସୂର୍ଯ୍ୟ ପୂଜା ମଧ୍ୟ କରାଯାଏ। ଏହି ମାସରେ କାର୍ତ୍ତିକ ମାହାତ୍ମ୍ୟ ପଠନ କଲେ ସମସ୍ତ ପାପ କ୍ଷୟ ହୁଏ ବୋଲି ବିଶ୍ୱାସ ରହିଛି । ଶ୍ରୀମନ୍ଦିରରେ କାର୍ତ୍ତିକ ମାସରେ ମହାପ୍ରଭୁ ରତ୍ନସିଂହାସନ ଉପରେ ରାଧା ଦାମୋଦର ବେଶରେ ଦର୍ଶନ ଦେଇଥାନ୍ତି। କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ହବିଷ୍ୟାଳିମାନେ ବ୍ରତ ଧାରଣ କରି ନିଷ୍ଠାର ସହ ପାଳନ କରିଥାନ୍ତି ।

ଆକାଶଦୀପ ପ୍ରତିଷ୍ଠା ପବିତ୍ର କାର୍ତ୍ତିକ ବ୍ରତର ଆଉ ଏକ ମହତ୍ୱପୂର୍ଣ୍ଣ ଅବଦାନ। କାର୍ତ୍ତିକ ମାସ ବେଳକୁ ପିତୃପକ୍ଷ ଆରମ୍ଭ ହୋଇଯାଇଥାଏ। ପ୍ରେତପୁରୁଷ ତଥା ପିତୃଗଣଙ୍କୁ ପଥ ପ୍ରଦର୍ଶନ ଏବଂ ସେମାନଙ୍କ ଅନ୍ଧକାରଚ୍ଛନ୍ନ ଦୁର୍ଗମ ପଥକୁ ଆଲୋକିତ କରିବା ସକାଶେ ଉଚ୍ଚ ସ୍ଥାନରେ ଏହି ପ୍ରଦୀପ ଜ୍ୱଳନ ବିଧି ପ୍ରଚଳିତ । ତେଣୁ ପ୍ରାୟତଃ ପ୍ରତ୍ୟେକ ଗ୍ରାମରେ ଏକ ଉଚ୍ଚ ବାଉଁଶ ଖୁଣ୍ଟ ଉପର ପ୍ରତି ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ୱଳିତ କରି ରଖାଯାଇଥାଏ । କିମ୍ବଦନ୍ତୀରୁ ଜଣାଯାଏ ଦଣ୍ଡକାରଣ୍ୟରେ ସୀତାଙ୍କ ସହିତ ରାମଚନ୍ଦ୍ର ବନ ଭ୍ରମଣ କରୁଥିବା ସମୟରେ ସେଠାରେ ମୁନିଋଷିମାନେ ରାମଚନ୍ଦ୍ରଙ୍କ କାନ୍ତି ସନ୍ଦର୍ଶନରେ ମୁଗ୍ଧ ହୋଇ ନାରୀ ରୂପେ ତାଙ୍କ ସାହଚର୍ଯ୍ୟ ଲାଭ କରିବାକୁ ମନେ ମନେ ଇଚ୍ଛା ପ୍ରକାଶ କଲେ । ନରଦେହୀ ଗୋଲକ ବିହାରୀ ମୁନିଋଷିଙ୍କ ଅନ୍ତର୍ନିହିତ ଉଦ୍ଦେଶ୍ୟ ଅବଗତ ହୋଇ ସେମାନଙ୍କ ଅଭୀପ୍‌ସା ଚରିତାର୍ଥ ହେବା ସକାଶେ ଦ୍ୱାପର ଯୁଗରେ ସେମାନେ ଗୋପୀ ରୂପେ ଜନ୍ମଲାଭ କରିବାକୁ ବର ପ୍ରଦାନ କଲେ। ତଦନୁସାରେ ସେମାନେ ଗୋପୀ ରୂପେ ଜନ୍ମଲାଭ ଏବଂ ସ୍ୱୟଂ ନାରାୟଣ କୃଷ୍ଣ ରୂପେ ଆବିର୍ଭୂତ ହୋଇ ସେମାନଙ୍କ ବାସନା ଚରିତାର୍ଥ କରିଥିଲେ । ଗୋପାଙ୍ଗନାମାନେ କୃଷ୍ଣଙ୍କ ସାନିଧ୍ୟ ଲାଭ ଆଶାରେ କୁମାର ପୂର୍ଣ୍ଣିମା ଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତ୍ୟହ ପ୍ରତ୍ୟୁଷରୁ ସ୍ନାନ ସମାପନ ପୂର୍ବକ ବାଲିରେ କୃଷ୍ଣଙ୍କ ମୂର୍ତ୍ତି ସ୍ଥାପନ କରୁଥିଲେ । ପୂର୍ଣ୍ଣିମା ଅବକାଶରେ କଦଳୀପଟୁଆ ନିର୍ମିତ ଡଙ୍ଗା ଭସାଇବା ବିଧି ପ୍ରଚଳିତ । ସେ ଦିନ ସମସ୍ତେ କଦଳୀ ବାହୁଙ୍ଗା ବା ସୋଲ ତିଆରି ଡଙ୍ଗୀରେ ଦୀପ ଜାଳି ଏବଂ ସେଥିରେ ପାନଗୁଆ ଥୋଇ ଭସାଇଥାନ୍ତି। ପୂର୍ଣ୍ଣିମାରେ ପବିତ୍ର ତୀର୍ଥ ପୁଷ୍କରିଣୀରେ ବୁଡ଼ ପକାଇ ଡଙ୍ଗା ଭସାଇ ବ୍ରତ ଶେଷ କରାଯାଏ ।

*ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*ମୋ : ୯୪୩୭୦୦୪୪୬୬*

# ସେତେବେଳେ ଘନ ଅନ୍ଧାର, ଏବେ ଆଲୋକର ପାରାବାର



## ଟିଙ୍କି ମହାକାଳି ଚକୁଳି

ସମରେନ୍ଦ୍ର ବଳିଆରସିଂହ

ହେ ତା' ପର ଦିନ କରେଣ୍ଟ ଆସିଲା। ହେଲେ ଅପାବିଦା ହେଇ ଯିବା ଦୁଃଖରେ ଘରକୁ କରେଣ୍ଟ ଆସିବା ଖୁସି ମଉଳିଯାଇଥିଲା। ପରବର୍ତ୍ତୀ ସମୟରେ ଘଣ୍ଟା ଘଣ୍ଟା କରେଣ୍ଟ ଯାଇଛି । ସେଇ ସମୟରେ ଅନୁଭବ ହେଇଛି କରେଣ୍ଟର ଅନୁପସ୍ଥିତି । ନ ଥିଲା ନାଇଁ, ଚଳିଯାଉଥିଲା। କରେଣ୍ଟ ଆସିବା ପରେ ଆଉ କରେଣ୍ଟ ଯିବାକୁ ସହ୍ୟ କରିହେଉନଥିଲା। ଆଗେ ଅନ୍ଧାରରେ ରହିବା ଅସହଜ ମନେ ହେଉନଥିଲା, ତେବେ ଥରେ ଆଲୁଅର ସ୍ୱାଦ ଚାଖିବା ପରେ ଅନ୍ଧାର ଭଲଲାଗୁନଥିଲା। ଜୀବନ ଏମିତ । ଜନ୍ମକୁ ଯେମିତି ଖୁସିରେ ଗ୍ରହଣ କରିହୁଏ, ମୃତ୍ୟୁକୁ ନୁହେଁ । ମିଳନକୁ ଯେମିତି, ବିୟୋଗକୁ ସେମିତି ନୁହେଁ ।

ଅନେକ ସମୟରେ ଟ୍ରାନ୍ସଫର୍ମର ପୋଡ଼ି ଯିବା ଯୋଗୁଁ ମାସ ମାସ କରେଣ୍ଟ ଯାଇଛି । କରେଣ୍ଟର ଅପେକ୍ଷାରେ ଦୀର୍ଘ ସମୟ ବିତିଯାଇଛ । ଦୂର ପ୍ରବାସରେ ଥିବା ପତି ବା ପ୍ରେମିକ ପାଇଁ ପତ୍ନୀ ବା ପ୍ରେମିକର ଅପେକ୍ଷା ଭଳି ଭାରି ଯନ୍ତ୍ରଣାଦାୟକ 'ଆଲୁଅର ଏ ଉପେକ୍ଷା'। ସେତେବେଳେ ଅନେକ ଲୋକ ବିଦ୍ୟୁତ ବିଲ୍ ଦେଉନଥିଲେ। ତେଣୁ ବିଦ୍ୟୁତ ବିଭାଗ ସଙ୍ଗେ ସଙ୍ଗେ ଟ୍ରାନ୍ସଫର୍ମର ସଂଯୋଗ ପାଇଁ ଟାଳଟୁଳ ନୀତି ଅବଲମ୍ବନ କରୁଥିଲେ । ବକେୟା ବିଲ୍ ନ ଦେଲେ ଟ୍ରାନ୍ସଫର୍ମର ସଂଯୋଗ ହେବନାହିଁ ବୋଲି ପରୋକ୍ଷରେ ସୂଚାଇଦେଉଥିଲେ। 'ଏତିକି ମାସ ପାଇଁ ଅମୁକ ଗାଁ ଅନ୍ଧାର' ବୋଲି ଖବରକାଗଜରେ ଖବର ପ୍ରକାଶ ପାଉଥିଲା । ଗାଁର କିଛି ନେତୃସ୍ଥାନୀୟ ବ୍ୟକ୍ତି ବିଦ୍ୟୁତ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ କିଛି କିଛି ବକେୟା ଆଦାୟ କରି ଦିଆଯାଉଥିଲା । ତା' ପରେ ଟ୍ରାନ୍ସଫର୍ମର ବସୁଥିଲା।। ଯେଉଁମାନେ ଠିକ୍ ସମୟରେ ବିଦ୍ୟୁତ ବିଲ ପଇଠ କରୁଥିଲେ, ସେମାନେ ମଧ୍ୟ ବିଲ୍ ଦେଉନଥିବା ଲୋକଙ୍କ ଯୋଗୁଁ ହଇରାଣ ହେଉଥିଲେ। କେବଳ ସେତିକି ନୁହେଁ, ଯେଉଁ ସବୁ ଗାଁରେ ବିଦ୍ୟୁତ ଦେୟ ସେତେଟା ବାକି ନଥାଏ, ସେସବୁ ଗାଁରେ ଟ୍ରାନ୍ସଫର୍ମର ପୋଡ଼ିଲେ ମଧ୍ୟ ସହଜରେ ଲାଗେନାହିଁ । ଘରପିଛା କିଛି ଚାନ୍ଦା ଆଦାୟ କରାଯାଇ ବିଦ୍ୟୁତ ବିଭାଗ କର୍ମଚାରୀଙ୍କୁ ଭୋଜିଭାତ ପାଇଁ ଦିଆଗଲେ ଯାଇ ଟ୍ରାନ୍ସଫର୍ମର ଲାଗୁଥିଲା ।

ମନେପଡ଼େ ସେଦିନର କଥା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କୁ ହତ୍ୟା କରାଯିବା ପରେ ତାଙ୍କର ଶେଷ ସଂସ୍କାର ଦୃଶ୍ୟର ସିଧା ପ୍ରସାରଣ ଦୂରଦର୍ଶନରେ ହେଉଥାଏ । ସେତେବେଳକୁ ଆମ ଗାଁରେ ଗୋଟିଏ ଟିଭି । ଯୋଗକୁ ତାଙ୍କର ବଡ଼ ଅଗଣା । ଗାଁର ଅଧା ଲୋକ ଠୁଳ ହେଇଗଲେ ତାଙ୍କ ଘରେ । ସମସ୍ତଙ୍କ ଆଖିରେ ଲୁହ। ଗାଁର ଅନେକ ଲୋକ ଜୀବନରେ ପ୍ରଥମ ଥର ପାଇଁ ଟିଭି ଦେଖିବାର ସୁଯୋଗ ସେଇଠି ପାଇଥିଲେ। ଇଏବି ଗୋଟେ ଜୀବନ ଦର୍ଶନ । ଟିଭି ଦେଖିବାର ଉଲ୍ଲାସ ଓ ଖୁସି ଯେଭଳି ହେବା କଥା, ତେବେ ତାହା ଜୀବନର ସବୁଠାରୁ ବଡ଼ ସତ୍ୟ ମୃତ୍ୟୁର ଦର୍ଶନରେ ମିଳେଇଗଲା । ଇନ୍ଦିରା ଗାନ୍ଧୀଙ୍କ ମୃତ୍ୟୁ ପରେ ରାମାୟଣ ପ୍ରସାରଣ ଘରପିଛା ଅଧିକ ବିଦ୍ୟୁତ ସଂଯୋଗ ପାଇଁ ବଡ଼ ମାଧ୍ୟମ ପାଲଟିଥିଲା । ଲୋକେ ଘରକୁ ବିଦ୍ୟୁତ ଆଣିଲେ, ଟିଭି ବି କିଣିଲେ। ରାମାୟଣ ପ୍ରସାରଣ ବେଳେ କରେଣ୍ଟ ଚାଲିଗଲେ ଭାରି ଦୁଃଖ ଲାଗୁଥିଲା । ଲୋକେ ରାଗିକି ବିଦ୍ୟୁତ ବିଭାଗ ଅଫିସରେ ପାଟିତୁଣ୍ଡ କରୁଥିଲେ କିମ୍ବା ଭଙ୍ଗାରୁଜା କରୁଥିଲେ। ଦୂରଦର୍ଶନରେ ମହାଭାରତ, ଚଳଚ୍ଚିତ୍ର, ଧାରାବାହିକ, ବୃତଚିତ୍ର, ବିଦ୍ୟାଳୟ କାର୍ଯ୍ୟକ୍ରମ ଆଦି ବିଭିନ୍ନ କାର୍ଯ୍ୟକ୍ରମର ପ୍ରସାରଣ ବିଦ୍ୟୁତର ଚାହିଦା ବଢାଇଚାଲିଲା। ତେବେ ଅନେକ ସମୟରେ ବିଦ୍ୟୁତର ଆଖିମିଟିକା ଭାରି ଅସହ୍ୟ ହେଉଥିଲା। କେତେକ ଛୋଟ ପୋର୍ଟେବୁଲ ଟିଭିରେ ବ୍ୟାଟେରୀ ସଂଯୋଗ କରି ରାମାୟଣ, ମହାଭାରତ ଦେଖୁଥିଲେ। ଅନେକ ସମୟରେ ଆବଶ୍ୟକ ପରିମାଣର କରେଣ୍ଟ ନ ଆସିବା ଯୋଗୁଁ ଡିମ୍ ମଧ୍ୟ ହୋଇଯାଉଥିଲା ।

ଏବେ ଅନେକ ସ୍ଥାନରେ ଇନଭର୍ଟର ଲାଗିଗଲାଣି। କରେଣ୍ଟ ଚାଲିଗଲେ ବି ଆଉ ଅନ୍ଧାର ରାଜୁତି କରୁନି । ଲାଇଟ୍ ଅନବରତ ଜଳୁଚି, ଫ୍ୟାନ୍ ବୁଲୁଚି, ଟିଭି, ଏସି, ଫ୍ରିଜ୍, ୱାସିଙ୍ଗ୍ ମେସିନ୍ ଚାଲୁଛି। ଏବେ କେବଳ ପ୍ରାଚୁର୍ଯ୍ୟ ହିଁ ପ୍ରାଚୁର୍ଯ୍ୟ । ଅଭାବ ନାହିଁ, କିନ୍ତୁ ଭାବ ବି ନାହିଁ । ତଥାକଥିତ ବିକାଶ ବା ପ୍ରଗତି ଆଲୁଅର ସୂଚକ । ତେବେ ସେ ଆଲୁଅରେ ଅଛି ଅନ୍ୟାୟ, ଅନୀତି, ଦୁର୍ନୀତି, ଶୋଷଣ, କଷଣ, ବ୍ୟଭିଚାର, ଧର୍ଷଣ, ହତ୍ୟାର ସବୁତକ ରୂପ। ବାହାରକୁ ଭାରି ଚକ୍‌ଚକ୍, ଭାରି ସୁନ୍ଦର, ହେଲେ ଭିତର ପୂରା ଛାରଖାର, ନାରଖାର ।

*ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା*
*ମୋ. ୮୨୪୯୬୭୯୦୯୯*

# ସଂରକ୍ଷଣ ରାଜନୀତି ହଟିବ କେବେ ?

■ ନିର୍ମଳ ଚନ୍ଦ୍ର ସାମଲ ■

ସମ୍ବିଧାନ ପ୍ରତିଷ୍ଠାତା ମାନେ ବିଧାନସଭା ଓ ଲୋକସଭା ନିର୍ବାଚନ ମଣ୍ଡଳୀ ଦଶବର୍ଷ ପାଇଁ ସଂରକ୍ଷଣ ବଳବତ୍ତର ରଖିବା ପାଇଁ ନିଷ୍ପତ୍ତି ନେଇଥିଲେ ହେଁ ଦୀର୍ଘବର୍ଷ ଧରି ଏହାର ପରିବର୍ତ୍ତନ ନହେବା କ୍ଷୋଭର ବିଷୟ ।

କିନ୍ତୁ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଏହା ପ୍ରାୟତଃ ପ୍ରତି ଦଶବର୍ଷରେ ପରିବର୍ତ୍ତନ ହେଉଛି ଯଦ୍ୱାରା ସାଧାରଣ ବର୍ଗ, ଏସ୍.ସି, ଏସ୍.ଟି, ପଛୁଆ ବର୍ଗର ପୁରୁଷ ଓ ମହିଳାମାନେ ପର୍ଯ୍ୟାୟ କ୍ରମେ ନିର୍ବାଚନରେ ଭାଗ ନେବାର ସୁବିଧା, ସୁଯୋଗ ପାଉଛନ୍ତି । ମାତ୍ର ଲୋକସଭା ଓ ବିଧାନସଭା କ୍ଷେତ୍ରପାଇଁ ଏହି ସଂରକ୍ଷଣ ବ୍ୟବସ୍ଥାର ଦୀର୍ଘବର୍ଷ ଧରି ପରିବର୍ତ୍ତନ ନହେବା ଫଳରେ ବିଭିନ୍ନ ରାଜନୈତିକ ଦଳର ଆଶାୟୀ ଯୋଗ୍ୟ ନାଗରିକ ମାନେ ନିର୍ବାଚିତ ହେବା ସୁଯୋଗରୁ ବଞ୍ଚିତ ହେଉଛନ୍ତି । ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଦକର ଦେଶର ସବୁବର୍ଗର ନାଗରିକଙ୍କୁ ସମାନ ରାଜନୈତିକ ଅଧିକାର ସୁଯୋଗର ସୁବନ୍ଦୋବସ୍ତ କରିଥିବା ବେଳେ କେତେକ ନ୍ୟସ୍ତସ୍ୱାର୍ଥ ରାଜନେତା ଏ ବିଧି ବ୍ୟବସ୍ଥାର ଉଲ୍ଲଂଘନ କରି ସଠିକ୍ ସମୟରେ ସଂରକ୍ଷଣ ପ୍ରକ୍ରିୟା ପରିବର୍ତ୍ତନର ପ୍ରୟାସ ନକରିବା ଜନ ସାଧାରଣଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସଂରକ୍ଷଣ ହଟାଇ ଦେଲେ କାଳେ ହାତରୁ ଆସନ ଖସିଯିବ ଏ ଭୟରେ ବିଶେଷତଃ ସରକାରୀ ରାଜନୈତିକ ଦଳମାନେ ସାହସ କରି ପାରୁନାହାନ୍ତି । ଫଳତଃ ବର୍ଷ ବର୍ଷ ଧରି ଅନ୍ୟ ରାଜନୈତିକ ଦଳର ପାର୍ଥୀଙ୍କୁ ପ୍ରତିନିଧି କରିବାର ସୁଯୋଗ ମିଳୁନି ।

ଉଦାହରଣ ସ୍ୱରୂପ ଯାଜପୁର ଜିଲ୍ଲାର ବିଞ୍ଝାରପୁର ବିଧାନସଭା ମଣ୍ଡଳୀ ୧୯୬୭ ମସିହାରୁ ଅଦ୍ୟାବଧି ଦୀର୍ଘ ୬୦ ବର୍ଷ ଧରି ଅନୁସୂଚିତ ବର୍ଗଙ୍କ ପାଇଁ ସଂରକ୍ଷିତ ହୋଇ ରହିଛି । ଇତି ପୂର୍ବରୁ ଏହା ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ଥିଲା । ଏହା ଜିଲ୍ଲାର ଜନ ସାଧାରଣ, ରାଜନେତା, ବୁଦ୍ଧିଜିବୀ ମାନଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଏପରି ଏକ ସମ୍ବେଦନଶୀଳ ପରିସ୍ଥିତିରେ ଜିଲ୍ଲାର ବହୁ ସମାଜସେବୀ ତଥା ବୁଦ୍ଧିଜୀବୀ ଯାଜପୁର ଲୋକସଭା ଓ ବିଞ୍ଝାରପୁର ବିଧାନସଭା ଆସନକୁ ସଂରକ୍ଷଣ ମୁକ୍ତ କରିବା ପାଇଁ କେନ୍ଦ୍ରୀୟ ନିରୀକ୍ଷଣ ଆୟୋଗଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ ଏପରି ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମାଧାନ ଦିଗରେ ବିହିତ ପଦକ୍ଷେପ ନିଆନଯାଇ ଜାଣିଶୁଣି ଚାପି ଦିଆଯାଇଛି । ନିକଟରେ ମାନ୍ୟବର ରାଜସ୍ୱ ମନ୍ତ୍ରୀ ଜିଲ୍ଲାସ୍ତରୀୟ କମିଟି ଗଠନକରି ରାଜ୍ୟର ଜିଲ୍ଲା, ଉପଖଣ୍ଡ, ବ୍ଲକ, ତହସିଲ, ପଞ୍ଚାୟତ, ଗ୍ରାମ ସୀମା ପୁନଃ ନିର୍ଦ୍ଧାରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଯାଜପୁର ଲୋକସଭା ଓ ବିଞ୍ଝାରପୁର ବିଧାନସଭା ନିର୍ବାଚନ ମଣ୍ଡଳୀକୁ ସଂରକ୍ଷଣ ମୁକ୍ତ କରାଯିବାର ତୁରନ୍ତ ପଦକ୍ଷେପ ନିଆନଗଲେ ଜିଲ୍ଲା ଲୋକଙ୍କ ଦୀର୍ଘଦିନର ଚାପା ଅସନ୍ତୋଷ ବିରାଟ ଜନ ଆନ୍ଦୋଳନର ରୂପ ନେବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଦିଗରେ ତୁରନ୍ତ ଦୃଷ୍ଟିଦେଲେ ଏ ଅସଙ୍ଗତ ସମସ୍ୟାର ସମାଧାନ ହୋଇପାରିବ ।

*ପୋଖରୀପୁଟ, ଭୁବନେଶ୍ୱର*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ








# ଖାଦ୍ୟରାଣୀ ଖେଚୁଡ଼ି





**ଚା**ଉଳ ଓ ଡାଲିର ମିଶ୍ରଣରେ ପ୍ରସ୍ତୁତ ଖାଦ୍ୟ ସାରା ବିଶ୍ୱରେ ବିଶେଷ କରି ଦକ୍ଷିଣ ଏସିଆରେ ପେଟପୁରା ପୁଷ୍ଟିକର ଖାଦ୍ୟର ମାନ୍ୟତା ପାଇଛି । ଏହା ପଛରେ ଅସଂଖ୍ୟ କାରଣ ରହିଛି । ଷୋଡଶ ଶତାବ୍ଦିରେ ଫରାସୀ ପରିବ୍ରାଜକ ଜିନ୍ ବ୍ୟାପ୍‌ଟିଷ୍ଟ ଟାଭେର୍ଣ୍ଣିୟର ୬ଥର ଭାରତ ଆସିଥିଲେ ଓ ମୁଗଡାଲି, ଚାଉଳ ସହ ଘିଅ ଦେଇ ଖେଚୁଡି ରନ୍ଧାହେବା ଦେଖିଥିଲେ । ସେ ଏହାକୁ କୃଷକମାନଙ୍କ ରାତ୍ରିଭୋଜନ ଭାବରେ ବର୍ଣ୍ଣନା କରିଥିଲେ । ମୋଗଲ ରୋଷେୟାମାନେ ଏହି ସହଜ ସରଳ ଖାଦ୍ୟକୁ ରାଜପ୍ରାସାଦର ରୋଷେଇ ଘରକୁ ନେଲେ । ନାନାପ୍ରକାର ଦାମୀ ଡ୍ରାଏଫ୍ରୁଟ୍, ବାଦାମ ଓ ମସଲା ମସଲି ଦେଇ ସମ୍ରାଟଙ୍କ ଆଗରେ ପରଷିଲେ । ଶେଷରେ ଏହା ମୋଗଲ ଶାସନ ସମୟରେ ରାଜବଂଶର ପ୍ରିୟ ଖାଦ୍ୟ ପାଲଟିଗଲା । ମୋଗଲ ସମ୍ରାଟ ଆକବରଙ୍କ ସମୟର ରାଜ୍ୟ ଶାସନ ଓ ଚଳଣୀ ସମୟରେ ଲିଖିତ ବିବରଣୀ ଆଇନ୍-ଇ-ଆକବରୀରେ ଆବୁଲ ଫାଜଲ ୭ପ୍ରକାର ଖେଚୁଡ଼ି ବିଷୟରେ ବର୍ଣ୍ଣନା କରିଛନ୍ତି । ଗ୍ରୀକ୍ ରାଜଦୂତ ସେଲ୍ୟୁକସ୍ ଦକ୍ଷିଣ ଏସିଆ ବିଶେଷ କରି ଭାରତରେ ଲୋକମାନଙ୍କ ମଧ୍ୟରେ ଚାଉଳ ଓ ଡାଲି ମିଶ୍ରିତ ଭାବରେ ପ୍ରସ୍ତୁତ ଖାଦ୍ୟ ଖୁବ୍ ଲୋକପ୍ରିୟ ଥିବା ଉଲ୍ଲେଖ କରିଛନ୍ତି । ମୋଗଲ ଶାସନ କାଳରେ ଭାରତକୁ ଆସିଥିବା ରୁଷୀୟ ରୋମାଞ୍ଚପ୍ରିୟ ପର୍ଯ୍ୟଟକ ଆଫାନାସିୟ ନିକିତିନ୍‌ଙ୍କ ଲିଖିତ ବିବରଣୀ ଅନୁଯାୟୀ ଜାହାଙ୍ଗୀର ହିଁ ଭାରତରେ ଖେଚୁଡ଼ିକୁ ଲୋକପ୍ରିୟ କରାଇଥିଲେ । ଏପରିକି ମୋଗଲ ସମ୍ରାଟ ଔରଙ୍ଗଜେବ୍ ମଧ୍ୟ ଏହାର ପ୍ରଶଂସକ ଥିଲେ । ତେବେ ତାଙ୍କର ପସନ୍ଦ ଥିଲା ଆଲାମ୍‌ଗିରି ଖେଚୁଡ଼ି । ମାଛ ଓ ଅଣ୍ଡା ଦେଇ ଏହା ପ୍ରସ୍ତୁତ ହେଉଥିଲା । ଏହି ଖାଦ୍ୟ ଥିଲା ଆଙ୍ଗ୍ଲୋ-ୟୁରୋପିୟାନ୍ ଶୈଳୀର । ବ୍ରିଟିଶ ଶାସନ ସମୟରେ ଇଂରେଜମାନଙ୍କ ପାଖରେ ଖେଚୁଡ଼ି କେଦ୍‌ଗେରି ଭାବରେ ପରିଚିତ ହେଲା ।

ଐତିହାସିକ ମୋହସିନ୍ ମୁକଦ୍ଦମଙ୍କ ଅନୁଯାୟୀ ଖେଚୁଡ଼ି ଭାରତର ଅନ୍ୟତମ ପୁରାତନ ଖାଦ୍ୟ, ମାତ୍ର ଏ ମଧ୍ୟରେ କିଛି ବଦଳିନି । ଖେଚୁଡ଼ି ଶବ୍ଦ ଆସିଛି ସଂସ୍କୃତ ଶବ୍ଦ 'ଖିଚା'ରୁ ଯାହାର ଅର୍ଥ ଚାଉଳ ଓ ଡାଲି ପ୍ରସ୍ତୁତ ଖାଦ୍ୟ । ପୁରାତନ ଭାରତର ଖାଦ୍ୟଶାସ୍ତ୍ରୀ 'କ୍ରୁଶରାନ୍ନା' ନାମକ ଖାଦ୍ୟ ବିଷୟରେ ଉଲ୍ଲେଖ ଅଛି ଯାହାକି ଖେଚୁଡ଼ିର ସର୍ବପୁରାତନ

ଭାରତର ଅନ୍ୟତମ ନାମୀ ଖାଦ୍ୟ ଐତିହାସିକ କେ.ଟି. ଆଚାର୍ଯ୍ୟଙ୍କ ଅନୁଯାୟୀ ପିସ୍ତା, କିସ୍‌ମିସ୍ ଆଦି ଦିଆ ଖେଚୁଡ଼ି ଏତେ ପସନ୍ଦ ଥିଲା ଯେ ସେ ଏହାର ନାମ ଦେଇଥିଲେ 'ଲାଜିଜାନ୍' ଅର୍ଥାତ୍ ସବୁଠୁ ସ୍ୱାଦିଷ୍ଟ । ମୋଗଲ ସମ୍ରାଟ ଔରଙ୍ଗଜେବ୍ ତାଙ୍କ ପୂର୍ବ ସମ୍ରାଟମାନଙ୍କ ପରି ଏତେ ଖାଦ୍ୟପ୍ରିୟ ନଥିଲେ ମଧ୍ୟ ଆଲାମ୍‌ଗିରି ଖେଚୁଡ଼ିକୁ ଖୁବ୍ ପସନ୍ଦ କରୁଥିଲେ । ବ୍ରିଟିଶମାନେ ଖେଚୁଡ଼ିକୁ ଠିକ୍ ଭାବରେ ଉଚ୍ଚାରଣ କରିନପାରି ଏହାର ନାମ ଦେଲେ 'କେଦ୍‌ଗେରି' । ଊନବିଂଶ ଶତାବ୍ଦୀ ବେଳକୁ ଇଂଲଣ୍ଡରେ ଏହା ଦାମୀ ସ୍ୱାଦିଷ୍ଟ ପ୍ରାତଃଭୋଜନ ଓ ମଧ୍ୟାହ୍ନଭୋଜନ ଭାବରେ ପରିଚିତ ହୋଇଥିଲା । ଏହି ଧାରା ଏବେବି ଚାଲୁ ରହିଛି ।

ଖେଚୁଡ଼ିକୁ ନେଇ ବିଭିନ୍ନ ପରୀକ୍ଷା ନିରୀକ୍ଷା କେବଳ ମୋଗଲ ରାଜତ୍ୱ ମଧ୍ୟରେ ସୀମିତ ନଥିଲା । ଊନବିଂଶ ଶତାବ୍ଦୀରେ ଅଓ୍ୱଧର ନବାବ ନାସିରୁଦ୍ଦିନ୍ ଖାନ୍‌ଙ୍କ ରାଜକୀୟ ରନ୍ଧାଶାଳାରେ ଏକ ସ୍ୱତନ୍ତ୍ର ପ୍ରକାର ଖେଚୁଡି ପ୍ରସ୍ତୁତ ହେଉଥିଲା ପିସ୍ତା ଏବଂ କାଜୁବାଦାମରୁ । ଏଗୁଡ଼ିକୁ ଚାଉଳ ଏବଂ ଡାଲି ପରି ଛୋଟ ଛୋଟ ଆକାରରେ କାଟି ଖେଚୁଡି

ଏହାକୁ । ଦକ୍ଷିଣ ଭାରତରେ ମଧ୍ୟ ବିଭିନ୍ନ ପ୍ରକାର ଖେଚୁଡ଼ି ପ୍ରଚଳନ ରହିଛି । ହାଇଦ୍ରାବାଦ ନିଜାମଙ୍କ ରାଜକୀୟ ରୋଷେୟାଙ୍କ ଦ୍ୱାରା ପ୍ରସ୍ତୁତ କିମା ଖେଚୁଡ଼ି ଖୁବ୍ ପ୍ରିୟ ଥିଲା ରାଜପରିବାରର । ଚାଉଳ, ଡାଲି, କିମା ମାଂସ ଏବଂ ନାନାପ୍ରକାର ମସଲା ଦେଇ ଏହାକୁ ରନ୍ଧାଯାଏ । ଦହି ଏବଂ ଆଚାର ସହ ଖିଆଯାଏ ଏହାକୁ । ମହିସୁରର ଓ୍ୱାଡିୟାର ଶାସକମାନଙ୍କ ରୋଷେଇଶାଳାରୁ ପ୍ରସ୍ତୁତ ବିଶିବେଲେ ଭାତ୍ ଏବେ ଖୁବ୍‌ଲୋକପ୍ରିୟ କର୍ଣ୍ଣାଟକରେ । ତାମିଲନାଡୁରେ ମଧ୍ୟ ନାନାପ୍ରକାର ଖେଚୁଡ଼ି ରନ୍ଧାଯାଏ ଖଟା, ମିଠା, ରାଗ, ଲୁଣି ସ୍ୱାଦର । ପଶ୍ଚିମବଙ୍ଗରେ ତିଲ୍ ଖିଚୁରି, ମଲାଇଭୁନି ଖିଚୁରି, ଖେଜୁରେର୍ ଖିଚୁରି ଆଦି ଖୁବ୍ ଲୋକପ୍ରିୟ । ତେବେ ନିରାମିଷ ଖେଚୁଡ଼ି ଦଶହରା ସମୟର ସବୁଠାରୁ ପ୍ରଚଳିତ ଖାଦ୍ୟ ଏଠାରେ । ପିଆଜ ରସୁଣ ପଡେନି । ମୁଗଡାଲି, ସୁବାସିତ ଚାଉଳ ଓ ପନିପରିବା ଦେଇ ରନ୍ଧାଯାଏ ଏହାକୁ । ଗୁଜରାଟର କାଠିଓ୍ୱାର ଅଞ୍ଚଳରେ ସ୍ଥାନୀୟ ପନିପରିବା ମିଶ୍ରିତ ଖେଚୁଡିକୁ କୁହାଯାଏ ରାମ ଖେଚୁଡ଼ି

ରନ୍ଧାହୁଏ ଚିଙ୍ଗୁଡ଼ି ଏବଂ ନଡ଼ିଆ ରସ ଦେଇ । ମହାରାଷ୍ଟ୍ରରେ ଫୁଲକୋବି, ମଟର, ଗାଜର ଭଜା ଦିଆ ଖେଚୁଡ଼ି ମଧ୍ୟ ଖୁବ୍ ଲୋକପ୍ରିୟ ।

ଭାରତରେ ଶିଶୁର ପ୍ରଥମ ବାହାର ସମ୍ପୂର୍ଣ୍ଣ ଖାଦ୍ୟ ହୁଏ ଖେଚୁଡ଼ି । ଖୁବ୍ ନରମ କରି ନାନାପ୍ରକାର ପୁଷ୍ଟିକର ଉପାଦାନ ଦେଇ ରନ୍ଧାଯାଏ ଏହାକୁ । ସେମିତି ଯେତେବେଳେ ବୃଦ୍ଧାବସ୍ଥା ପହଞ୍ଚେ, ମଣିଷ ନିଜେ କିଛି ଖାଇବାକୁ ଅକ୍ଷମ ହୁଏ, ତାକୁ ଖୁଆଇବାକୁ ପଡେ ସେତେବେଳେ ମଧ୍ୟ ତାକୁ ଖେଚୁଡ଼ି ଦିଆଯାଏ । ଯେପରିକି ସବୁପ୍ରକାର ଖାଦ୍ୟ ଖାଇପାରୁନଥିବା ଏହି ବ୍ୟକ୍ତିଟିକୁ ସବୁପ୍ରକାରର ପୋଷକତତ୍ତ୍ୱ ମିଳିବ ଗୋଟିଏ ଖାଦ୍ୟରୁ । ରୋଗୀମାନଙ୍କୁ ମଧ୍ୟ ଠିକ୍ ଏହି କାରଣରୁ ଖେଚୁଡ଼ି ଦିଆଯାଏ । ଭାରତର ପ୍ରତ୍ୟେକ ପ୍ରଦେଶରେ ପର୍ବପର୍ବାଣିର ମୁଖ୍ୟ ଖାଦ୍ୟ ଖେଚୁଡ଼ି । କାରଣ ଅନ୍ୟାନ୍ୟ କାମ ମଧ୍ୟରେ ସହଜରେ ପ୍ରସ୍ତୁତ କରିହୁଏ ଏହାକୁ ଏବଂ କମ୍ ସମୟରେ ପରିବେଷଣ କରାଯାଇପାରେ । ଭାରତର ପ୍ରତ୍ୟେକ ରାଜ୍ୟରେ ଖେଚୁଡ଼ି ପ୍ରସ୍ତୁତି ଏବଂ ପରିବେଷଣର ରୀତିନୀତି କିନ୍ତୁ ଭିନ୍ନଭିନ୍ନ । ପଶ୍ଚିମବଙ୍ଗରେ

ହରିଆନାର ଖେଚୁଡ଼ି ବାଜରା ଏବଂ ମୁଗଡାଲିରେ ତିଆରି । ଗରମ ଘିଅ, ଲସି ଏବଂ ଦହି ସହ ଲୋକମାନେ ଖୁବ୍ ଆନନ୍ଦରେ ଏହାକୁ ଖାଆନ୍ତି । ଆଉ କେତେକ ସମୟରେ ଯଅ ଏବଂ ଦଲିଆର ଖେଚିଡି ମଧ୍ୟ ହୁଏ । ଓଡ଼ିଶାରେ ମଧ୍ୟ ବିଭିନ୍ନ ପ୍ରକାରର ଖେଚୁଡ଼ିର ପରମ୍ପରା ରହିଛି । ଯେମିତି ଅଦା-ହେଙ୍ଗୁ ଖେଚୁଡ଼ି ଏବଂ ମୁଗଡାଲି ଖେଚୁଡ଼ି । ଅଦା-ହେଙ୍ଗୁ ଖେଚୁଡ଼ି ଜଗନ୍ନାଥ ମନ୍ଦିରରେ ଭୋଗ ଲାଗେ । ଏହି ଦୁଇ ଖେଚୁଡ଼ି ବ୍ୟତୀତ ବିଭିନ୍ନ ପ୍ରକାର ପରିବା ପକାଇ ମଧ୍ୟ ଖେଚୁଡ଼ି ରନ୍ଧାଯାଏ । ଏହାକୁ ଆଚାର, ପାମ୍ପଡ, ଆଳୁଭର୍ତ୍ତା, ଦହି କିମ୍ବା ଚଟଣୀ ଆଦି ସହ ଖିଆଯାଏ । ହାଇଦ୍ରାବାଦର ମୁସଲମାନ ସଂପ୍ରଦାୟ ଖେଚୁଡ଼ି ସହ ମାଂସ କିମା ଓ ତେନ୍ତୁଳି ଚଟଣୀ ଖାଆନ୍ତି । ଏହା ସେମାନଙ୍କର ପ୍ରାତଃଭୋଜନ । କର୍ଣ୍ଣାଟକରେ ଖେଚୁଡ଼ିକୁ କୁହାଯାଏ ହୁଗି, ତାମିଲନାଡୁରେ ପୋଙ୍ଗଲ ଓ ଆନ୍ଧ୍ରରେ ପୋଲାଗମ । ପାଳଙ୍ଗ ଖେଚୁଡ଼ି ଏବଂ ମସଲା ଖେଚୁଡ଼ି ସାରା ଭାରତରେ ପ୍ରସିଦ୍ଧ । ଏଥିସହ ନବରାତ୍ରି ଅବସରରେ ସାଗୁଦାନା ଖେଚୁଡ଼ି ମଧ୍ୟ ବ୍ରତଧାରୀମାନେ ଖାଆନ୍ତି । କେବଳ ଭାରତ ନୁହେଁ ପାକିସ୍ତାନରେ ମଧ୍ୟ ଖେଚୁଡ଼ିକୁ ଖୁବ୍ ଆଗ୍ରହର ସହ ଖାଆନ୍ତି ଲୋକମାନେ । ଏହା ଶିଶୁର ପ୍ରଥମ ଖାଦ୍ୟ ହୁଏ । ଏଠି ଖେଚୁଡ଼ିରେ ପିଆଜ ବଘାରିବାର ଚଳଣି ରହିଛି । ଭାରତରୁ ବହୁ ସଂଖ୍ୟକ ଲୋକ ଫିଜି ଦ୍ୱୀପକୁ ଯାଇଥିଲେ ଇଂରେଜ ଶାସନ ସମୟରେ । ସେମାନେ ନିଜ ସହ ଖେଚୁଡ଼ି ବି ନେଇଯାଇଥିଲେ ସେଠାକୁ । ଏବେ ଖେଚୁଡ଼ି ଭାରତୀୟ ବଂଶୋଦ୍ଭବଙ୍କ ସହ ଫିଜି ମୂଳ ଅଧିବାସୀମାନଙ୍କର ପ୍ରିୟ ଖାଦ୍ୟ । ଏଠି ଭଜା ଚାଉଳ, ଡାଲି, ମସଲା ମସଲି, ଲୁଣ, ପିଆଜ, ରସୁଣ, ଖଣ୍ଡଆଳୁ ଏବଂ ଘିଅ ଦେଇ ଖୁବ୍ ନରମ ଭାବରେ ରନ୍ଧାଯାଏ ଖେଚୁଡ଼ି । ଏହାକୁ ଆଚାର କିମ୍ବା ଚଟଣୀ ସହ ଖିଆଯାଏ ।

### ଖେଚୁଡ଼ି ସ୍ୱାସ୍ଥ୍ୟପ୍ରଦ କାହିଁକି

ଖେଚୁଡ଼ି ଏକ ସନ୍ତୁଳିତ ଖାଦ୍ୟ ।




ବିକିଟିନ୍ ୧୪୬୯ ମସିହାରେ ଭାରତ ଆସି ଖେଚୁଡ଼ି ସହ ପରିଚିତ ହୋଇଥିଲେ । ସେ ନିଜର ଭ୍ରମଣ କାହାଣୀ 'ଖୋଝେନିୟେ ଜା ଟ୍ରାଇ ମୌର୍ୟ' ବା 'ଦି ଜର୍ଣ୍ଣି ବିଅଣ୍ଡ ଥ୍ରୀ ସି'ରେ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି । ୟୁରୋପୀୟ ପରିବ୍ରାଜକମାନେ ମଧ୍ୟ ଖେଚୁଡ଼ି ବିଷୟରେ ଉଲ୍ଲେଖ କରିଛନ୍ତି । ତେବେ ବ୍ରିଟିଶ ସେନା ବାରାକ୍ ଦ୍ୱାରା ଭାରତର ଏହି ପେଟପୂରା ସୁଲଭ, ସନ୍ତୁଳିତ ଖାଦ୍ୟ ବିଦେଶ ଯାତ୍ରା କରିଥିଲା ।

କରେ । ତେଣୁ ଦୈନିକ ଖେଚୁଡ଼ି ଖାଇବା ଶରୀରର ସମସ୍ତ ପୁଷ୍ଟି ଆବଶ୍ୟକତା ପୂରଣ କରେ । ଖେଚୁଡ଼ି ସହଜ ପାଚ୍ୟ, ତେଣୁ ରୋଗୀମାନଙ୍କୁ ଏହା ଖାଇବା ପାଇଁ ଡାକ୍ତରମାନେ ଉପଦେଶ ଦିଅନ୍ତି । ଏହା ପାକସ୍ଥଳୀର ଆବରଣରେ ହୋଇଥିବା ସମସ୍ତ କ୍ଷତକୁ ମଧ୍ୟ ଭରଣା କରିଥାଏ । ଖେଚୁଡ଼ି ଏକ ସଂପୂର୍ଣ୍ଣ ଖାଦ୍ୟ ହେବା ସହ ହାଲ୍‌କା ଖାଦ୍ୟ ମଧ୍ୟ । ଆୟୁର୍ବେଦ ଅନୁଯାୟୀ ଖେଚୁଡ଼ିର ଆରୋଗ୍ୟ ଶକ୍ତି ଅଧିକ । କାରଣ ଏହା ବାତ, ପୀତ ଏବଂ କଫ ଆଦି ତ୍ରିଦୋଷକୁ ସନ୍ତୁଳିତ କରେ । ଆମେରିକାର ବିଶିଷ୍ଟ ଆୟୁର୍ବେଦ ଡାକ୍ତର ତଥା ଲେଖକ ବସନ୍ତ ଲାଦ୍ କହିଛନ୍ତି, ୫ଦିନ ପର୍ଯ୍ୟନ୍ତ କେବଳ ଗୋଟିଏ ଓଳି ସାଦା ଖେଚୁଡ଼ି ଖାଇବା ଦ୍ୱାରା ଶରୀରର ବିଷାକ୍ତ ଉପାଦାନକୁ କାଢ଼ିଦେବା ସହ ସ୍ମୃତିଶକ୍ତିକୁ ଦୃଢ଼ କରିଥାଏ । ଆୟୁର୍ବେଦର ପଞ୍ଚକର୍ମ ଥେରାପି ସମୟରେ ଖେଚୁଡ଼ି ଖାଇବାକୁ ପରାମର୍ଶ ଦିଆଯାଏ ।

ଏକତ୍ର ଖାଇଲେ ଏହା ଶରୀରକୁ ସନ୍ତୁଳିତ ମାତ୍ରାରେ ପୁଷ୍ଟି ଦେଇଥାଏ । ଚାଣକ୍ୟଙ୍କ ସମସାମୟିକ ଗ୍ରୀକ୍ ରାଜଦୂତ ତଥା ଲେଖକ ମେଘାସ୍ଥିନିମ୍ ନିଜ ବିବରଣୀରେ କେମିତି ଡାଲି ଚାଉଳରୁ ବ୍ୟଞ୍ଜନ ପ୍ରସ୍ତୁତ ହୁଏ ଏବଂ

ବ୍ରିଟିଶ ସେନା ବାରାକ୍‌ରୁ ବ୍ରିଟେନ୍ ପହଞ୍ଚିଥିବା ଖେଚୁଡ଼ି ଇଂରେଜ ସାମାଜିକ ପରିବେଶରେ ନାମିତ ହୋଇଥିଲା 'କେଦ୍‌ଗେରି' ଭାବରେ । ସଦା ଖେଚୁଡ଼ିରେ ପିଆଜ, ରସୁଣ, ମାଛ, ଅଣ୍ଡା ଆଦି



ସାରା ଭାରତରେ ଏହା କିପରି ଲୋକପ୍ରିୟ ତାହାର ବର୍ଣ୍ଣନା ଦେଇଛନ୍ତି । ତେବେ ସବୁଠାରୁ ମଜାର କଥା ହେଉଛି ଏସୀୟ ବିଶେଷ କରି ଭାରତୀୟ

ମିଶିସାରିଥିଲା । ତେବେ ଏହା ସମ୍ଭ୍ରାନ୍ତମାନଙ୍କର ଖାଦ୍ୟ ଥିଲା । ସମ୍ଭ୍ରାନ୍ତମାନେ ନିମନ୍ତ୍ରିତ ଅତିଥିମାନଙ୍କୁ ପ୍ରାତଃଭୋଜନରେ ଏହା ଦେବା ସେ ସମୟରେ ପ୍ରତିଷ୍ଠାର ଚିହ୍ନ ଥିଲା । ଇଜିପ୍ଟର ରାସ୍ତାକଡ଼ ଖାଦ୍ୟ ଦୋକାନଠାରୁ ଆରମ୍ଭ କରି ସବୁ ବର୍ଗର ପରିବାରର ରୋଷେଇ ଘରେ କୁଶାରି ବା କୋସାରି ଏକ ଅତି ଜଣାଶୁଣା ବ୍ୟଞ୍ଜନ । ଅବଶ୍ୟ ଏଠି ଚାଉଳ, ଡାଲି ସହ ବୁଟ ଓ ପାସ୍ତା ମିଶି ତିଆରି ହୁଏ କୁଶାରି, ଉପରେ ନାନା ସୁବାସିତ ମସଲା ଓ ରାଗୁଆ-ଗରମ ସସ୍ ଦିଆଯାଏ । ସ୍ଥାନୀୟ ଲୋକେ ଏହାକୁ ନିଜର ଖାଦ୍ୟ ଭାବନ୍ତି । ମାତ୍ର ଅକ୍ସଫୋର୍ଡ ଡିକ୍ସନାରୀର ଖାଦ୍ୟ ବିଶେଷଜ୍ଞଙ୍କ ମତ ଅନୁଯାୟୀ ଭାରତରେ କିଛିଦିନ କାମ କରିଥିବା ବ୍ରିଟିଶ ସୈନିକମାନେ ଏହି ବ୍ୟଞ୍ଜନର କୌଶଳକୁ ନିଜ ସହ ଅନ୍ୟ ସବୁ ଦେଶକୁ ଦେଇଥିଲେ । ଏ ମଧ୍ୟରେ ଇଜିପ୍ଟ ଥିଲା । କାରଣ ସହଜରେ, ଗୋଟିଏ ପାତ୍ରରେ । କମ୍ ସମୟରେ ତିଆରି ହେଉଥିବା ପରିପୂର୍ଣ୍ଣ ଖାଦ୍ୟ ଥିଲା ଏହା । ଖାଇବା ପାଇଁ ମଧ୍ୟ ଅଧିକ ବାସନ ଦରକାର ଥିଲା । ଇଜିପ୍ଟରେ ଊନବିଂଶ ଶତାବ୍ଦୀ ପୂର୍ବରୁ ଏହି ଖାଦ୍ୟର ପ୍ରଚଳନ ନଥିଲା । ପ୍ରଥମେ ଇଜିପ୍ଟର ସୈନିକମାନେ ଏହି ଖାଦ୍ୟ ଖାଇଲେ । ଧୀରେ ଧୀରେ ଜନସାଧାରଣଙ୍କ ପାଖକୁ ଗଲା ଏହା । ପ୍ରଥମେ କୁଶାରୀ ଠେଲାଗାଡ଼ିରେ ପ୍ରସ୍ତୁତ ହୋଇ ବିକ୍ରି ହେଉଥିଲା, ପରେ ପରେ ରେଷ୍ଟୁରାଣ୍ଟରେ ବି ସ୍ଥାନ ପାଇଲା । କର୍ମଜୀବୀମାନଙ୍କ ମଧ୍ୟରେ ଏହା ପ୍ରାତଃଭୋଜନ ଓ ମଧ୍ୟାହ୍ନଭୋଜନ ଭାବରେ ଲୋକପ୍ରିୟ ହେଲା । ବର୍ତ୍ତମାନ ଇଜିପ୍ଟରେ ଏମିତି କିଛି ରେଷ୍ଟୁରାଣ୍ଟ ଅଛି ଯେଉଁଠାରେ କେବଳ ବିଭିନ୍ନ ସ୍ୱାଦର କୁମାରୀ ପ୍ରସ୍ତୁତ ହୁଏ । ହଁ ଇଜିପ୍ଟରେ କୁମାରୀ ନିରାମିଶ ଖାଦ୍ୟ । ଏହାକୁ ଅଧିକ ସ୍ୱାଦିଷ୍ଟ କରିବା ପାଇଁ କଟା ରସୁଣ, ପିଆଜ, ଟମାଟୋ ସସ୍ ଆଦି ଦିଆଯାଏ ।

ପାକିସ୍ତାନ ଓ ବାଂଲାଦେଶରେ ଏହାର ନାମ ଖିଚରା । ମାଂସ ଓ ମସଲା ମସଲି ପଡ଼ି ଏହି ବ୍ୟଞ୍ଜନ ହୁଏ । ଇତିହାସକାରମାନଙ୍କ ମତ ଲକ୍ଷ୍ନୌରେ ଦୁର୍ଭିକ୍ଷ 'ଖିଚରା' ବ୍ୟଞ୍ଜନକୁ ଜନ୍ମ ଦେଇଥିଲା । ଦୁର୍ଭିକ୍ଷ ସମୟରେ ଲୋକମାନଙ୍କୁ କାମ ଓ ଖାଦ୍ୟ ଦେବା ପାଇଁ ଅଓ୍ୱଧର ନବାବ ଇମାମ୍ ବରଘା ନିର୍ମାଣ କରାଇଲେ । ଏଠାରେ କାମ କଜ୍ଜରିବାକୁ ଆସୁଥିବା ଲୋକମାନଙ୍କୁ ଏହି ପୁଷ୍ଟିକର ସ୍ୱାଦିଷ୍ଟ ଖାଦ୍ୟ ପ୍ରଦାନ କରାଯାଉଥିଲା ।





ପୁରାତନ ଭାରତୀୟ ଗ୍ରନ୍ଥଗୁଡ଼ିକରେ ଚାଉଳ ଓ ଡାଲିର ମିଶ୍ରିତ ବିଭିନ୍ନ ବ୍ୟଞ୍ଜନ ବିଷୟରେ ବର୍ଣ୍ଣନା ଅଛି । ଏହାକୁ କ୍ରୀସାରନ୍ନା, ଖିଚ୍କା ନାମରେ ବର୍ଣ୍ଣନା କରାଯାଇଛି । ପ୍ରତ୍ନତାତ୍ତ୍ୱିକ ସୂଚନା ଅନୁଯାୟୀ ଖ୍ରୀଷ୍ଟପୂର୍ବ ୧୨୦୦ ବେଳକୁ ଭାରତର ଲୋକମାନେ

ଲେଖକମାନେ କେବେ ଖେଚୁଡ଼ି ସମ୍ପର୍କରେ କିଛି ଉଲ୍ଲେଖ କରିନାହାନ୍ତି କିନ୍ତୁ ବିଦେଶୀ ପରିବ୍ରାଜକ ଓ ଲେଖକମାନେ ଏ ଖାଦ୍ୟର ଖୁବ୍ ନିଖୁଣ ବିବରଣୀ ପ୍ରଦାନ କରିଛନ୍ତି । ବୋଧହୁଏ ଖେଚୁଡ଼ି ଭାରତୀୟମାନଙ୍କ ପାଇଁ ପାଣି ପବନ ପରି ଖୁବ୍ ଜରୁରୀ କିନ୍ତୁ ଖୁବ୍ ସାଧାରଣ । ସେମାନେ ଏହାକୁ କେବେ କିଛି ବିଶେଷ ବା ଭିନ୍ନ ମନେକରିନାହାନ୍ତି । ଭାରତକୁ ବିରିୟାନୀ, ଜଲେବି, ଗୋଲାପଜାମୁ, କବାବ ପରି ସ୍ୱାଦିଷ୍ଟ ରାଜକୀୟ ଖାଦ୍ୟ ଆଣିଥିବା ମୋଗଲ ସମ୍ରାଟମାନେ ପ୍ରଥମରୁ ଖେଚୁଡ଼ି ପ୍ରେମରେ ପଡ଼ିଯାଇଥିଲେ । ତେଣୁ ଭାରତରେ ମୋଗଲ ସାମ୍ରାଜ୍ୟର ପ୍ରତିଷ୍ଠାତା ହୁମାୟୁନ ଓ ତାଙ୍କ ପୁତ୍ର ସମ୍ରାଟ ବାବରଙ୍କ ରୋଷେଇଶାଳାରେ ଖେଚୁଡ଼ି ବିନମ୍ର ଭାବରେ ପ୍ରବେଶ କରିଥିଲା । ମାତ୍ର ଆକବରଙ୍କ ସମୟରେ ଏହା ମୋଗଲମାନଙ୍କର ନିୟମିତ ଖାଦ୍ୟ ପାଲଟିବାର ସୁଯୋଗ ପାଇଲା । ଆଜି ଭାରତର ଅନେକ ଖାଦ୍ୟ ବିଦେଶରେ ବିଶେଷ ଆଦୃତି ପାଇଛି । ନିକଟରେ କୋଲକାତାରୁ ଝାଲ୍‌ମୁଢ଼ି ବ୍ରିଟେନ୍‌ରେ ପହଞ୍ଚିଯାଇଛି । ତେବେ ଖେଚୁଡ଼ି ହିଁ ଭାରତର ସର୍ବପୁରାତନ ଖାଦ୍ୟ ଯାହା ବିଦେଶ ଯାଇଛି । ସର୍ବପ୍ରଥମେ ରୁଷୀୟ ପର୍ଯ୍ୟଟକ ଆଫାନାସି









ରୂପ । ଏଥିରେ ଦହି ଏବଂ ରାଶି ପକାଯାଇଥାଏ । ଚତୁର୍ଦ୍ଦଶ ଶତାବ୍ଦୀରେ ଭାରତ ଭ୍ରମଣରେ ଆସିଥିବା ଇଜିପ୍ଟ ପରିବ୍ରାଜକ ଇବନ୍ ବୁତୁତା ଲେଖିଛନ୍ତି- ମୁଗକୁ ଚାଉଳ ସହ ମିଶାଇ ସିଝାଇବା ପରେ ତା' ଉପରେ ଘିଅ ଦିଆଯାଏ । ସେମାନେ ଏହାକୁ ପ୍ରାତଃଭୋଜନରେ ଖାଆନ୍ତି ଓ 'ଖିସ୍ରି' କୁହନ୍ତି । ମଧ୍ୟଯୁଗୀୟ ଭାରତରେ ମୋଗଲମାନେ ଖେଚୁଡ଼ି ପ୍ରେମରେ ପଡ଼ିଯାଇଥିଲେ ଓ ରାଜକୀୟ ଖାଦ୍ୟ ତାଲିକାରେ ଏହାକୁ ସାମିଲ କରି ଦେଇଥିଲେ । ଆକବରଙ୍କ ଏକ ଭୁଲ୍ ଦର୍ଶାଇବା ପାଇଁ ବୀରବଲ ବାଉଁଶ ଅଗରେ ହାଣ୍ଡି ବାନ୍ଧି ତଳେ ନିଆଁ ଜାଳି ଖେଚୁଡ଼ି ରାନ୍ଧିବାର କାହାଣୀ ସମସ୍ତଙ୍କ ଜଣା । ଆଇନ୍-ଇ-ଆକବରୀରେ ରାଜକୀୟ ରନ୍ଧାଶାଳାରେ ନାନାପ୍ରକାର ଖେଚୁଡି ତିଆରି ହୋଇଥିବାର ବର୍ଣ୍ଣନା କରିଛନ୍ତି । ତେବେ ସମ୍ରାଟ ଆକବରଙ୍କୁ କେଶର, ମସଲା ଓ ଡ୍ରାଇଫ୍ରୁଟ୍ ଦିଆ ଖେଚୁଡ଼ି ସବୁଠାରୁ ଅଧିକ ପସନ୍ଦ ଥିଲା ।

ପ୍ରସ୍ତୁତ କରାଯାଉଥିଲା ନବାବଙ୍କ ପରିବାର ପାଇଁ । ଉତ୍ତରପ୍ରଦେଶର ଏହି ଅଂଶରେ ଆଉ ଏକ ପ୍ରକାରର ଖେଚୁଡ଼ି ମଧ୍ୟ ପ୍ରସ୍ତୁତ ହୁଏ, ଯାହାକୁ କୁହାଯାଏ ଅଁଳା ଖେଚୁଡ଼ି । ଚାଉଳ, ଚୋପାଲଗା ବିରିଡାଲି ଏବଂ ଅଁଳା ଦେଇ ଏହି ଖେଚୁଡ଼ି ପ୍ରସ୍ତୁତ କରାଯାଏ ମକର ସଂକ୍ରାନ୍ତି ଅବସରରେ । କାଶ୍ମୀରରେ ସ୍ଥାନୀୟ ଦେବୀଙ୍କ ପାଇଁ ଉଦ୍ଦିଷ୍ଟ କ୍ଷେତ୍ଶୀମାବାସ୍‌ଙ୍କ ପର୍ବ ଅବସରରେ ଏକ ସ୍ୱତନ୍ତ୍ର ଖେଚୁଡ଼ି ପ୍ରସ୍ତୁତ ହୋଇ ଭୋଗ ଲାଗିହୁଏ ଏବଂ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବାଣ୍ଟିଦିଆଯାଏ । ହିମାଚଳ ଏବଂ ଉତ୍ତରାଖଣ୍ଡରେ ମଧ୍ୟ ଭିନ୍ନଭିନ୍ନ ପ୍ରକାରର ଖେଚୁଡ଼ି ପ୍ରସ୍ତୁତ ହୁଏ ବିଭିନ୍ନ ପର୍ବ ଅବସରରେ । ହିମାଚଳପ୍ରଦେଶରେ ବାଲାଇ ନାମକ ଏକ ଖେଚୁଡ଼ି ବୁଟଡାଲି, ଚାଉଳ, ଭୃଷଙ୍ଗପତ୍ର ଏବଂ ଘୋଳଦହି ଦେଇ କରାଯାଏ। ଉତ୍ତରାଖଣ୍ଡର ଖେଚୁଡ଼ିକୁ କୁହାଯାଏ ଗଡ୍‌ଓ୍ୱାଲି ଖେଚୁଡ଼ି । ହରଡ ଡାଲି, ଚାଉଳ, ରାଶି ଏବଂ ମସଲାମସଲି ଦେଇ ରନ୍ଧାଯାଏ

ଏବଂ ଛୋଟ ଛୋଟ କଟା ମାଂସ ଓ ଖୀର ସର ଦେଇ ରନ୍ଧା ଯାଉଥିବା ଖେଚୁଡ଼ିକୁ କୁହାଯାଏ ସୋଲା ଖେଚୁଡ଼ି । ରାଜସ୍ଥାନରେ ଖେଚୁଡ଼ି ଚାଉଳ ପରିବର୍ତ୍ତେ ବାଜରାରେ ଏବଂ ମହାରାଷ୍ଟ୍ରରେ ଚାଉଳ ପରିବର୍ତ୍ତେ ଗହମ ଦେଇ ରନ୍ଧାଯାଏ । ଏହାଛଡ଼ା ବିନ୍, ବାଦାମ ଏବଂ ନଡ଼ିଆ ଖଣ୍ଡ ଦେଇ ରନ୍ଧା ବାଲାଚି ଖେଚୁଡ଼ି ଖୁବ୍ ଲୋକପ୍ରିୟ ମହାରାଷ୍ଟ୍ରରେ । ଭାରତରେ ବସବାସ କରୁଥିବା ପାର୍ସିମାନେ ମଧ୍ୟ ଏଠାକୁ ଆସି

ସାଧାରଣତଃ ମାଂସ ତରକାରି, ମାଛ ଭଜା, ଆଳୁଭଜା, ଆମ୍‌ଲେଟ୍ ଆଦି ଖିଆଯାଏ ଖେଚୁଡ଼ି ସହ । ବିହାରରେ ଖେଚୁଡ଼ି ସହ ପ୍ରଚୁର ଘିଅ, ବାଇଗଣ ଭର୍ତ୍ତା, ଆଳୁ ଚକଟା, କଞ୍ଚାଲଙ୍କା, ଟମାଟୋ ଚଟ୍‌ନି ଆଦି ଖିଆଯାଏ । ଏଥିସହ ପାମ୍ପଡ଼, ବଡ଼ି ଏବଂ ଆମ୍ବ ଆଚାର ମଧ୍ୟ ପସନ୍ଦ କରନ୍ତି ଲୋକମାନେ । ବିହାରରେ ପ୍ରତି ଶନିବାରରେ ଖେଚୁଡ଼ି ଖାଇବାର ପରମ୍ପରା ଏବେବି ରହିଛି । ମକର ସଂକ୍ରାନ୍ତିରେ ଏହା ରାତ୍ରୀ ଭୋଜନ ।



ଏଥିରେ ସନ୍ତୁଳିତ ପରିମାଣର ଶ୍ୱେତସାର ଏବଂ ସ୍ନେହସାର ଥାଏ । ଫର୍ଟିସ୍ ହସ୍ପିଟାଲର ଡାକ୍ତର ମନୋଜ କୁମାର ଆହୁଜାଙ୍କ ମତ ଅନୁଯାୟୀ ମୁଗଡାଲିରେ ପ୍ରଚୁର ଖାଦ୍ୟତନ୍ତୁ ଥାଏ । ଏଥିସହ ଭିଟାମିନ୍-ସି', ମାଗ୍ନେସିୟମ୍, ପଟାସିୟମ୍, ଫସ୍‌ପରସ୍ ଓ କ୍ୟାଲସିୟମ୍ ପ୍ରଚୁର ପରିମାଣରେ ଥାଏ । ଏଥିରେ ୧୦ ପ୍ରକାରର ଜରୁରୀ ଆମିନୋଏସିଡ୍ ଥାଏ । ଯାହାକି ପ୍ରୋଟିନ୍‌କୁ ସଂପୂର୍ଣ୍ଣ

ଚାଉଳ ଓ ଡାଲି ମିଶ୍ରିତ ବ୍ୟଞ୍ଜନ ଭୋଜନ କରୁଥିବାର ଐତିହାସିକ ପ୍ରମାଣ ମିଳୁଛି । ଭାରତର ପ୍ରସିଦ୍ଧ କୂଟନୀତିଜ୍ଞ, ଦାର୍ଶନିକ ତଥା ଅର୍ଥଶାସ୍ତ୍ରୀ ଚାଣକ୍ୟ ଚାଉଳ ଓ ଡାଲି ମିଶ୍ରିତ ଏକ ସନ୍ତୁଳନ ଖାଦ୍ୟ ଗ୍ରହଣ ପାଇଁ ଉପଦେଶ ଦେଇଛନ୍ତି । ଚାଣକ୍ୟଙ୍କ କହିବା ଅନୁଯାୟୀ ଏକ ଭାଗ ଚାଉଳ, ଏକ-ଚତୁର୍ଥାଂଶ ଭାଗ ଡାଲି, ଏକ-ବାଷଠି ଭାଗ ଲୁଣ ଓ ଏକ-ଷୋହଳ ଭାଗ ଘିଅ



ଖେଚୁଡ଼ି ପ୍ରେମରେ ପଡ଼ିଯାଇଥିଲେ । ତେବେ ସେମାନେ ଏହାକୁ ନିଜ ଶୈଳୀରେ ରାନ୍ଧିବା ଆରମ୍ଭ କରିଥିଲେ । ଭାରୁଚି ଭାଗାରେଲି ଖେଚୁଡ଼ି ଓ କୋଲମି ନି ଖେଚୁଡ଼ି ସେମାନଙ୍କର ପ୍ରିୟ ଖାଦ୍ୟ । ପ୍ରଥମ ଖେଚୁଡ଼ି ବମ୍ବେ ଡକ୍ ନାମକ ଏକ ମାଛ ଦେଇ ରନ୍ଧା ହେଉଥିବା ବେଳେ ଦ୍ୱିତୀୟ ପ୍ରକ୍ରିୟା ଖେଚୁଡ଼ି

ଶୀତଦିନେ ଫୁଲକୋବି ଏବଂ ମଟର ପକାଯାଇଥିବା ଖେଚୁଡ଼ି ଖାଇବାକୁ ମିଳେ । ଗୁଜରାଟରେ ଖେଚୁଡ଼ି ସହ ବେସନ କଢ଼ି ଖାଆନ୍ତି । ଏହା ମୁଖ୍ୟତଃ ସେଠାରେ ସଂଧ ଭୋଜନ । କଚ୍ଛର ଲୋକମାନଙ୍କ ପାଇଁ ଏହା ଦୈନିକ ଖାଦ୍ୟ । ପ୍ରତିଦିନ ନାନାପ୍ରକାରର ଖେଚୁଡ଼ି ରନ୍ଧାହୁଏ ଲୋକମାନଙ୍କ ଘରେ ।







## ବ୍ରାଉନସୁଗାର ଜବତ, ୨ ଗିରଫ

**କେନ୍ଦ୍ରାପଡ଼ା:୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଏକ ବିଶେଷ ସୁତ୍ରରୁ ଖବର ପାଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡା ଅବକାରୀ ବିଭାଗ ପକ୍ଷରୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବାଲିପଡା ଅଞ୍ଚଳରେ ଚଢାଉ କରାଯାଇ ନିମପୁର ଗ୍ରାମର ପିଣ୍ଟୁ ମଲିକ(୨୬)ଙ୍କ ଠାରୁ ୫୦ଗ୍ରାମ ଓଜନର ବ୍ରାଉନସୁଗାର ଏବଂ ମାଟିଆ ଗ୍ରାମର ଚନ୍ଦ୍ରକାନ୍ତ ମଲିକ(୩୮)ଙ୍କ ଠାରୁ ୩୦ଗ୍ରାମ ଓଜନର ବ୍ରାଉନସୁଗାର ଜବତ କରାଯିବା ସହ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାଖରୁ ସମୁଦାୟ ୮୦ଗ୍ରାମ ଓଜନର ବ୍ରାଉନସୁଗାର ସମେତ ଏକ ଧଳା ରଙ୍ଗର ମାରୁତି ସ୍ୱିଫ୍ଟ ଡିଜେଆର କାର ଜବତ କରାଯାଇ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି । ଜବତ ବ୍ରାଉନସୁଗାରର ମୂଲ୍ୟ ୮ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଚଢାଉରେ ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ର, ସହକାରୀ ଉପନିରୀକ୍ଷକ ସୁନିଲ କୁମାର ମିଶ୍ର, ପ୍ରଦୀପ କୁମାର ମଲିକ, ଜଗନ୍ନାଥ ବେହ୍ରା, କନେଷ୍ଟବଳ ଅଶୋକ କୁମାର ବେହେରା, ହିମାଂଶୁ ଶେଖର ଦାସ, ପ୍ରଶାନ୍ତ କୁମାର ଘଡେଇ ଓ ଲୁଲୁ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

## କଲେଜରେ ମାନସିକ ସ୍ୱାସ୍ଥ୍ୟ ସୁସ୍ଥତା କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା:୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ମୁଖ୍ୟ ତଥା ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଓ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ମନୋବିଜ୍ଞାନ ବିଭାଗର ମିଳିତ ଆନୁକୂଲ୍ୟରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ମାନସିକ ସ୍ୱାସ୍ଥ୍ୟ ଓ ସୁସ୍ଥତାର ଉନ୍ନତି ନିମନ୍ତେ ଜାଗରଣ ସୃଷ୍ଟି କରିବା ପାଇଁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନା ସଭାପତିତ୍ୱ କରିଥିଲେ । ଏହି ଆଲୋଚନାଚକ୍ରରେ ବିଭାଗୀୟ ମୁଖ୍ୟ ଡ.ଦେବକାନ୍ତ ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଅଚ୍ୟୁତାନନ୍ଦ ମହାରଣା, 'ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତକରଣ କୋଷ'ର ସଂଯୋଜକ ଡ.ଦିପ୍ତୀ ରାୟ, ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ମୁଖ୍ୟ ଡା. ମନୋରଞ୍ଜନ ରାଉତ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଗୌରାଙ୍ଗ ଚରଣ ଗିରି, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ଅଧୀକ୍ଷକ ଡା. ପ୍ରମୋଦ କୁମାର ପ୍ରହରାଜ, ଏଡିଏମଓ ଡା. ସଚ୍ଚିଦାନନ୍ଦ ମିଶ୍ର, ଡା. ସଚିଦାନନ୍ଦ ନାୟକ, ଶୁଭନାରାୟଣ ନାୟକ, ସୁନ୍ଦର ବିଶ୍ୱାଳ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା ପ୍ରକଳ୍ପ ପରିଚାଳକ ମନୋରଞ୍ଜନ ସାହୁ ଓ ଅଧ୍ୟାପିକା ସୋମା ପ୍ରମୁଖ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ । ଅଧ୍ୟାପିକା ରତ୍ନମଞ୍ଜରୀ ଦାସ, ଅଧ୍ୟାପିକା ସୁଜାତା ଷଡଙ୍ଗୀ ଓ ମନିଷାକାନ୍ତି ଜେନାଙ୍କ ତତ୍ତ୍ୱାବଧାନରେ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଓଡିଆ ପ୍ରବନ୍ଧ, ସ୍ଲୋଗାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅଧ୍ୟାପିକା ମୋକ୍ଷଦା ରଥଙ୍କ ସହଯୋଗରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଅଧ୍ୟାପିକା କ୍ୟାପ୍ଟେନ ସୀମା ମହାନ୍ତି ମଞ୍ଚ ପରିଚାଳନା ଓ ସଂଯୋଜନା କରିଥିଲେ । ଅଧ୍ୟାପିକା ଇଶିତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀଗୁରୁ ଆଶ୍ରମ ପରିଚ଼ାଳକଙ୍କ ଅକାଳ ବିୟୋଗ



**କୋଣାର୍କ:୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କୋଣାର୍କ ଥାନା ଅଧିନ ଖରାଗାଁ ଗ୍ରାମର ଶ୍ରୀ ଗୁରୁ ଆଶ୍ରମର ପରିଚ଼ାଳକ ବାବା ଶକ୍ତିଦେବ ଶତପଥିଙ୍କ ଗତ ଶୁକ୍ରବାର ଭୁବନେଶ୍ୱର ସ୍ଥିତ ସମ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୬୫ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଛନ୍ତି । ଶକ୍ତିଦେବ ଶତପଥି କୋଣାର୍କ ଅଞ୍ଚଳରେ ଜଣେ ବେଶ୍ ପରିଚିତ ଆଧ୍ୟାତ୍ମିକବାଦୀ, ସମାଜ ସଂସ୍କାରକ, ଜଗନ୍ନାଥ ସଂସ୍କୃତି ପ୍ରଚାରକ, ଆଧ୍ୟାତ୍ମିକ ଗବେଷକ, ପଣ୍ଡିତ, ସାହିତ୍ୟିକ ତଥା ବିଶ୍ୱ ହିନ୍ଦୁ ପରିଷଦର ଜଣେ ଆଗଧାଡିର କର୍ମକର୍ତ୍ତା ଥିଲେ । ସେ କୋଣାର୍କ ଓ ପୁରୀ ଜିଲ୍ଲାର ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ, କୋଣାର୍କ ଶାଖାର ସଭାପତି, କୋଣାର୍କ ବ୍ଲକ ପାଗୋଡା ଅନୁଷ୍ଠାନର ସଭାପତି, ରେଡିଓ ନମସ୍କାର, ନାଟ୍ୟଦୀପ, ସିଦ୍ଧେଶ୍ୱର ଯୁବକସଂଘ, କୋଣାର୍କ ସୁରକ୍ଷା ସମିତି, ବିଶ୍ୱ ହିନ୍ଦୁ ପରିଷଦ, ଭାଗବତ ପ୍ରଚାର ପ୍ରସାର କମିଟି, ବିଭିନ୍ନ ସଂର୍କିତନ ମଣ୍ଡଳୀ, ବିଭିନ୍ନ ଶିକ୍ଷାନୁଷ୍ଠାନ, ପ୍ରିଷ୍ଟ ଓ ବୈଦ୍ୟୁତିକ ଗଣମାଧ୍ୟମ ତଥା କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦରେ ବିଭିନ୍ନ ଅନୁଷ୍ଠାନରେ ଜଡ଼ିତ ରହି କାର୍ଯ୍ୟକ୍ରମ ସକ୍ରିୟ ଭାବେ ଅଂଶଗ୍ରହଣ କରୁଥିଲେ । ସେ ଶ୍ରୀଗୁରୁ ଆଶ୍ରମର ପ୍ରତିଷ୍ଠାତା ଗୁରୁବାବ ଦିବ୍ୟ ସିଂହ ଶତପଥିଙ୍କ ପୁତ୍ର ଥିଲେ ଏବଂ ସେ ସର୍ବଦା ସୃଷ୍ଟି ନିର୍ମାଣ ଓ ସୃଷ୍ଟି ରକ୍ଷା କରିବାରେ ପ୍ରତ୍ୟେକ ବ୍ୟକ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଜନସାଧାରଣଙ୍କୁ ପରାମର୍ଶମାନ ପ୍ରଦାନ କରୁଥିଲେ । ତାଙ୍କ ମୃତ୍ୟୁରେ କୋଣାର୍କ ତଥା ପୁରୀ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଅଛି । ତାଙ୍କ ମୃତ୍ୟୁ ଖବର ପାଇ ଅଞ୍ଚଳର ବିଭିନ୍ନ ଅନୁଷ୍ଠାନ, ବ୍ୟକ୍ତି ବିଶେଷ ତଥା ବ୍ଲକ ପାଗୋଡା ଅନୁଷ୍ଠାନର ରତ୍ନାକର ନାୟକ, ସଞ୍ଜୟ କୁମାର ବରାଳ, ନିର୍ମଳ ପ୍ରଧାନ, ବିଚିତ୍ର ଓଝା ପ୍ରମୁଖ ଶୋକବ୍ୟକ୍ତ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଅଛନ୍ତି ।

## ଭଜନ ସମ୍ରାଟ ଭିକାରୀ ବଳଙ୍କ ଶ୍ରାଦ୍ଧୋତ୍ସବ

**କେନ୍ଦ୍ରାପଡ଼ା:୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ବାରୁଅ ସ୍ଥିତ ଭାବଗ୍ରାହୀ କଳା ନିକେତନ ଏବଂ ରେଡ଼ିଓ ଭାବଗ୍ରାହୀର ମିଳିତ ଆନୁକୂଲ୍ୟରେ ଚିର ସବୁଜ ଅକ୍ଷୟ ମହାନ୍ତି କକ୍ଷରେ ଓଡ଼ିଆ ଭକ୍ତି ସଙ୍ଗୀତ ଜଗତର କିମ୍ବଦନ୍ତୀ ପୁରୁଷ ଭଜନ ସମ୍ରାଟ ଭିକାରୀ ବଳଙ୍କ ପଞ୍ଚଦଶ ଶ୍ରାଦ୍ଧୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । କଳା ନିକେତନର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଭବ୍ୟ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପ୍ରଫେସର ପ୍ରଶାନ୍ତ ସାମଲ, ମୁଖ୍ୟବକ୍ତା ଭାବେ ପଣ୍ଡିତ ପଦ୍ମନାଭ ଦାଶ ଏବଂ ସମ୍ମାନୀତ ଅତିଥି ଭାବରେ କବି ଅମର ପ୍ରସାଦ ରାଉତ, କଣ୍ଠଶିଳ୍ପୀ ଅଜୟ ମହାନ୍ତି, ସାମ୍ବାଦିକ ସଚ୍ଚିଦାନନ୍ଦ ବେହେରା, ପ୍ରଧାନଶିକ୍ଷକ ଅଜୟ ସ୍ୱାଇଁ, ନାଟ୍ୟକାର ଭୀମସେନ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଭଜନ ସମ୍ରାଟଙ୍କ ଅମ୍ଲାନ ସ୍ମୃତି ଚାରଣ କରିବା ସହିତ ଭକ୍ତିପୂତ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଗୀତିକାର ବିମଳ ପ୍ରସାଦ ପରିଡା ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ ପୂର୍ବକ ଭଜନ ସମ୍ରାଟଙ୍କ ସମ୍ପର୍କରେ ବହୁ ଅନାଲୋଚିତ ତଥ୍ୟ ଉପସ୍ଥାପନା କରିଥିଲେ । ବିଶିଷ୍ଟ କଣ୍ଠଶିଳ୍ପୀ ନିରୁପମା ଜେନା ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାଇଥିଲେ । ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା, ଗୌରବ ଦାସ, ଅଙ୍କିତା ପରିଡା, ଅଚ୍ୟୁତାନନ୍ଦ ପରିଡା, ସ୍ୱର୍ଣ୍ଣକାନ୍ତ ପରିଡା, ଗାୟକ ସୁରେନ୍ଦ୍ର ରାଉତ, ଚୈତନ୍ୟ ରାଉତ, ଶିବରାଜ ରାଉତ, ଚିନ୍ମୟ ଦାସ ପ୍ରମୁଖ ଉପସ୍ଥିତ ରହି ସ୍ମୃତି ଚାରଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଆରମ୍ଭରେ କଳା ନିକେତନ ପରିସରରେ ଥିବା ଭଜନ ସମ୍ରାଟ ଭିକାରୀ ବଳ, ଚିର ସବୁଜ ଅକ୍ଷୟ ମହାନ୍ତି, ଲୋକ କବି ଭାବଗ୍ରାହୀ ପରିଡା ଏବଂ କବି ପତ୍ନୀ ସରୋଜିନୀ ପରିଡାଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯିବା ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଏହି ଅବସରରେ ଉପସ୍ଥିତ କଳାକାରମାନେ ଭଜନ ସମ୍ରାଟଙ୍କ କାଳଜୟୀ ଭଜନ କୋଠ ଭୋଗଖିଆ, ହାତରେ ମୋ ମୁଠା ମୁଠା, ନୂଆ ଘର ଖଣ୍ଡି ଦିନେ ଇତ୍ୟାଦି ସଙ୍ଗୀତ ଗାଇ ସମସ୍ତଙ୍କୁ ବିମୋହିତ କରିଥିଲେ । ଶେଷରେ ପ୍ରଚକ ବିକ୍ରମ କେଶରୀ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାରତୀୟ ବିକାଶ ପରିଷଦ ପକ୍ଷରୁ ଗଣଧାରଣା

**ଦଶପଲ୍ଲା:୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ଭାରତୀୟ ବିକାଶ ପରିଷଦ ପକ୍ଷରୁ ସୋମବାର ଦଶପଲ୍ଲା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି । ଅନୁଷ୍ଠାନର ରାଜ୍ୟ ଉପ ସଭାପତି ନିରଞ୍ଜନ ଦାସଙ୍କ ଆହ୍ୱାନ କ୍ରମେ ଦଶପଲ୍ଲା ବ୍ଲକ ଘୋଳାହାଣ୍ଡି ପଞ୍ଚାୟତ ନାରଦୀ ଗୋଛା ଏବଂ ଲେଣ୍ଡ୍ରିଝରି ଗ୍ରାମର ଶତାଧିକ ମହିଳା ପୁରୁଷ ଆସି ଦଶପଲ୍ଲା ବ୍ଲକ ସାମ୍ନାରେ ଧାରଣା ଦେଇଛନ୍ତି । ମୁଖ୍ୟତଃ ତାଙ୍କ ଗ୍ରାମକୁ ପକ୍କା ରାସ୍ତାଟିଏ ନାହିଁ, ବିଶେଷ କରି ବର୍ଷା ଦିନରେ ନାଳରେ ପାଣି ଆସିବାରୁ ତାଙ୍କ ପିଲାମାନେ ସ୍କୁଲକୁ ଯାଇପାରୁନାହାନ୍ତି, ସମସ୍ତେ ଜଳବନ୍ଦୀ ହୋଇ ରହିବାକୁ ପଡୁଛି । ସେମାନେ ପୂର୍ବରୁ ବାରମ୍ବାର ବ୍ଲକ ପ୍ରଶାସନ ସହ ଆଲୋଚ଼ନା କରିଛନ୍ତି, ଏପରିକି ଗତ ୧୨/୦୯/୨୫ରେ ଧାରଣା ଦେବାପାଇଁ ମଧ ଜଣାଇ ଦିଆଯାଇଥିଲା । ତେଣୁ ରବିବାର ସୁଦ୍ଧା କିଛି କାମ ଆରମ୍ଭ ନ ହେବାରୁ ସୋମବାର ବାଧ ହୋଇ ଧାରଣା ଦିଆ ଗଲା । ଧାରଣାକାରୀଙ୍କ ମଧ୍ୟରେ ଭାନୁମତି କହଁର, ଯଶୋଦା ଖମାରୀ, ସଞ୍ଜୁ ଯାନୀ, ସବିତା କହଁର, ରଞ୍ଜୀତା କହଁର, ଲୀଳାବତୀ ମଳିକ, ସୁଚ଼ିତ୍ରା କହଁର, ସୁଦଶା କହଁର, ପୁଷ୍ପ ଜାନି, ସୋନାଲି ଜାନି, ବିଦ୍ୟାଧର ମାଝୀ ବିଭୀଷଣ କହଁର, ପ୍ରତାପ କହଁର, ମହାରଥୀ କହଁର, ଲକ୍ଷ୍ମଣ କହଁର ପ୍ରମୁଖଙ୍କ ସହ ଅନ୍ୟମାନେ ବସିଛନ୍ତି । ଗତ ୩୧ ତାରିଖରେ ଦଶପଲ୍ଲା ବିଡ଼ିଓ ଚ଼ାକିରିରୁ ଅବସର ନେଇଥିବାରୁ ତାଙ୍କ ସ୍ଥାନରେ ନୂଆ ବିଡ଼ିଓ କେହି ଦାୟିତ୍ୱ ନେଇ ନାହାନ୍ତି । ଦଶପଲ୍ଲା ତହସିଲଦାର ସ୍ମୃତି ରଞ୍ଜନ ଶତପଥି ବର୍ତ୍ତମାନ ବିଡ଼ିଓ ଦାୟିତ୍ୱରେ ଅଛନ୍ତି । ସମ୍ବାଦ ଲେଖା ହେବା ପର୍ଯ୍ୟନ୍ତ ବିଡ଼ିଓ ଧାରଣାସ୍ଥଳକୁ ଆସି ପାରିନାହାନ୍ତି ।

## ଭିତରକନିକା ଗେଟ ଆଗରେ ବାଙ୍କୁଆଳ ଗ୍ରାମବାସୀଙ୍କ ଆମରଣ ଅନଶନ

**ରାଜନଗର:୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ଡାଙ୍ଗମାଳ ପଞ୍ଚାୟତ ଭିତରକନିକା ମୁଖ୍ୟ ଗେଟକୁ ଲାଗିଥିବା ବାଙ୍କୁଆଳ ଗ୍ରାମର ଅଧିବାସୀ ଆମରଣ ଅନଶନରେ ବସିଥିବା ଦେଖିବାକୁ ମିଳିଛି । ରାଜନଗର ତହସିଲ ପ୍ରଶାସନ ପକ୍ଷରୁ ବାଙ୍କୁଆଳ ଗ୍ରାମର ବାବୁଲି ରାଉତ, ପଞ୍ଚାନନ ବେହେରା, ମନ୍ମଥ ବେହେରା, ମାନସ ବେହେରା, ଉପେନ୍ଦ୍ର ବେହେରା, ଗୋଲେଖ ପ୍ରଧାନ, ଦୁଃଶାସନ ପ୍ରଧାନ ଓ କିଣା ବେହେରା ଚଳିତ ମାସ ୩ ତାରିଖ ଦିନ ଉଚ୍ଛେଦ କରିବାକୁ ନୋଟିସ ଦିଆଯାଇଛି । ଏହାକୁ ନେଇ ଗାଁରେ ଉତ୍ତେଜନା ପ୍ରକାଶ ପାଇବା ସହ ରବିବାର ଦିନ ୮ଟି ପରିବାର ସହ ବାଙ୍କୁଆଳ ଗ୍ରାମର ପୁରୁଷ ମହିଳାମାନେ ଆମରଣ ଅନଶନରେ ବସି ରହିଛନ୍ତି । ସେମାନଙ୍କ ଦାବି ଅନୁଯାୟୀ, ଦୀର୍ଘ ଦୁଇଶହ ବର୍ଷ ଧରି ପିଢି ପରେ ପିଢି ବସବାସ କରି ଆସୁଛନ୍ତି । ସେମାନଙ୍କୁ ସ୍ଥାୟୀ କରିବା ପାଇଁ ଦାବି କରିଛନ୍ତି । ପ୍ରଶାସନ ସେମାନଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହିତ ସ୍ଥାୟୀ ପଟ୍ଟା ପ୍ରଦାନ କରିବା, ଭିତରକନିକା ସୁରକ୍ଷା ସହିତ ପାର୍ଶ୍ୱବର୍ତ୍ତୀ ଗ୍ରାମର ଜନଜୀବନକୁ ସୁରକ୍ଷା ଦେବାକୁ ଦାବି କରି ବସି ରହିଛନ୍ତି । ଅପରପକ୍ଷରେ ସେମାନଙ୍କ ମଧ୍ୟରୁ ଭାଗିରଥି ବେହେରା, ମୀନକେତନ ପାଢି, ବୃନ୍ଦାବନ ସ୍ୱାଇଁ, କେଶବ ବେହେରା, ମଦନ ବେହେରା କନିକା ରାଜାଙ୍କଠାରୁ ପଟ୍ଟା ପାଇଛନ୍ତି । ଏତଦବ୍ୟତୀତ ଅନ୍ୟ ଅଭାବୀ ପରିବାଗୁଡିକ ପିଢି ପରେ ପିଢି ଧରି ବସବାସ କରି ଆସୁଥିଲେ ମଧ ପଟ୍ଟା ପାଇବାରୁ ବଞ୍ଚିତ ହୋଇଛନ୍ତି । ତାଳଚୁଆ ସାମୁଦ୍ରିକ ଥାନାଧିକାରୀ ବିମଳକୁମାର ମଲ୍ଲିକ ଅନଶନକାରୀଙ୍କ ନିକଟରେ ପହଞ୍ଚି ଆଲୋଚନା କରିବା ପରେ ସେମାନେ ଅନଶନରୁ ଉଠିନଥିଲେ । ରିପୋର୍ଟ ଲେଖା ହେବା ଯାଏଁ ଅନଶନ ଚାଲୁ ରହିଥିବା ଜଣାପଡିଛି ।

## କୁସୁପୁର ଗ୍ରାମକୁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ଅନ୍ତର୍ଭୁକ୍ତ ଦାବି

**ମାହାଙ୍ଗା:୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ଓଡିଶା ସରକାର ସଂପ୍ରତି ୫୧ଟି ଗ୍ରାମକୁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ଅନ୍ତର୍ଭୁକ୍ତ କରିଛନ୍ତି । ଏହି ଗ୍ରାମର ସର୍ବାଙ୍ଗିନ ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିବା ପାଇଁ ସ୍ଥିର କରିଛନ୍ତି । ଓଡିଶାର ୩୧୪ ବ୍ଲକ ଭିତରେ ମାହାଙ୍ଗା ବ୍ଲକରେ ସର୍ବାଧିକ ବରପୁତ୍ରଙ୍କର ଜନ୍ମ ଓ କର୍ମଭୂମି । ଏହି ଭୂମୀରେ ପଲ୍ଲୀକବି ନନ୍ଦକିଶୋର ବଳ, ଶିଳ୍ପୀଗୁରୁ ବିମ୍ବାଧର ବର୍ମା, କବି ଜ୍ଞାନେନ୍ଦ୍ର ବର୍ମା, ସ୍ୱାଧିନତା ସଂଗ୍ରାମୀ ରାଜେନ୍ଦ୍ର ବର୍ମା, ସଂଗ୍ରାମୀ ବିଦୁଷି ଲବଙ୍ଗଲତା ଦେବୀ, ମାହାଙ୍ଗା ଗାନ୍ଧୀ ସଂଗ୍ରାମୀ ସଚ୍ଚିଦାନନ୍ଦ ଜେନା, ସ୍ୱାଧିନତା ସଂଗ୍ରାମୀ ହେମନ୍ତ କିଶୋର ବଳ, ପ୍ରଗତିବାଦୀ ପ୍ରତିଷ୍ଠାତା ସଂପାଦକ ଓ ପ୍ରାକ୍ତନ ସାଂସଦ ପ୍ରଦ୍ୟୁମ୍ନ କିଶୋର ବଳ ଓ ଶିଶୁ ସାହିତ୍ୟିକ ନନ୍ଦ କିଶୋର ସାମଲଙ୍କ ଜନ୍ମ ଓ କର୍ମଭୂମି କୁସୁପୁର ଗାଁକୁ ସର୍ବଶ୍ରେଷ୍ଠ ବରପୁତ୍ର ଗ୍ରାମ ବୋଲି କୁହାଯାଏ କିନ୍ତୁ ବଡ ଦୁଃଖ ଓ ପରିତାପର ବିଷୟ ସରକାର ଏହି ସଂସ୍କୃତି ସମୃଦ୍ଧ ମାହାଙ୍ଗା ବ୍ଲକ ଅନ୍ତର୍ଗତ କୁସୁପୁର ଗ୍ରାମକୁ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ଅନ୍ତର୍ଭୁକ୍ତ କରିନାହାନ୍ତି । ଏହା ଉତ୍କଳୀୟ ସଂସ୍କୃତି ଓ ମାହାଙ୍ଗାର ସ୍ୱାଭିମାନ ପ୍ରତି ଅସମ୍ମାନ ବୋଲି ସାଧାରଣରେ ତୀବ୍ର ଆଲୋଚନା ହେଉଛି । ସଂସ୍କୃତି, ପରମ୍ପରା ଓ ବରପୁତ୍ରମାନଙ୍କର ଅବଦାନକୁ ବିଚାରକୁ ନେଇ ପବିତ୍ର ବିରୂପା ନଦୀ ତଟସ୍ଥ କୁସୁପୁର ଗ୍ରାମକୁ ତୁରନ୍ତ ବରପୁତ୍ର ଐତିହ୍ୟ ଗ୍ରାମ ତାଲିକାରେ ସଂଯୋଜିତ କରିବା ପାଇଁ ଯୁବନେତା ତଥା ମହାନ ମାହାଙ୍ଗାର ଅଧ୍ୟକ୍ଷ ସେକ ମସୁଦ ଅଲିଙ୍କ ନେତୃତ୍ୱରେ କୁସୁପୁରରୁ ଏକ ଦସ୍ତଖତ ଅଭିଯାନ ଶୁଭାରମ୍ଭ କରାଯାଇଛି । ଏହି ଅଭିଯାନରେ କୁସୁପୁର ଗ୍ରାମର ସୀତାନାଥ ନାୟକ, ଚିନ୍ମୟ ଜେନା, ସୁକୁମାର ସାମଲ, ପ୍ରସନ୍ନ ବର୍ମା, ଗଗନ ସେଠୀ, ଝରୀ ସାହୁ, ମନୋରଞ୍ଜନ ମାଝି ପ୍ରମୁଖ ସହଯୋଗ କକରିଥିଲେ । ମହାନ ମାହାଙ୍ଗାର ସଦସ୍ୟ ଆଇନଜୀବୀ ଦୀପକ କୁମାର ମହାନ୍ତି, ପଣ୍ଡିତ ପ୍ରଭାତ କର, ସଂଗ୍ରାମ ସାମଲ, ସୌକତ ଅଲି, ସୁକାନ୍ତ ନନ୍ଦ, ମାନସ ଦାସ, ରବି ନାରାୟଣ ସାହୁ, ସେକ ଜାବୀର, ସେକ ଆରଜୁ ଅଲି, ହାଡିବନ୍ଧୁ ସାହୁ ପ୍ରମୁଖ ଅଭିଯାନରେ ସାମିଲ ହୋଇଥିଲେ । ଏହି ଗ୍ରାମରେ ଥିବା ବରପୁତ୍ରମାନଙ୍କୁ ଉଚିତ ସମ୍ମାନ ଦେବା । ଓଡିଶାର ମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ସଂସ୍କୃତି ସଚିବଙ୍କ ନିକଟରେ ଦୃଢ ଦାବି କରିଛନ୍ତି । ଏହି ଅଭିଯାନର ନେତୃତ୍ୱ ନେଉଥିବା ମହାନ ମାହାଙ୍ଗା ଅଧ୍ୟକ୍ଷ ସେକ ମସୁଦ ଅଲିଙ୍କୁ କୁସୁପୁର ଗ୍ରାମର ବୁଦ୍ଧିଜିବୀ, ମହିଳା, ଛାତ୍ର ଓ ଯୁବକମାନେ ଏଥିରେ ସାମିଲ ହୋଇ ଏହି ଅଭିଯାନର ଦୃଢ ପ୍ରଶଂସା କରିଥିଲେ ।

## ସ୍ୱୟଂଶ୍ରୀ ବଜାର ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ

**ବ୍ରହ୍ମପୁର:୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ରିଲିଆନ୍ସ ଫାଉଁଡେସନ ଏବଂ ବିଲ ଓ ମିଲେଣ୍ଡା ଗେଟ ଫାଉଁଡେସନ, ମିଶନ ଶକ୍ତି ସହାୟତାରେ ଗ୍ରାମ ବିକାଶର ଗଞ୍ଜାମ-୨ ସହକର୍ମୀଙ୍କ ସହଯୋଗରେ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀର ମହିଳା ମା'ମାନଙ୍କୁ ଆର୍ଥିକ ସଶକ୍ତ କରିବା ପାଇଁ ବ୍ରହ୍ମପୁର, ହିଲିପାଟଣା ଠାରେ ଗ୍ରାମବିକାଶ ଅଫିସ ପରିସରରେ ଦୁଇ ଦିନିଆ ସ୍ୱୟଂଶ୍ରୀ ବଜାର ଆୟୋଜନ କରାଯାଇଥିଲା । ଆୟୋଜନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାମ ଅଞ୍ଚଳରେ ଥିବା ସ୍ୱୟଂ ସହାୟକ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ହେଉଥିବା ସାମଗ୍ରୀ ଗୁଡିକର କିପରି ଲୋକମାନଙ୍କ ପାଖରେ ପହଞ୍ଚିପାରିବ, ବିକ୍ରିରେ ସହାୟକ ହୋଇ, ଉକ୍ତ ସାମଗ୍ରୀର ଚାହିଦା ବୃଦ୍ଧି କରି ବଜାର ସୃଷ୍ଟି କରିପାରି ସେମାନଙ୍କୁ ରୋଜଗାରକ୍ଷମ କରି ସେମାନଙ୍କ ଘରର ଅର୍ଥନୈତିକ ଅଭିବୃଦ୍ଧିରେ ଉନ୍ନତି ହେବ । ଉକ୍ତି ବଜାରରେ ଖଲ୍ଲିକୋଟ, ରଙ୍ଗେଇ ଲୁଣ୍ଡା, ଗଞ୍ଜାମ, ଛତ୍ରପୁର, କୁକୁଡାଖଣ୍ଡି, ପାତ୍ରପୁର, ଚ଼ିକିଟି, ବେଲଗୁଣ୍ଠା ବ୍ଲକର ମହିଳା ଉତ୍ପାଦିକା ଗୋଷ୍ଠୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାରମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ଯଥା ବଡ଼ି, ବିଭିନ୍ନ ପ୍ରକାର ପାମ୍ପଡ, କାପଡ଼ା, ଆଚ଼ାର, ଧୁପକାଠି, ମାଣ୍ଡିଆରୁ ପ୍ରସ୍ତୁତ କେକ, ଚ଼କୋଲେଟ, ହଳଦୀ ପାଉଡର, ମସଲା ପାଉଡର, ମାଣ୍ଡିଆ ପାଉଡର, ଛତୁଆ ପାଉଡର, ବିରି ଓ ଚ଼ାଉଳ ଚୂନା, ରାଶି ଲଡୁ, ମହିଳାଙ୍କର ନାଇଟି, ହର୍ବଲ ଟି, ତୁଳସୀ ଅର୍କ ମାଟିରୁ ପ୍ରସ୍ତୁତ ସାମଗ୍ରୀ ଇତ୍ୟାଦି ବିକ୍ରି କରିଥଲେ । କନ୍ଧମାଳ ରାଇକିଆ ବ୍ଲକର ଆମର ଜ୍ୟୋତି ଉତ୍ପାଦକ ଗୋଷ୍ଠୀର କନ୍ଧମାଳ ହଳଦୀ ପାଉଡର ଓ ବରଗଡ଼ ଭଟିଲ ବ୍ଲକର ରାଧାରାଣୀ ଉତ୍ପାଦକ ଗୋଷ୍ଠୀଙ୍କ ସମ୍ବଲପୁର କୁର୍ତ୍ତାଓ କପଡ଼ା, ବିଭିର୍ଣ୍ଣ ପ୍ରକାର ଚୁଡି, ବିକ୍ରି କରିଥଲେ । ସମସ୍ତଙ୍କ ମିଳିତ ପ୍ରଚେଷ୍ଟାରେ ସ୍ୱୟଂଶ୍ରୀ ବାଜାରଟି ସଫଳ ରୂପେ ପରିଚ଼ାଳିତ ହୋଇଥିଲା । ଉକ୍ତ ବଜାରରେ ଆଠଟି ଉତ୍ପାଦକ ଗୋଷ୍ଠୀ ଓ ଦଶଟି ସ୍ୱୟଂ ସହାୟକ ଦଳର ମହିଳା ସାମଗ୍ରୀ ବିକ୍ରି କରିବାର ସୁଯୋଗ ପାଇପାରିଥିଲେ । ଆଖପାଖରୁ ଦୁଇ ଶହ ପଚ଼ାଶ ଉକ୍ତ ବଜାର ବୁଲି ଜିନିଷ କିଣିବାର ସୁଯୋଗ ପାଇପାରିଥିଲେ । ଉକ୍ତ ବଜାରକୁ ସୁଚ଼ାର ରୂପେ ପରିଚ଼ାଳନା କରିବା ପାଇଁ ବୁକୀ ଦାସ, ଷ୍ଟେଟ ଫାଇନାନସିଲ ଲିଡ, ଅମୂଲ୍ୟ କୁମାର ଚୌଧୁରୀ, ଡିଷ୍ଟ୍ରିଟି ପୋଗ୍ରାମ ଲିଡ଼, ପ୍ରଶାନ୍ତ କୁମାର ନାୟକ, ଡିଷ୍ଟ୍ରିଟି ମନିଟରିଂ ଲିଡ଼, ବ୍ଲକ ପୋଗ୍ରାମ ଲିଡ଼, କ୍ଲଷ୍ଟର କଡିନେଟର, ଗଂଜାମ- ୨ ଗ୍ରାମବିକାଶ, ଶରତ ଚ଼ନ୍ଦ୍ର ମହାନ୍ତି, ଜିଲ୍ଲା ପରିଚ଼ାଳକ ଗଂଜାମ, ଗ୍ରାମ ବିକାଶ ସହଯୋଗ କରିଥିଲେ । ପ୍ରତିମାସର ଶେଷ ଶନିବାର ଓ ରବିବାର ଦୁଇ ଦିନ ଖୋଲାଯିବା ପାଇଁ ଯୋଜନା କରାଯାଉଛି ।

## କୁଡୁମୀ ଅଧିକାର ମହାରାଲିରେ କୁଡୁମୀ ସେନାର ଯୋଗଦାନ

**ବେତନଟୀ:୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କୁଡୁମୀ ଜାତି ପ୍ରତି ହୋଇଥିବା ଐତିହାସିକ ଅନ୍ୟାୟ ବିରୁଦ୍ଧରେ ଝାଡ଼ଖଣ୍ଡ ରାଜ୍ୟର କୁଡୁମୀ ବିକାଶ ମୋର୍ଚ୍ଚା ତରଫରୁ ହଜାରିବାଗସ୍ଥିତ ସେଣ୍ଟ୍ କଲମ୍ବସ୍ କଲେଜ୍ ଗ୍ରାଉଣ୍ଡ ଠାରେ କୁଡୁମୀ ଅଧିକାର ମହାରାଲି ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିହାର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆସାମ ଏବଂ ଓଡ଼ିଶା ରାଜ୍ୟର ବରିଷ୍ଠ କୁଡୁମୀ ନେତୃବୃନ୍ଦ ଯୋଗ ଦେଇଥିଲେ । କୁଡୁମୀ ସେନାର ପ୍ରତିଷ୍ଠାତା ସଭାପତି ଜୈମୁନୀ କୁମାର ମହାନ୍ତ ଅନ୍ୟତମ ଅତିଥି ଭାବେ ଏହି ମହାରାଲିରେ ଯୋଗଦେଇ କୁଡୁମୀ ବହୁଳ ପାଞ୍ଚଟି ରାଜ୍ୟର ନେତୃବୃନ୍ଦ ନିଜ ନିଜ ଭିତରେ ସମନ୍ୱୟ ରଖି ଆନ୍ଦୋଳନକୁ ଅଧିକ ତୀବ୍ର କରିବାକୁ ଆହ୍ୱାନ ଦେଇଛନ୍ତି । କୁଡୁମୀ ଜାତି ପ୍ରତି କରାଯାଇଥିବା ଅନ୍ୟାୟକୁ ଇତିମଧ୍ୟରେ ପଞ୍ଚସ୍ତରୀ ବର୍ଷ ବିତି ଯାଇଥିବା ବେଳେ ସରକାର କ୍ରମାଗତ ଭାବେ ଆମ ଜାତି ପ୍ରତି ଅଣଦେଖା କରି ଆସିଛନ୍ତି । ତେଣୁ ଏହି ଆନ୍ଦୋଳନକୁ ଏକ ନିର୍ଣ୍ଣାୟକ ମୋଡ ଦେବାର ସମୟ ଆସି ଯାଇଛି ବୋଲି ଶ୍ରୀ ମହାନ୍ତ ଉଦବୋଧନ ଦେଇ କହିଛନ୍ତି । ଏହି ଅବସରରେ କୁଡୁମୀ ସେନାର ଅନ୍ୟମାନଙ୍କ ମଧ୍ୟରେ ପ୍ରମୁଖ ଉକ୍ତ ମହାରାଲିରେ ଯୋଗ ଦେଇଥିଲେ ।

## ଜିଲ୍ଲା ତୈଳିକ ବୈଶ୍ୟ ସମାଜର ସମାବେଶ

**କେନ୍ଦ୍ରାପଡ଼ା:୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲା ତୈଳିକ ବୈଶ୍ୟ ସମାଜର ଏକ ସମାବେଶ ବ୍ଲକସ୍ତରୀୟ ଡେରାବିଶ ଛତାଛକ ଜେକେ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ସଭାପତି ସରୋଜ ସାହୁ ସମ୍ପାଦକ ଶ୍ରୀକାନ୍ତ ନାୟକ, ବରିଷ୍ଠ ସଦସ୍ୟ ଧିରେନ ସାହୁ, ଭରତ ଚନ୍ଦ୍ର ସାହୁ, ଅରୁଣ ସାହୁ ଆଇନଜୀବୀ ଦୀପକ ସାହୁ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ । ଏହି ସମାବେଶରେ କୈଳାଶ ଚନ୍ଦ୍ର ସାହୁ ସଭାପତିତ କରିଥିଲେ । ଏହି ସମାବେଶରେ ବହୁ ମାନ୍ୟଗଣ ବେକ୍ତି ତାଙ୍କ ମତବେକ୍ତ କରିଥିଲେ । ଆମ ସାମଜକୁ କିପରି ମଜବୁତ କରାଯିବ ଏଥିରେ ବିଭିନ୍ନ ବିଷୟରେ ଆଲୋଚନା କରାଗଲା । ୨ୟ ସମାବେଶ ରାଜନଗର ଠାରେ ତା ୨୩ରିଖ ରବିବାର ହେବ ବୋଲି ସ୍ଥିର କରାଗଲା । ପରିଶେଷରେ ସଭାର ସଭାପତି କୈଳାଶ ସାହୁ ମତ ରଖିଲେ ଏକ ଜିଲ୍ଲା ଅଫିସ ଖୋଲିବା ପାଇଁ ଏହାକୁ ଆମ ସଭାପତି ପ୍ରତିଶୃତି ଦେଲେ କେନ୍ଦ୍ରାପଡ଼ାରେ ଜିଲ୍ଲା ଅଫିସ ଖୋଲା ଯିବି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ପ୍ରେସ ଦିବସ ପାଇଁ ଶେଷ ପ୍ରସ୍ତୁତି



**ଭୁବନେଶ୍ୱର:୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ନଭେମ୍ବର ୧୬ ଜାତୀୟ ପ୍ରେସ ଦିବସ ପାଳନ ଅବସରରେ ଶେଷ ପ୍ରସ୍ତୁତି ଭୁବନେଶ୍ୱର ଠାରେ ଓଡିଶା କର୍ମଜୀବି ସାମ୍ବାଦିକ ସଂଘ ପକ୍ଷରୁ ଆୟୋଜିତ ହୋଇଯାଇଛି । ରାଜ୍ୟ ସଭାପତି ସୁଜ୍ଞାନ ଚୈଧୁରୀ ସଭାପତିତ୍ୱ କରିଥିବା ବେଳେ ୩୦ ଜିଲ୍ଲାର ଜିଲ୍ଲା ସଭାପତିଙ୍କ ସହ ପୁରୀ ଜିଲ୍ଲା ଶାଖା ସଭାପତି ଶରତ ପରିଡ଼ା ଉପସ୍ଥିତ ରହି କର୍ମଶାଳା କିଭଳି ସରସ ସୁନ୍ଦର ହୋଇପାରିବ ବିସ୍ତୃତ ଆଲୋଚ଼ନା କରାଯାଇଥିଲା । ଉପସଭାପତି ପରମାନନ୍ଦ ମିଶ୍ର, ସମ୍ପାଦକ ପବିତ୍ର ପାତ୍ର, କୋଷାଧ୍ୟକ୍ଷ ପ୍ରମୋଦ ପରିଡ଼ା, କଟକ ଜିଲ୍ଲା ସଭାପତି ଲଳିତ ଦାଶ, ତ୍ରିଲୋଚ଼ନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ବ୍ଲକରେ ସୁରଭି କାର୍ଯ୍ୟକ୍ରମ

**ସୋରଡ଼ା:୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**



ସୋରଡ଼ା ଏନଏସି ଅଞ୍ଚଳର ସରକାରୀ ଶଶୀ ଭୂଷଣ ଉଚ୍ଚ ବିଦ୍ୟାଳୟ ଠାରେ ସୋରଡ଼ା ବ୍ଲକସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇସାରିଛି । ସୋରଡ଼ା ଏନଏସିର ଚ୍ୟାରମେନ ଶିବ ଶଙ୍କର ପଣ୍ଡା କାର୍ଯ୍ୟକ୍ରମର ଉଦଘାଟନ କରିଥିବା ବେଳେ ବିଇଓ ରମେଶ ଚ଼ନ୍ଦ୍ର ସାହୁ ପ୍ରଦୀପ ପ୍ରଜ୍ୱଳନ କରିଥିଲେ ଏବଂ ମଞ୍ଚସିନ ଅତିଥି ଭାବେ ଏବିଇଓ ସୁଶୀଳା ପାତ୍ର, ଏବିଇଓ ବିଜୟ କୁମାର ମଣ୍ଡଳ, ଏବିଓ ପିତାମ୍ବର ନାୟକ ଏବଂ ଶଶି ଭୂଷଣ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସୂର୍ଯ୍ୟ କ୍ରାନ୍ତି ମଳିକ ପ୍ରମୁଖ ମଞ୍ଚସିନ ଥିଲା ବେଳେ ୧୬ଟି କ୍ଲଷ୍ଟରର ୧୬ଜଣ ସିଆରସିସି କାର୍ଯ୍ୟକ୍ରମରେ ଉପସ୍ଥି ଥିଲେ ଏବଂ ସୋରଡ଼ା ପ୍ରେସ କ୍ଲବର ଆଡ଼ଭାଇଜର ଆରାପଲ୍ଲୀ ସାରଥୀଙ୍କ ସମେତ ଉପସ୍ଥି ଥିବା ଏବଂ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ସମସ୍ତ ସାମ୍ବାଦିକମାନଙ୍କୁ ଉପଢ଼ୌକନ ଦେଇ ପୁଷ୍ପଗୁଛ ଦେଇ ସନମାନିତ କରିଥିଲେ । ସଭା ମଞ୍ଚରେ ସଭାକାର୍ଯ୍ୟ ପରିଚ଼ାଳନା କରିଥିଲେ ରାଜେନ୍ଦ୍ର ବିଶୋଇ, କାଳୁଚ଼ରଣ ପାଢି, ଏ ଦୀପକ ବେହେରା, ନଟବର ସାହୁ ଓ ଅନ୍ୟମାନେ । ୧୬ଟି କ୍ଲଷ୍ଟରୁ ଶତାଧିକ ସ୍କୁଲ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତା ସଂଗୀତ, ପୋଶୋଣ, ଚ଼ିତ୍ରାଙ୍କନ, ତର୍କ ଭାଷଣ, ରଚ଼ନା, ସବୁ ଏରିୟା ସମେତ ଅନ୍ୟାନ୍ୟ ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ମା'ତାରିଣୀଙ୍କ ବାର୍ଷିକ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ମାହାଙ୍ଗା:୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତ ହଂସଦିଆ ଗ୍ରାମରେ ପ୍ରତିଷ୍ଠିତ ମା'ତାରିଣୀଙ୍କ ୧୩ତମ ବାର୍ଷିକ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗୋପୂଜା, ସୂର୍ଯ୍ୟପୂଜା ଓ ହୋମ ଯଜ୍ଞ ଆଦି କାର୍ଯ୍ୟକ୍ରମ ଯଥାରିତି ଅନୁଯାୟୀ ହୋଇଥିବାବେଳେ କର୍ତ୍ତାଭାବେ ବସନ୍ତ ପଣ୍ଡା, କର୍ତ୍ତୀ ଭାବେ ସୁନନ୍ଦା ପଣ୍ଡା ପୂଜା କାର୍ଯ୍ୟରେ ବସିଥିବାବେଳେ ବରିଷ୍ଠ ପଣ୍ଡିତ ଲିଙ୍ଗରାଜ କର, ଅକ୍ଷୟ କୁମାର ପତି ମହେନ୍ଦ୍ର ପଣ୍ଡା ପୂଜା କାର୍ଯ୍ୟ ସଂପାଦନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱନାଥ ବାରିକ, ଶ୍ୟାମସୁନ୍ଦର ବାରିକ, ବୀରକିଶୋର ଲେଙ୍କା, ସୋମନାଥ ସାମଲ, ସଞ୍ଜୟ ପଣ୍ଡା, ରଶ୍ମିକାନ୍ତ ପଣ୍ଡା, ଜଗନ୍ନାଥ ବିଶ୍ୱାଳ, ଅମରେଶ ପଣ୍ଡା, ଅଜୟ ବିଶ୍ୱାଳଙ୍କ ସମେତ ସମସ୍ତ ଗ୍ରାମବାସୀମାନେ ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

## ଯୁଗପ୍ରବର୍ତ୍ତକ ସାହିତ୍ୟ ଓ କଳା ବାର୍ଷିକ ସମାରୋହ

**ଭୁବନେଶ୍ୱର:୩।୧୧ ଏକ୍ସପ୍ରେସ୍ ନ୍ୟୁଜ୍**




ଗଣ ସାଂସ୍କୃତିକ ମଞ୍ଚ, ଭୁବନେଶ୍ୱର ପକ୍ଷରୁ ଯୁଗପ୍ରବର୍ତ୍ତକ ସାହିତ୍ୟ ଓ କଳା ବାର୍ଷିକ ସମାରୋହ ଏବଂ ନଭେମ୍ବର ୨ରୁ ୫ ଚାରିଦିନିଆ ସମାଜଧର୍ମୀ ଚିତ୍ର ଓ ସ୍ଥାପତ୍ୟ କଳା ପ୍ରଦର୍ଶନୀକୁ ଜୟଦେବ ଭବନଠାରେ ସୁନାମଧନ୍ୟ ପ୍ରାବନ୍ଧିକ ଓ ସାହିତ୍ୟିକ ପ୍ରଫେସର ଡ଼.ନଟବର ଶତପଥି ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି । ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ଚିତ୍ରଶିଳ୍ପୀ, କଳା ଛାତ୍ରଛାତ୍ରୀ ଓ ସାହିତ୍ୟିକମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ 'ଚିତ୍ରଶିଳ୍ପୀମାନେ ସାଧାରଣ ମଣିଷର ଦୁଃଖ, ଦୈନ୍ୟ, ନିରାଶା, ଯନ୍ତ୍ରଣା ଓ ଶୋଷଣକୁ ରଙ୍ଗତୁଳୀ ମାଧ୍ୟମରେ ଜୀବନ୍ତ ଚିତ୍ର ଆଙ୍କିପାରିଲେ ଏବଂ ଏହା ସାଧାରଣ ମଣିଷ ନିକଟରେ ପହଁଚିପାରିଲେ ସାମାଜିକ ପରିବର୍ତ୍ତନ ଅବସମ୍ଭାବୀ ।' 'ସ୍ୱାଧୀନତା ସଂଗ୍ରାମ ଠାରୁ ଆରମ୍ଭ କରି କୌଣସି ବି ସାମାଜିକ ନ୍ୟାୟ ଆନ୍ଦୋଳନରେ ଚିତ୍ରଶିଳ୍ପୀମାନେ ଅଂଶଗ୍ରହଣ କରିବାର ନଜିର ନାହିଁ । ଚିତ୍ର ଦେଖି ବା ଅନୁସରଣ କରି କେହି ଉତ୍ତମ ଶିଳ୍ପୀ ହୋଇପାରିବେନାହିଁବରଂ ନିଜ ଭିତରେ ଥିବା ଅର୍ନ୍ତଦୃଷ୍ଟି ଏବଂ ଅନୁଭବ ହିଁ ଜୀବନ୍ତ ପେଂଟିଂ ସୃଷ୍ଟି କରିପାରିବ' ବୋଲି ଏହି ସମାରୋହରେ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ବିଶିଷ୍ଟ ଚିତ୍ରଶିଳ୍ପୀ ଓ ସାହିତ୍ୟିକ ଡକ୍ଟର ରମାକାନ୍ତ ସାମନ୍ତରାୟ ମତବ୍ୟକ୍ତ କରିଛନ୍ତି । ବିଶିଷ୍ଟ କବି ଓ ସ୍ତମ୍ଭକାର ତଥା ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ନିରାକାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ଉତ୍କଳ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗର ପ୍ରାକ୍ତନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ଼. ବୀରେନ୍ଦ୍ର ନାୟକ, ଭୁବନେଶ୍ୱରସ୍ଥ ଇନଷ୍ଟିଚ୍ୟୁଟ୍ ଅଫ୍ ମାଥମେଟିକ୍ ଆଣ୍ଡ ଆପ୍ଲିକେସନ୍ (ଆଇଏମ୍ଏ)ର ପ୍ରତିଷ୍ଠାତା ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ସ୍ୱାଧୀନ ପଟ୍ଟନାୟକ, ଧଉଳୀ ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଲଳିତକଳା ଏକାଡେମୀର ପ୍ରାକ୍ତନ ସଚିବ ପଞ୍ଚାନନ ସାମଲ ସମ୍ମାନିତ ଅତିଥିଭାବେ ଯୋଗଦାନ କରି କଳା, ସାହିତ୍ୟ, ସ୍ଥାପତ୍ୟ ଉପରେ ଆଲୋକପାତ କରିଥିଲେ । ଯୁଗପ୍ରବର୍ତ୍ତକର ସମ୍ପାଦକ ତଥା ଗଣ ସାଂସ୍କୃତିକ ମଞ୍ଚର ପ୍ରତିଷ୍ଠାତା ରାଜେନ୍ଦ୍ର ବର୍ମ୍ମା ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ ।

ପତ୍ରିକାର ସହ ସମ୍ପାଦିକା ଶୁଭ୍ରାଶ୍ରୀ ଦାସ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସହ ସମ୍ପାଦକ ଶ୍ରୀନିବାସ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମାରୋହରେ ବର୍ଷିଆନ୍ ଔପନ୍ୟାସିକ ଓ କଥାକାର ଅଚ୍ୟୁତାନନ୍ଦ ପତିଙ୍କ ସମ୍ମାନାର୍ଥେ 'ଯୁଗପ୍ରବର୍ତ୍ତକ କଥା ସାହିତ୍ୟ ସମ୍ମାନ' ଚିନ୍ମୟୀ ବାରିକଙ୍କୁ ପ୍ରଦାନ କରାଯାଇଥିଲା । 'ମଣିଷ ପାଇଁ ଛବିଟିଏ' ଶୀର୍ଷକ ଏହି ସମାଜଧର୍ମୀ ଚିତ୍ର ଓ ସ୍ଥାପତ୍ୟ କଳା ପ୍ରଦର୍ଶନୀ ଜୟଦେବ ଭବନ ଆର୍ଟ ଗ୍ୟାଲେରୀରେ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସମ୍ପାଦକ ଶ୍ରୀ ବର୍ମା କହିଛନ୍ତି । ଅତିଥିମାନେ 'ଯୁଗପ୍ରବର୍ତ୍ତକ'ର ଶରତ ସ୍ୱତନ୍ତ୍ର ସଂଖ୍ୟାକୁ ଉନ୍ମୋଚନ କରିଥିଲେ ।


**AFFIDAVIT**

I, Sudhamaya Malika, S/o- Late: Parsuram malik, permanent resident of Vill/Po : Kasananta, Ward No -6 Ps: Pattamundai, Dist: Kendrapara, Odisha-754215 do hereby solemnly affirm and declare by this Affidavit No.94 dtd.29/10/2025 that now onwards I shall be known as Sudhamaya Malik for all future purpose.

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୪ ନଭେମ୍ବର ୨୦୨୫ ● ମଙ୍ଗଳବାର


## ହବିଷ୍ୟାଳୀଙ୍କ ରାଇ ଦାମୋଦର ପୂଜା



**ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ସନାତନ ସଂସ୍କୃତିରେ କାର୍ତ୍ତିକ ହେଉଛି ଶ୍ରେଷ୍ଠ ମାସ। ଏହି କାର୍ତ୍ତିକ ମାସରେ ଅନେକ ଗୁରୁତ୍ୱପୂର୍ଣ୍ଣ ପର୍ବପର୍ବାଣି ପାଳିତ ହୁଏ। ସେଥିମଧ୍ୟରୁ ପଞ୍ଚୁକ ହେଉଛି ଅନ୍ୟତମ। ଏହି ମାସର ଶେଷ ୫ଦିନକୁ ଭୀଷ୍ମ ପଞ୍ଚକ, ବକ ପଞ୍ଚକ, ବା ମହା ପଞ୍ଚକ କୁହାଯାଏ। ଏବେ ଆରମ୍ଭ ହୋଇସାରିଛି ପଞ୍ଚୁକ। ବିଶେଷକରି ହବିଷ୍ୟାଳୀଙ୍କ ପାଇଁ ଏହି ପଞ୍ଚୁକ ଅତି ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ପଞ୍ଚୁକ ପାଇଁ ଯାଜପୁର ଜଗନ୍ନାଥ ମନ୍ଦିର ପରିସର ହୋଇ ଉଠିଛି ଚଳଚଞ୍ଚଳ। ଜିଲାର ବିଭିନ୍ନ ସ୍ଥାନରୁ ପାଖାପାଖି ୧୫୦ରୁ ଉର୍ଦ୍ଧ୍ୱ ହବିଷ୍ୟାଳୀମାନେ ଜଗନ୍ନାଥ ମନ୍ଦିର ପରିସରରେ ନିର୍ମାଣ ହୋଇଥିବା ଅସ୍ଥାୟୀ ଶିବିରରେ ସାତ ଦିନ ପର୍ଯ୍ୟନ୍ତ ରହି ପୂଜାର୍ଚ୍ଚନା କରୁଛନ୍ତି। ପ୍ରତ୍ୟୁଷରୁ ହବିଷ୍ୟାଳୀମାନେ ବୈତରଣୀ ନଦୀରେ ସ୍ନାନ ସାରି ନଦୀ କୂଳରେ ବାଲୁଙ୍କା ପୂଜା କରି ସାରିବା ପରେ ମନ୍ଦିର ପରିସରରେ ରାଇ ଦାମୋଦରଙ୍କ ପୂଜା କରିଥାନ୍ତି। ପୂଜା ସମୟରେ ହବିଷ୍ୟାଳୀମାନେ ଭଗବାନ ଶ୍ରୀକୃଷ୍ଣଙ୍କ ନାମ ସଂକୀର୍ତ୍ତନ ଓ ଭଜନ ଗାଇ ଭଗବାନଙ୍କୁ ସମର୍ପଣ କରିଥାନ୍ତି। ରାଇ ଦାମୋଦରଙ୍କ ପୂଜା ସମୟରେ ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହେଉଛି ଜଗନ୍ନାଥ ମନ୍ଦିର ପରିସର। ପ୍ରତ୍ୟୁଷରୁ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଛି। ହବିଷ୍ୟାଳୀମାନେ ରାଇ ଦାମୋଦରଙ୍କୁ ପୂଜା କରିସାରିବା ପରେ ନିଜକୁ କୃଷ୍ଣ ଓ ରାଧା ବେଶରେ ସଜ୍ଜିତ କରି ବିଭିନ୍ନ ଭଜନ କୀର୍ତ୍ତନ ଗାଇ ଜଗନ୍ନାଥ ମନ୍ଦିର ପରିକ୍ରମା କରିବାର ଦେଖିବାକୁ ମିଳିଛି। ସନ୍ଧ୍ୟା ସମୟରେ ଆକାଶ ଦୀପ ଉଠିବା ପରେ ଗୀତା ଜାଗରଣ ପରିଷଦ ପକ୍ଷରୁ ବିଭିନ୍ନ ଆଧ୍ୟାତ୍ମିକ ପ୍ରବଚନ, ଭଜନ ପରିବେଶଣ ହେଉଛି। ଏହିପରି ଭାବେ ହବିଷ୍ୟାଳୀମାନେ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ରାଇ ଦାମୋଦରଙ୍କୁ ପୂଜା କରି ଭଗବାନ ଶ୍ରୀକୃଷ୍ଣଙ୍କ ପାଖରେ ନିଜକୁ ସମର୍ପଣ କରିଥାନ୍ତି।

## ନିମ୍ନମାନର ରାସ୍ତା ନିର୍ମାଣକୁ ବନ୍ଦ କଲେ ଗ୍ରାମବାସୀ

**କଳିଙ୍ଗନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ଜଗନ୍ନାଥପୁର ଠାରୁ ନଡ଼ିଆଭଙ୍ଗା ଭାୟା ଛତରା, ରଙ୍ଗୁଣ୍ଡି, କବଲ୍ୟାଗାଡ଼ିଆ, ଦକ୍ଷିଣପଶି ଯାଏଁ ମୋଟ ୫.୯୨୩ କି.ମି. ରାସ୍ତା ନିମ୍ନମାନର ନିର୍ମାଣ ଓ ରକ୍ଷଣାବେକ୍ଷଣକୁ ନେଇ ଗଭୀର ଅଭିଯୋଗ ଉଠିଛି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଅଧୀନରେ ଏହି ପ୍ରକଳ୍ପରେ ୩ କୋଟି ୭ ଲକ୍ଷ ୨୨ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା। ଏହାର ରକ୍ଷଣାବେକ୍ଷଣ ସମୟ ୧୭ ନଭେମ୍ବର ୨୦୨୩ ଠାରୁ ୧୬ ନଭେମ୍ବର ୨୦୨୮ ପର୍ଯ୍ୟନ୍ତ (୫ ବର୍ଷ) ରଖାଯାଇଛି। ଠିକାଦାର ହେଉଛନ୍ତି ମେସର୍ସ ସାଇ କୃଷ୍ଣ କନ୍‌ଷ୍ଟ୍ରକ୍ସନ୍ ଏବଂ ନିର୍ବାହୀ ଅଧିକାରୀ ଓ ଅଧିକ୍ଷଣ ଯନ୍ତ୍ରୀ ଗ୍ରାମନିର୍ମାଣ ବିଭାଗ, ଯାଜପୁର। ପ୍ରକଳ୍ପକୁ ଭାରତ ସରକାରର ଗ୍ରାମ ଉନ୍ନୟନ ମନ୍ତ୍ରାଳୟ ଓ ଓଡିଶା ସରକାର ସହାୟତା ପ୍ରଦାନ କରିଥିଲେ। ରାସ୍ତାର ମୋଟ ୧.୩୧୮ କି.ମି. ପକାରାସ୍ତା ଓ ୪.୬୦୫ କି.ମି. କାଚା ରାସ୍ତା ରହିଥିଲା। ଅନୁମୋଦନ ଅନୁସାରେ ରାସ୍ତାର ଚୌଡ଼ା ୩.୭୫ ମିଟର ରଖିବା ଥିଲେ ମଧ୍ୟ ଏହା ପାଳନ ହୋଇନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଛତରା ଠାରୁ ରାଣାଗୁଣ୍ଡି ମହାନ୍ତସାହି ଯାଏଁ ରାସ୍ତାର ପିଚୁ ଉଠିଯାଇଥିବା ଓ ତାହା ନେଇ ୨୫ ଫେବ୍ରୁଆରୀ ୨୦୨୫ରେ ଗ୍ରାମବାସୀ ଅଭିଯୋଗ ଦେଇଥିଲେ। ଗଣମାଧ୍ୟମ ମାଧ୍ୟମରେ ଖବର ପ୍ରକାଶ ହେବା ପରେ ବିଭାଗୀୟ ଅଧିକାରୀ ଓ ଠିକାଦାର ସ୍ଥଳ ପରିଦର୍ଶନ କଲେ ମଧ୍ୟ ଯଥାପ୍ରକାର ମରାମତି ହୋଇନଥିଲା। ଅଭିଯୋଗ ଅନୁସାରେ, ୨୩-୨୪ ଆର୍ଥିକ ବର୍ଷରେ ୩.୫୮ ଲକ୍ଷ, ୨୪-୨୫ରେ ୪.୩୦ ଲକ୍ଷ ଓ ୨୫-୨୬ରେ ୫.୦୨ ଲକ୍ଷ ଟଙ୍କା ମରାମତି ବାବଦରେ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଅସାଧୁ ମେଣ୍ଟ କରି ନିମ୍ନମାନର କାର୍ଯ୍ୟ କରି ଟଙ୍କା ଚଳୁକରି ନେଇଥବା ଚର୍ଚ୍ଚା ଚାଲିଛି।



ରାସ୍ତାର ଦକ୍ଷିଣ ପଶି ପାଖରେ ପକାଯାଇଥିବା ଫେବାର ବ୍ଲକ ଭାଙ୍ଗିଯିବା ସହିତ ଗାଡ଼ ୱାଲ ମଧ୍ୟ ଅତ୍ୟନ୍ତ ନିମ୍ନ ମାନରେ ନିର୍ମାଣ ହୋଇଥିବା ଅଭିଯୋଗ ହୋଇଛି। ଗୋଡ଼ି, ବାଲି, ଚିପ୍ସ ଓ ସିମେଣ୍ଟ ଭାଗ ମାପ ଅନୁସାରେ ନହୋଇ ସିମେଣ୍ଟ, ଚିପ୍ସ ମାତ୍ରା କାମ ହେଉଥିବା ଅଭିଯୋଗ ଗ୍ରାମବାସୀ କରିଛନ୍ତି। ନିମ୍ନମାନର ନିର୍ମାଣ ନେଇ ରାଣାଗୁଣ୍ଡି ମହାନ୍ତସାହି ଗ୍ରାମବାସୀମାନେ ରାସ୍ତା କାମ ବନ୍ଦ କରି ସୁକିନ୍ଦା ବିଧାୟକ ତଥା ରାଜ୍ୟ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀ ଅସନ୍ତୁଷ୍ଟି ସହ କାମ ରୋକି ଠିକାଦାରଙ୍କ ମିକ୍ସଚର ଫେରାଇ ଦେଇଛନ୍ତି। କାର୍ଯ୍ୟ ସମୟରେ ବିଭାଗୀୟ ଜୁନିୟର ଇଞ୍ଜିନିଅର ଓ ଅଧିକାରୀ ଉପସ୍ଥିତ ନ ରହିବା ନେଇ ଅଭିଯୋଗ ହୋଇଛି। ଏହାର ସୁଯୋଗ ନେଇ ଠିକାଦାର ମନମାନି କାମ କରୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହା ସହିତ ଅର୍ଥ ଅପଚୟ ଓ ଅସାଧୁ ଟଙ୍କା ଲେନଦେନ ହୋଇଥିବା ଚର୍ଚ୍ଚା ଗାଁରେ ଚାଲିଛି। ଗ୍ରାମବାସୀମାନେ ଦାବି କରିଛନ୍ତି ଯେ ବିଭାଗୀୟ ମନ୍ତ୍ରୀ ନିଜେ ଏହା ଉପରେ ତଦନ୍ତ ନେଇ ଦୋଷୀ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। ନହେଲେ ଆଗାମୀ ଦିନରେ ଅଞ୍ଚଳବାସୀ ଆନ୍ଦୋଳନକୁ ଏଡାଇ ଦିଆଯାଇ ନପାରେ।

## ୧୦୩ ଗ୍ରାମର ବ୍ରାଉନସୁଗାର ଜବତ: ଜଣେ ଗିରଫ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ରାଉନସୁଗାର ବେପାର କରିବା ଅଭିଯୋଗରେ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗର ସ୍କ୍ୱାର୍ଡ଼ ସୋମବାର ଚୌଦ୍ୱାର ଥାନା ଅନ୍ତର୍ଗତ ଗାନ୍ଧୀଛକଠାରେ ଚଢ଼ାଉ କରି ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜଗତପୁର ଥାନା ଅନ୍ତର୍ଗତ ଖରଡ଼ା ସାହି ଗ୍ରାମର ବିଶାଳ ଜେନା (୨୫)। ଗିରଫ ଅଭିଯୁକ୍ତ ନିକଟରୁ ୧୦୩ ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଛି। ଜବତ ହୋଇଥିବା ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଚଢ଼ାଉରେ ଅବକାରୀ ଏସଆଇ ଦିବ୍ୟଜ୍ୟୋତି ସତ୍ୟପ୍ରକାଶ, ଏଏସଆଇ କିଶୋର ଚନ୍ଦ୍ର ରାଉତ, କନେଷ୍ଟବଳ କିଶନ ସାବୁତ, ଲକ୍ଷ୍ମୀଧର ଖୁଣ୍ଟିଆ, ଦୀପକ ସାହୁ ଓ ସୌରଜିତ ନାଥ ପ୍ରମୁଖ ସାମିଲ ଥିଲେ। ଗିରଫ ଅଭିଯୁକ୍ତ ବିଶାଳକୁ କୋର୍ଟ ଚାଲାଣ କରାଯାଇଛି।



## ଏସ୍‌ପିଏସ୍ କ୍ୟାମ୍ପସ-୨ର ଓରିଏନ୍‌ଟେସନ୍ କାର୍ଯ୍ୟକ୍ରମ 'ପ୍ରାରମ୍ଭ-ଦ ବିଗିନିଂ'

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍ କ୍ୟାମ୍ପସ -୨ ଫୁଲନଖରାରେ ସୋମବାର ୨୦୨୫-୨୬ ପ୍ରଥମ ବ୍ୟାଚର ନୂତନ ବି ଫାର୍ମା ଛାତ୍ରଛାତ୍ରୀଙ୍କର ଓରିଏନ୍‌ଟେସନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଆର୍‌ଏନ୍‌ଡି ଲାବୋରେଟୋରୀସ୍ ପ୍ରାଇଭେଟ ଲିମିଟେଡ୍‌ର ନିର୍ଦ୍ଦେଶକ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବେନ୍ଦ୍ର ନାଥ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଫାର୍ମାସୀ ଏକ ମହାନ ବୃତି ବୋଲି କହିଥିଲେ। ଜଣେ ଫାର୍ମାସିଷ୍ଟ ସ୍ୱାସ୍ଥ୍ୟ ସେବା ସହ ସମାଜର ହିତ ସାଧନ କ୍ଷେତ୍ରରେ କାର୍ଯ୍ୟ କରିଥାଏ ବୋଲି କହିବା ସହ ବର୍ତ୍ତମାନ ସମୟରେ ଫାର୍ମାସୀ ଭଳି ବୃତିଗତ ଶିକ୍ଷାର ବେଶ ଚାହିଦା ଥିବାରୁ ଛାତ୍ରଛାତ୍ରୀ ଫାର୍ମାସୀ ପାଠ୍ୟକ୍ରମ ପ୍ରତି ଅଧିକ ମାତ୍ରା ଆଗ୍ରହ ଦେଖାଉଛନ୍ତି ବୋଲି ଶ୍ରୀ ଦାସ କହିଥିଲେ।



କୋଭିଡ ସମୟରେ ଫାର୍ମାସିଷ୍ଟମାନେ ଯୋଦ୍ଧା ଭାବେ କାର୍ଯ୍ୟ କରିଥିଲେ। କଠିନ ପରିଶ୍ରମ, ସମୟାନୁବର୍ତ୍ତୀତା, ନୈତିକତା ଓ ମୂଲ୍ୟବୋଧ ଛାତ୍ରଛାତ୍ରୀଙ୍କ ଠାରେ ରହିବା ଉଚିତ୍ ବୋଲି ସେ ପରାମର୍ଶ ଦେଇଥିଲେ। ସେହିପରି ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ଦେଶର ଶ୍ରେଷ୍ଠ ୧୫ତମ ବିଶ୍ୱବିଦ୍ୟାଳୟ ଭାବେ ପରିଚିତ ସୋଆକୁ ଅଧ୍ୟୟନ କରିବାକୁ ଚୟନ କରିଥିବା ଫାର୍ମାସୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ଏହି ଅବସରରେ ଆଇଏମ୍‌ଏସ୍ ଆଣ୍ଡ ସମ ହସ୍ପିଟାଲ୍-୨ର ଡିନ୍ ପ୍ରଫେସର (ଡାକ୍ତର) ଅରକ୍ଷିତ ସ୍ୱାଇଁ, ଏସପିଏସ୍ -୧ ଏବଂ ଏସ୍‌ପିଏସ୍-୨ର ଉପଦେଷ୍ଟା ପ୍ରଫେସର (ଡକ୍ଟର) ସୁଦାମ ଚରଣ ସି, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଉପସ୍ଥିତ ରହି ନୂତନ ବର୍ଷର ଛାତ୍ରଛାତ୍ରୀଙ୍କ ଅଭିନନ୍ଦନ ଜଣାଇବା ସହ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଫାର୍ମାସୀ-୨ର ଡିନ୍ ପ୍ରଫେସର ଦୁର୍ଗାମାଧବ କର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଫେସର (ଡକ୍ଟର) ଲକ୍ଷ୍ମୀଧର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଫାର୍ମାସୀ ପାଠ୍ୟକ୍ରମ ଓ ସୋଆ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଏସ୍‌ପିଏସ୍-୨ର ଆସିଷ୍ଟାଂଟ ପ୍ରଫେସର ମୋନାଲିସା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଲେଖ ବାବାଙ୍କ ନଗର ପରିକ୍ରମା



**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ସଦର ଥାନା ଅନ୍ତର୍ଗତ ଅରଡିଆପଦା ଗ୍ରାମର ଅଲେଖ ବାବାଙ୍କ ମଠରେ ପ୍ରତିବର୍ଷ ଭଳି ଚଳିତ ପଞ୍ଚୁକ ଅଖଣ୍ଡ ଦୀପ ଜାଳି ବାବାମାନଙ୍କର ନାମ ଓ କୀର୍ତ୍ତନ ଜାରି ରହି ସକାଳୁ ସକାଳୁ ଅରଡିଆପଦା ଗ୍ରାମର ପ୍ରତ୍ୟେକ ଘରକୁ ଘର ଅଖଣ୍ଡ ଦୀପ ଧରି ହରିବୋଲ ଓ ହୁଳହୁଳି ଧ୍ୱନିରେ ନଗର କୀର୍ତ୍ତନ ପରିକ୍ରମା କରି ଶେଷରେ ମଠକୁ ବାହୁଡ଼ି ଯାଇଛନ୍ତି। ତତ୍‌ପରେ ସମସ୍ତ ବାବା, ମାତା ଓ ଶ୍ରଦ୍ଧାଳୁ ଢେଙ୍କାନାଳ ସ୍ଥିତ ଅଲେଖ ବାବାଙ୍କ ପ୍ରସିଦ୍ଧ ମଠ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗ୍ରାମ ତଥା ଆଖପାଖ ଅଞ୍ଚଳରେ ବେଶ୍ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇ ଥିବା ପରିଲକ୍ଷିତ ହୋଇଥିଲା।

## ଅଧିକାରୀମାନେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରନ୍ତୁ: ଜିଲ୍ଲାପାଳ

**ଖୋର୍ଦ୍ଧା:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ପୂର୍ବାହ୍ନରେ ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଋତୁରାଜ କହିଲେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାଦ୍ୱାରା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାର ସୁଫଳ ହିତାଧିକାରୀ ମାନଙ୍କୁ ବହୁ ମାତ୍ରାରେ ଉପଲବ୍ଧ ହେଉଛି। ଏଣୁ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ତଥା ପଂଚାୟତ ବା ପଲ୍ଲୀରେ ପ୍ରଶାସନିକ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମକୁ ଅଧିକାରୀମାନେ ତ୍ୱରାନ୍ୱିତ କରି ନିଷ୍ପାପର ସେବା ପ୍ରଦାନ କଲେ ଖୋର୍ଦ୍ଧା ଜିଲ୍ଲା ବିକାଶ ପଥରେ ଆଗେଇ ଯିବ ବୋଲି ପ୍ରକାଶ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମତେ ବ୍ଲକ୍ ଓ ପଞ୍ଚାୟତମାନଙ୍କରେ ଜନଶୁଣାଣି ଶିବିରରେ ପ୍ରତ୍ୟେକ ଯୋଜନାର ହିତାଧିକାରୀମାନଙ୍କୁ ଯଥା ସୁକନ୍ୟା ସମୃଦ୍ଧି ଯୋଜନା ଠାରୁ ନେଇ, ସ୍ୱାସ୍ଥ୍ୟ, ପଶୁ ସମ୍ପଦ, କୃଷି ଓ ଆନୁସଙ୍ଗିକ କୃଷି, ଓଡ଼ିଶା ଜୀବିକା ମିଶନ୍, ପ୍ରଧାନ ମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ଆୟୁଷ୍ମାନ ଭାରତ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଅଟଳ ପେନସନ ଯୋଜନା, ବସୁନ୍ଧରା, ରାଜସ୍ୱ ବିଭାଗ ଅଧୀନ ବିଭିନ୍ନ ସାର୍ଟିଫିକେଟ, ପ୍ରତ୍ୟେକ ପଂଚାୟତ ଓ ଗ୍ରାମ୍ୟ ସ୍ତରୀୟ କାର୍ଯ୍ୟାଳୟ ଗୃହ ନିର୍ମାଣ ଜମି ସମସ୍ୟା, ଦକ୍ଷତା ବିକାଶ, ମତ୍ସ୍ୟ ଚାଷ, ଅଣୁ କ୍ଷୁଦ୍ର ମଧ୍ୟମ ଶିଳ୍ପ ଉଦ୍ୟୋଗ, ସୁକ୍ଷମ ବଣ୍ଟନ, ଶିଶୁ ଓ ମାତୃ ଯତ୍ନ, ଭିଏଚ୍‌ଏନ୍ ଡି ଯୋଜନା, ପିଏମ ସୂର୍ଯ୍ୟ ଘର, ମାଟି ସ୍ୱାସ୍ଥ୍ୟ କାର୍ଡ, ପିଏମ କିଶାନ ଓ ସିଏମ କିଶାନ୍ ଯୋଜନା, ପ୍ରଧାନ ମନ୍ତ୍ରୀ ମୁଦ୍ରା ଓ ପ୍ରଧାନ ମନ୍ତ୍ରୀ ବିଶ୍ୱକର୍ମା ଯୋଜନା, ରେଡ୍ କ୍ରସ ଓ ମୁଖ୍ୟ ମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ଆଦି ଅଗ୍ରଣୀ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ସିଧା ପଲ୍ଲୀ ବାସିନ୍ଦାର ପ୍ରକୃତ ହିତାଧିକାରୀମାନଙ୍କୁ ଯୋଗାଇ ଦେବାପାଇଁ ଜିଲ୍ଲା ପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ଅଧିକାରୀମାନେ ଜନସାଧାରଣଙ୍କ ନିକଟତର ହୋଇ ସେମାନଙ୍କ ସମସ୍ୟା,



ଆପତ୍ତି ଏବଂ ଅଭିଯୋଗଗୁଡ଼ିକର ସରକାର ଓ ପ୍ରଶାସନର ନୀୟମାନୁସାରେ ସମାଧାନ କରି ଜନସାଧାରଣଙ୍କ ଆସ୍ଥା ଭାଜନ ହେବାକୁ ଜିଲ୍ଲାପାଳ ଶ୍ରୀ ଋତୁରାଜ ଗୁରୁତ୍ୱାରୋପ କରିଥିଲେ। ଆଜିର ଅଭିଯୋଗ ଶୁଣାଣିରେ ମୋଟ ୧୫୯ ଗୋଟି ଅଭିଯୋଗ ଆସିଥିବା ବେଳେ, ବ୍ୟକ୍ତି ଗତ ୧୫୫ ଗୋଟି ଓ ଗ୍ରାମୀଣ ସମସ୍ୟା ଜନିତ ୪ଟି ଅଭିଯୋଗ ଥିଲା। ଜିଲ୍ଲାପାଳ ଅଭିଯୋଗ ସ୍ଥଳରେ ୧୦ଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ। ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ପାଠପଢ଼ା ନିମନ୍ତେ ଲିଲି ବାହାଦୁର, ଗ୍ରାମ ଚକେଇସିଆଣିଙ୍କୁ ୧୦ ହଜାର ଟଙ୍କା ଏବଂ ଚିଲିକା ବ୍ଲକ ଅଧୀନ ପିଙ୍କି ଜେନା, ଗ୍ରାମ ଆଙ୍କୁଲାଙ୍କୁ ଆତ୍ମ ନିର୍ଭରଶୀଳ ନିମନ୍ତେ ଜେରକ୍ସ ମେସିନ ପାଇଁ ୧୫ ହଜାର ଟଙ୍କା ଏବଂ ଚନ୍ଦ୍ର ଶେଖର ପଟ୍ଟନାୟକ, ଗ୍ରାମ ଓରଡ, ଟାଙ୍ଗୀଙ୍କୁ ଚିକିତ୍ସା ନିମନ୍ତେ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ପ୍ରତାପ ଚନ୍ଦ୍ର ବେଉରା, ଉପ ଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶ୍ରୀମତୀ କସ୍ତୁରୀ ବାଳା ଜେନା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନାଦି ଚରଣ ସେଠ, ଜିଲ୍ଲାମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଡେପୁଟୀ କଲେକ୍ଟର, ଜରୁରୀ ଶ୍ରୀତପା ମିଶ୍ର ପ୍ରମୁଖ ଜନ ଅଭିଯୋଗ ଶୁଣାଣିରେ ସହଯୋଗ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଦର ବିଡିଓ ଶ୍ରୀମତୀ କ୍ଷୀରାବ୍ଧି ତନୟା ସାହୁ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରିୟ ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ଡ଼ଃ ଗୀତାଂଶୁ ଦାଶ, ସହକାରୀ ଜିଲ୍ଲାପାଳ, ଅଭିଯୋଗ ଭୁବନେଶ୍ୱରୀ କଅଁରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଲାଇନ ଡିପାର୍ଟମେଣ୍ଟ ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀମାନେ ଯୋଗ ଦେଇଥିଲେ।

## ସଚେତନତା ସୃଷ୍ଟି କରୁଛି ସାଇବର ରଥ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟରେ ସାଇବର ସୁରକ୍ଷା ସଂପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଓଡ଼ିଶା ପୋଲିସର ୧୬ଟି ସାଇବର ରଥ ନିୟମିତ ଭାବେ ରାଜ୍ୟର ବିଭିନ୍ନ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପରିକ୍ରମା କରୁଛି। ଏହି ରଥରେ ଖଚିତ ଏଲଇଡ଼ି ପ୍ୟାନେଲରେ ପ୍ରଦର୍ଶିତ ହେଉଥିବା ଭିଡ଼ିଓ ବାର୍ତ୍ତାକୁ ଜନସାଧାରଣ ବିଶେଷ କରି ଛାତ୍ରଛାତ୍ରୀମାନଙ୍କୁ ଆକର୍ଷିତ କରୁଛି। ଏହା ସହ ସେମାନଙ୍କ ମନରେ ସାଇବର ସୁରକ୍ଷା ପ୍ରତି ସଚେତନତା ବୃଦ୍ଧି ପାଉଛି। ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଜିଲ୍ଲାରେ ଅନୁଷ୍ଠିତ ହୋଇଥିବା ରାଲି, ସେମିନାର, କର୍ମଶାଳା ଓ ସାଧାରଣ ସଭା କାର୍ଯ୍ୟକ୍ରମରେ ୧୩ ଲକ୍ଷ୍ୟରୁ ଅଧିକ ସାଧାରଣ ନାଗରିକ ସକ୍ରିୟ ଭାବେ ଅଂଶଗ୍ରହଣ କରି ସାଇବର ସୁରକ୍ଷା କ୍ଷେତ୍ରରେ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବାରେ ସହାୟକ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ୧୮ ଅକ୍ଟୋବର ୨୦୨୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭୁବନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମରେ ଏହି ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ଏଥିରେ ୧୬ଟି ସାଇବର ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା। ଏହି ଅଭିଯାନରେ ଓଡ଼ିଶାର ୩୩ଟି ପୋଲିସ ଜିଲ୍ଲା ସକ୍ରିୟ ଭାବେ ସାମିଲ ହୋଇ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ବିଭିନ୍ନ ଜିଲ୍ଲା ମାନଙ୍କରେ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ସର୍ବସାଧାରଣ ସ୍ଥାନରେ ସଚେତନତା କର୍ମଶାଳା ଆୟୋଜନ କରାଯାଉଛି। ଏଥିସହିତ ସାଇବର ସଚେତନତା ସମ୍ବଳିତ ପାମ୍ପଲେଟ ବଂଟନ କରାଯାଉଛି। ଏହାଛଡ଼ା ଏଲଇଡ଼ି ପ୍ୟାନେଲ ମାଧ୍ୟମରେ ସାଇବର ସୁରକ୍ଷା ସଂପର୍କିତ ଭିଡ଼ିଓ ପ୍ରଦର୍ଶିତ ହେଉଛି। ବିଭିନ୍ନ ଜିଲ୍ଲା ପୋଲିସ ତରଫରୁ ସଚେତନତା ପ୍ରସାର ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ଅବସରରେ ବିତର୍କ, କୁଇଜ ଓ ରିଲ ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏହା ସହିତ ସର୍ବସାଧାରଣ ସ୍ଥାନରେ ପଥପ୍ରାନ୍ତ ନାଟକ ମଂଚସ୍ଥ କରାଯାଉଛି। ଏହା ବ୍ୟତୀତ ଅନଲାଇନ ମାଧ୍ୟମରେ ସେକ୍ସଟର୍ସନ ସଂକ୍ରାନ୍ତୀୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଭିଡ଼ିଓ ବ୍ୟାପକ ଭାବରେ ପ୍ରଚାର ପ୍ରସାର କରାଯାଇ ସଚେତନତାର ବାର୍ତ୍ତା ଦିଆଯାଉଛି। ସ୍ଥାନୀୟ କଳାକାରଙ୍କ ସହଯୋଗରେ ଷ୍ଟାଣ୍ଡାପ କମେଡ଼ି, ପଥପ୍ରାନ୍ତ ନାଟକ ଆଦି ଆୟୋଜନ କରାଯାଉଛି। ଏହି ସାଇବର ସୁରକ୍ଷା ଅଭିଯାନରେ ସାଧାରଣ ନାଗରିକ ସାମିଲ ହୋଇ ସାଇବର ସୁରକ୍ଷା ସଂପର୍କିତ କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବା ସହ ପୋଲିସର ଭୂମିକାକୁ ପ୍ରଶଂସା କରିଥିଲେ।

## ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି

**କେନ୍ଦୁଝର:ଏକ୍ସପ୍ରେସ୍ ନ୍ୟୁଜ୍**

ଜିଲ୍ଲାପାଳ ବିଶାଲ ସିଂହଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାରହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ୍ ୨୦୭ ଅଭିଯୋଗ ଗ୍ରହଣ କରାଯାଇଥିଲା। ସମୁଦାୟ ଅଭିଯୋଗ ମଧ୍ୟରୁ ୨୨ ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟା ମୂଳକ ହୋଇଥିବାବେଳେ ୧୮୫ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା। ସେଥିମଧ୍ୟରୁ ୨୯ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ସହାୟତା ପାଇଁ ୧୦ ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଏହି ଶୁଣାଣିରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନରାଜ ଏଚ.ଡି, ଜିଲ୍ଲା ଖଣିଜ ପ୍ରତିଷ୍ଠାନ କେନ୍ଦୁଝରର ମୁଖ୍ୟ ନିର୍ବାହୀ ଅଧିକାରୀ ରୀନା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ଓ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିନୋଦ ବିହାରୀ ମିଶ୍ର, ଏବଂ ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗଦେଇଥିଲେ।

## ଶ୍ରୀଜଗନ୍ନାଥଜୀଉଙ୍କ ଗଜ ଉଦ୍ଧାରଣ ବେଶ



**ଖଣ୍ଡପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

କାର୍ତ୍ତିକ ମାସ ଦ୍ୱାଦଶୀ ତିଥିରେ ଖଣ୍ଡପଡ଼ା ସହରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଗଜ ଉଦ୍ଧାରଣ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ମହାପ୍ରଭୁଙ୍କର ଏହି ମନୋଲୋଭା ବେଶ ଦର୍ଶନ ନିମନ୍ତେ ସଂଧ୍ୟା ଆଳତି ସମୟରେ ମନ୍ଦିର ପରିସରରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଅପରାହ୍ନରେ ମହାପ୍ରଭୁଙ୍କର ନୀତିକାନ୍ତି ଶେଷ ହେବା ପରେ ମନ୍ଦିରର ପୂଜକମାନେ ମହାପ୍ରଭୁଙ୍କୁ ଗଜ ଉଦ୍ଧାରଣ ବେଶରେ ସଜ୍ଜିତ କରିଥିଲେ। ଶ୍ରୀଜଗନ୍ନାଥଜୀଉଙ୍କ ଦର୍ଶନ ନିମନ୍ତେ ମନ୍ଦିର ପରିସରରେ ରାତି ୧୦ ଟା ପର୍ଯ୍ୟନ୍ତ ଜନସାଧାରଣଙ୍କ ଭିଡ ପରିଲକ୍ଷିତ ହୋଇଥିଲା।

## ମିଥ୍ୟା ଶପଥ ପାଠ ପାଇଁ ମନ୍ତ୍ରୀଙ୍କ ବିଧାୟକ ପଦ ରଦ୍ଦ କରାଯାଉ: କଂଗ୍ରେସ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ୨୦୨୪ ରାଜ୍ୟ ବିଧାନସଭା ନିର୍ବାଚନରେ ୫୫ ନମ୍ବର ଢ଼େଙ୍କାନାଳ ବିଧାନସଭା ଆସନ ପାଇଁ କୃଷ୍ଣଚନ୍ଦ୍ର ପାତ୍ର ଭାରତୀୟ ଜନତାପାର୍ଟି ଦଳ ତରଫରୁ ପ୍ରାର୍ଥୀ ହିସାବରେ ନାମାଙ୍କନ ପତ୍ର ଦାଖଲ କରିଥିଲେ ଏବଂ ସେ ମଧ୍ୟ ସେହି ଆସନରୁ ବିଜୟୀ ହେବା ସହିତ ଓଡ଼ିଶା ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ହୋଇଛନ୍ତି।



କିନ୍ତୁ କୃଷ୍ଣଚନ୍ଦ୍ର ପାତ୍ର ତାଙ୍କ ନାମାଙ୍କନ ପତ୍ର ଦାଖଲ କଲାବେଳେ ଯେଉଁ ପାନ ନମ୍ବରଟି ଦେଇଛନ୍ତି ତାହା ହେଉଛି AKKPP3342R। ଏହି ପାନ ନମ୍ବରଟି ତାଙ୍କର ନୁହେଁ। ତାଙ୍କ ପତ୍ନୀଙ୍କ ପାନ ନମ୍ବର ଠିକ ଥିଲା ବେଳେ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପାନକାର୍ଡ ସଂପୂର୍ଣ୍ଣ ବେନାମୀ ଅଟେ। ଆୟକର ବିଭାଗର କର୍ତ୍ତୃପକ୍ଷଙ୍କ ପାଖରୁ ଏହି ପାନକାର୍ଡର ସତ୍ୟାସତ୍ୟ ବାବଦରେ ଖବର ନେବାପରେ ଜଣାପଡ଼ିଲା ଯେ ଏହି ପାନକାର୍ଡଟି ଏକ ଇନଭ୍ୟାଲିଡ ପାନ କାର୍ଡ ଅଟେ ଅର୍ଥାତ ଏହି ପାନକାର୍ଡ଼ କାହାରିକୁ ଦିଆଯାଇ ନାହିଁ ବୋଲି ନିଜେ ବିଭାଗୀୟ କର୍ତ୍ତୃପକ୍ଷ କହିଛନ୍ତି। ଜନପ୍ରତିନିଧିତ୍ୱ ଅଧି ନିୟମ ୧୯୫୧ ଧାରା ୪ଏ ଅନୁସାରେ ଜଣେ ପ୍ରାର୍ଥୀ ନାମାଙ୍କନ ଦାଖଲ କରିବା ସମୟରେ ଫର୍ମ-୨୬ ସହିତ ଏକ ସତ୍ୟପାଠ ବା ଶପଥପତ୍ର ମଧ୍ୟ ଦାଖଲ କରିଥାନ୍ତି ଏହାର ଅର୍ଥ ନିଜେ ପ୍ରାର୍ଥୀ ଶପଥ ପାଠରେ ଘୋଷଣା କରିଥାନ୍ତି ଯେ ତାଙ୍କ ଦ୍ୱାରା ଦିଆଯାଇଥିବା ସମସ୍ତ ତଥ୍ୟ ସଂପୂର୍ଣ୍ଣଭାବେ ଠିକ ଓ ନିର୍ଭୁଲ ଅଟେ। କିନ୍ତୁ ପ୍ରାର୍ଥୀପତ୍ର ଯାଞ୍ଚ ସମୟରେ ରିଟର୍ନିଂ ଅଫିସର ତାଙ୍କର ଏହି ମିଥ୍ୟା ତଥ୍ୟ ଯାହା ଦାଖଲ କରିଛନ୍ତି ତାହାକୁ ଜାଣିଶୁଣି ବା ଅଜାଣତରେ ଛାଡ଼ି ଦେଇଛନ୍ତି କି? ଫର୍ମ-୨୬ ରେ ମିଛ ତଥ୍ୟ ଦେଇଥିବା ହେତୁ ତାଙ୍କ ନାମାଙ୍କନ ପତ୍ର ଖାରଜ ହେବା ପରିବର୍ତ୍ତେ କିପରି ଯାଞ୍ଚ ପ୍ରକ୍ରିୟାରେ କାୟମ ରହିଲା ଏହାକୁ ନେଇ ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି ଏ ପ୍ରଶ୍ନକୁ ସାମ୍ବାଦିକଙ୍କ ସମ୍ମୁଖରେ ଉପସ୍ଥାପନ କରିଛନ୍ତି। ଶ୍ରୀ ମହାନ୍ତି ସାମ୍ବାଦିକ ମାନଙ୍କୁ ସମ୍ବୋର୍ଦ୍ଧିତ କରି କହିଛନ୍ତି ଯେ ଯଦି ତାଙ୍କ ନାମାଙ୍କନ ପତ୍ରରେ ଯେଉଁ ପାନ ନମ୍ବର ଦେଇଛନ୍ତି ଯଦି ତାହା ତାଙ୍କର ନୁହେଁ ତାହାଲେ ଏହା କାହାର। ଏ କଥାର ସ୍ପଷ୍ଟିକରଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରଖନ୍ତୁ। ସବୁଠାରୁ ଆଶ୍ଚର୍ଯ୍ୟର କଥା ବିଗତ ପାଞ୍ଚ ବର୍ଷର ସେ ଯେଉଁ ୫ ବର୍ଷର ଆୟକର ଦାଖଲ କରିଥିବାର ତଥ୍ୟ ପ୍ରଦାନ କରିଛନ୍ତି ତାହା କେଉଁ ପାନ ନମ୍ବର ଅନୁସାରେ ଦେଇଛନ୍ତି ଏହା ନିର୍ବାଚନ ଆୟୋଗ ଯାଞ୍ଚ କରୁ। ଜଣେ ଇନଭାଲିଡ ପାନକାର୍ଡରେ ଆୟକର ଦାଖଲ କିଭଳି କରିବେ? ଏହା ହେଉଛି ସବୁଠାରୁ ବଡ଼ ପ୍ରଶ୍ନ। ବିଧାୟକ ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦୁଇଟି ପାନକାର୍ଡ ରଖିଛନ୍ତିକି? ଯଦି ଏହା ହୋଇଥାଏ ଏହାମଧ୍ୟ ଏକ ଧର୍ତ୍ତବ୍ୟ ଅପରାଧ। ମିଛ ତଥ୍ୟ ପ୍ରଦାନ ଜନପ୍ରତିନିଧି ଆଇନ-୧୯୫୧ର ୪ଏର ସଂପୂର୍ଣ୍ଣ ଉଲ୍ଲଙ୍ଘନ। ନିର୍ବାଚନ ଆୟୋଗ ଏ ଖବର ଜାଣିଲାପରେ ସେତେବେଳର ରିଟର୍ଣ୍ଣିଂ ଅଫିସରଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବେକି ବୋଲି ସେ ପ୍ରଶ୍ନ କରିଛନ୍ତି। ଶ୍ରୀ ମହାନ୍ତି ସାମ୍ବାଦିକ ମାନଙ୍କୁ କହିଛନ୍ତି ଯେ ଜନପ୍ରତିନିଧି ଆଇନ-୧୯୫୧ ଧାରା ୩୨ ଓ ୩୩ ରେ ସ୍ପଷ୍ଟ ଭାବରେ ଉଲ୍ଲେଖ ଅଛି ଯଦି ଜଣେ ବ୍ୟକ୍ତି ମିଛ ତଥ୍ୟ ଦେଇ ନାମାନଙ୍କ ପତ୍ର ଦାଖଲ କରିବା ସହିତ ନିର୍ବାଚିତ ହୋଇଛନ୍ତି ଏବଂ ତାଙ୍କ ବିରୋଧରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦିମାନେ ନିର୍ବାଚନ ଆୟୋଗ ଦ୍ୱାରା ଦିଅଯାଇଥିବା ଧାର୍ଯ୍ୟ ସମୟ ଭିତରେ ଯଦି ଅଭିଯୋଗ କରି ନାହାନ୍ତି ତାହାଲେ ମଧ୍ୟ ନିର୍ବାଚିତ ପ୍ରତିନିଧି ବିରୋଧରେ ଅପରାଧିକ ମାମଲା ଦାୟର କରାଯାଇ ତାଙ୍କୁ ଦଣ୍ଡିତ କରାଯାଇ ପାରିବ। ନିର୍ବାଚନ ଆୟୋଗ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଓ ଗଣତନ୍ତ୍ରର ସୁସ୍ଥ ପରମ୍ପରାକୁ ବଜାୟ ରଖନ୍ତୁ ବୋଲି ସେ କହିବା ସହିତ ବିଧାୟକ ତଥା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ବିଧାୟକ ପଦକୁ ତୁରନ୍ତ ରଦ୍ଦ କରାଯାଉ ବୋଲି ରାଜ୍ୟ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ନଳିନୀ କାନ୍ତ ନାୟକ ଓ ଡ. ମନିଷାଦାସ ପଟ୍ଟନାୟକ ଉପସ୍ଥିତ ଥିଲେ।


GLOBAL EXPRESSION OF INTEREST (EOI) FOR SHORTLISTING OF CONSULTING FIRM FOR PROVIDING ARCHITECTUTAL AND DESIGN SERVICES FOR THE DEVELOPMENT OF A WORLD CLASS ODIA CULTURAL CENTER TO BE KNOWN AS "ODIA ASMITA BHAVAN" AT BHUBANESAWR, ODISHA

CAD-2143

**ODISHA BRIDGE & CONSTRUCTION CORPORATION LIMITED**
**(A Government of Odisha Undertaking)**
**Global Expression of Interest (EOI)**
**Architectural & Design Services for Development of a World-Class Odia Cultural Center to be known as "Odia Asmita Bhavan" at Bhubaneswar, Odisha.**

**Letter No. 9241 EOI Identification No. 28/Tender/OBCC/2025-26 Date: 29/10/25**
**File No.- SMT-2071**

The Chief Engineer-II, OB&CC Ltd. invites Global Expression of Interest (EoI) applications from internationally reputed Consulting firms for providing Architectural & Design Services for the project **"Development of a World-Class Odia Cultural Center to be known as 'Odia Asmita Bhavan' at Bhubaneswar, Odisha".**

1. The Expression of Interest (EoI) document shall be available at the website www.tendersodisha.gov.in from 03.11.2025.
2. Last Date of Pre-bid queries receipt up to 5.00 PM of 10.11.2025 through email queries@obcc.in, chiefengineer2@obcc.in, and circle2@obcc.in.
3. The Pre-bid meeting shall be held on 11.11.2025 at 11.30 AM though VC mode. The link is: https://meet.google.com/uri-qptw-vuj
4. The Pre-bid Clarifications shall be available in e-procurement portal, Odisha on **17.11.2025.**
5. The last date of submission of EoI applications is **24.11.2025 till 4.00 PM.**
6. EoI applications shall be submitted in online mode only.
7. The Applicant must possess compatible Digital Signature Certificate (DSC) of Class-III.
8. The EOI applications submitted other than the e-procurement platform shall not be considered.
9. Date of Opening of the EoI applications is **24.11.2025 at 05.00 P.M**
10. The Authority reserves the right to terminate the short-listing process without citing any reasons thereof.

**Correspondence Address:**
**EIC-cum-Managing Director,**
Odisha Bridge & Construction Corporation Ltd.
Vikash Bhawan, Nayapalli, Bhubaneswar-751012
Contact No.- 0674-2394093, 2396309, 2390043

**Chief Engineer-II**
**OB & CC Ltd.**

ଶେଷ ପୃଷ୍ଠା

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 4th November, 2025 Tuesday | RNI Regd. No. ODIODI/2006/23033 | Postal Regd. No. : BN/169/13-15

## ପିତାଙ୍କ କୃତିତ୍ୱ




ଭଦ୍ରବ୍ୟକ୍ତି ଅଫିସରୁ ଫେରି ଘରେ ଗୋଡ଼ ଦେବା ମାତ୍ରେ ତାଙ୍କ ସ୍ତ୍ରୀ ପାଣି ଗ୍ଲାସ୍‌ଟେ ବଢ଼ାଇଦେଇ ପାଖରେ ଠିଆ ହୋଇ ରହିଲେ। ଅଳ୍ପ ଦୂରରେ ତାଙ୍କ ପୁଅ ଠିଆ ହୋଇଥାଏ। ତା'ହାତରେ ଗୋଟେ କାଗଜ। ଭଦ୍ରବ୍ୟକ୍ତି ପୁଅକୁ କହିଲେ- ଆଣିଲୁ, ଆଣିଲୁ ସେ କାଗଜ କ'ଣ ଦେଖେ ? ସେ କାଗଜ ଉପରେ ଆଖି ବୁଲାଇବା ପରେ ରାଗି ନିଆଁ ହୋଇଗଲେ।

ପୁଅକୁ ତିରସ୍କାର କରି କହିଲେ- ତୁ ଏସବୁ ନମ୍ବର ରଖିଛୁ ପରୀକ୍ଷାରେ ? ଅଙ୍କରେ ୩୫, ସାହିତ୍ୟରେ ୩୨, ସାମାଜିକ ବିଜ୍ଞାନରେ ୩୬। ତୋ ନମ୍ବର ଦେଖି ମୋ ମୁହଁ ପୋଡ଼ିଯାଉଛି। କି ଲାଭ ହେଲା ତୋ ପଛରେ ଏତେ ଟ୍ୟୁସନ ମାଷ୍ଟ୍ର ଦେଇକି ? ଛି !

ଏତେବେଳକୁ ପାଖରେ ଠିଆ ହୋଇଥିବା ସ୍ତ୍ରୀ ଦଖଲ ଦେଲେ। କହିଲେ- କିଛି ନବୁଝି ନଶୁଣି କାହିଁକି ପିଲାଟା ଉପରେ ରାଗୁଛ ?

ଏଥର ପାରା ଆହୁରି ଡିଗ୍ରୀରେ ଚଢ଼ିଗଲା। ଭଦ୍ରବ୍ୟକ୍ତି ସ୍ତ୍ରୀଙ୍କୁ ତିରସ୍କାର କଲେ। କହିଲେ- ତମରି ଯୋଗୁ ତା'ର ଆଜି ଏ ଅବସ୍ଥା। ମୁହଁ ବଢ଼ାଇବଢ଼ାଇ ତା'ର ସତ୍ୟାନାସ କରିଛ। ଏତିକି ମାର୍କ ରଖିଲେ ସେ କ'ଣ କରିବ ଜୀବନରେ ?

ସ୍ତ୍ରୀ କହିଲେ କାହିଁକି ଅଯଥାରେ ରାଗୁଛ କହିଲ ? ତା'ର କିଛି ଦୋଷ ନାହିଁ। ଆଜି ସକାଳେ ପୁରୁଣା ଆଲମାରୀଟି ଝାଡୁଥିଲି। ସେଥିରେ ତମର ଏହି ପ୍ରୋଗ୍ରେସ୍ ରିପୋର୍ଟଟେ ମିଳିଲା। ଏଇଟା ତମ ପରୀକ୍ଷାର କୃତିତ୍ୱ।

# ଏ ସରକାର ମିଛ ପ୍ରଚାରରେ ହିରୋ: କାମରେ ଜିରୋ

**ନୂଆପଡା,୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଏ ସକରାର କେବଳ ମିଛି ପ୍ରଚାରରେ ହିରୋ, କିନ୍ତୁ କାମରେ ଜିରୋ। ନୂଆପଡ଼ାରେ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ଆୟୋଜିତ ପ୍ରଚାର ସମାବେଶରେ ଯୋଗଦେଇ ରାଜ୍ୟ ସରକାରଙ୍କୁ ଏଭଳି କଟାକ୍ଷ କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। କୋମନା ବ୍ଲକର ତାରାବୋଡ଼, ଧାନମଣ୍ଡି ପଡିଆରେ ଆୟୋଜିତ ବିରାଟ ନିର୍ବାଚନୀ ସଭାରେ ଯୋଗଦେଇଥିବା ହଜାର ହଜାର ଲୋକଙ୍କୁ ଉଦବୋଧନ ଦେଇ ନୂଆପଡା ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ନବୀନ ଅନୁରୋଧ କରିଥିଲେ।

ନବୀନ ତାଙ୍କ ଉଦବୋଧନରେ ପ୍ରଥମେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନୂଆପଡା ଜିଲ୍ଲା ଗଠନରେ ବିଜୁ ବାବୁଙ୍କ ଅବଦାନ ବିଷୟରେ ସ୍ମରଣ କରିଥିଲେ। ନବୀନ କହିଥିଲେ ଯେ, ବିଜେଡି ସରକାର ସମୟରେ ନୂଆପଡା ଜିଲ୍ଲାର ପ୍ରଭୁତ ଉନ୍ନତି ହୋଇଥିଲା। ବିଜୁ ଏକ୍ସପ୍ରେସ ୱେଠାରୁ ଆରମ୍ଭ କରି ଭଲ ପିଇବା ପାଣି, ୧୦ହଜାର ହେକ୍ଟରରୁ ଅଧିକ ଜମିକୁ ଜଳସେଚନ, ସୁନାବେଡା ଅଭୟାରଣ୍ୟର ଲୋକଙ୍କ କଲ୍ୟାଣ ପାଇଁ ଅନେକ ପଦକ୍ଷେପ ନିଆଯାଇଥିଲା। କିନ୍ତୁ ବିଜେପି ସରକାର ଆସିବା ପରେ ପରିସ୍ଥିତି ପୂରା ବଦଳି ଯାଇଛି ବୋଲି ନବୀନ କ୍ଷୋଭ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ସାରା ରାଜ୍ୟରେ ଏବେ ବିକାଶ କାମ ପୂରା ବନ୍ଦ ହୋଇଯାଇଛି। ଆଇନଶୃଙ୍ଖଳା ପୂରା ଭୁଶୁଡିଯାଇଛି। ନାରୀ ଅତ୍ୟାଚାର ସବୁ ସୀମା ଟପିଲାଣି। ଭାଇଚାରାର ରାଜ୍ୟ ଓଡିଶାର ସୁନାମ ଆଜି ନଷ୍ଟ ହୋଇଗଲାଣି।



ମିଶନ ଶକ୍ତି ମା'ମାନେ ରାଜ୍ୟରେ ଏକ ନୀରବ ଆନ୍ଦୋଳନ ଆଣିଥିଲେ। କିନ୍ତୁ ଏ ସରକାରରେ ମିଶନ ଶକ୍ତି ମା'ମାନେ ଆଜି ରଣ ପାଉନାହାନ୍ତି। ୮ ମାସ ହେଲା ମିଶନ ଶକ୍ତି ମା'ମାନେ ଦରମା ପାଉ ନ ଥିବାରୁ ନବୀନ ଦୁଃଖ ପ୍ରକାଶ କରିଥିଲେ। ଏ ସରକାର କେବଳ ମିଛ ପ୍ରଚାରରେ ମାତିଛି। ମିଛ ପ୍ରଚାରରେ ହିରୋ। କିନ୍ତୁ କାମରେ ଜିରୋ। ଏ ସରକାର ଗେମ୍ ଚେଞ୍ଜର ନୁହେଁ, ନେମ୍ ଚେଞ୍ଜର। ରଙ୍ଗ ମରା ସରକାର। ନବୀନ ତାଙ୍କ ଭାଷଣରେ ସରକାରଙ୍କ ପ୍ରତିଶ୍ରୁତି, ଯଥା ୩୦୦ ୟୁନିଟ ମାଗଣା ବିଜୁଳି, ସବୁ ବୃଦ୍ଧାବୃଦ୍ଧଙ୍କୁ ୩୫୦୦ ଟଙ୍କା ଭତ୍ତା, ସବୁ ପଂଚାୟତର ୧୦୦ ଯୁବକଙ୍କୁ ଚାକିରି, ଚାଷୀଙ୍କୁ ୟୁରିଆ ସାର ମିଳିବା, କଟନୀ ଛଟନୀ ବନ୍ଦ ହେବା, ବିଏସକେୱାଇ ଭଲ କି ଆୟୁଷ୍ମାନ କାର୍ଡ ଭଲ ସେ ବିଷୟରେ ପଚାରି ବୁଝିଥିଲେ।

ନବୀନ କହିଥିଲେ ଯେ ବିଜେପି ଭୋଟ ଚୋରି କରି ସରକାର ଗଢ଼ିଥିଲା। ଏବେ ପ୍ରାର୍ଥୀ ଚୋରି କରିଛନ୍ତି। ନୂଆପଡାବାସୀଙ୍କ ସହ, ବିଜୁ ଜନତା ଦଳ ସହ ଓ ତାଙ୍କ ସହ ବେଇମାନି ହୋଇଛି। ଏଥି ପାଇଁ ଲୋକମାନଙ୍କ ମନରେ କ୍ରୋଧ ରହିଛି। ଏ ବିଶ୍ୱାସଘାତକତାର ଜବାବ ନୂଆପଡ଼ାବାସୀ ଭୋଟରେ ଦେବେ ବୋଲି ନବୀନ ଦୃଢୋକ୍ତି ପ୍ରକାଶ କରିଥିଲେ। ସଭାରେ ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ମନୋଜ ମିଶ୍ର, ସାଂସଦ ନିରଞ୍ଜନ ବିଶି, ଟୁକୁନି ସାହୁ, ଅବନୀ ଯୋଶୀ, ବିଧାୟକ ଅଧୀରାଜ ପାଣିଗ୍ରାହୀ, ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ପ୍ରମୁଖ ଭାଷଣ ଦେଇ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଥିଲେ।

## ନାବାଳିକାକୁ ଅସଦାଚରଣ ଅଭିଯୋଗରେ ବାବା ଅଟକ



**କଟକ,୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ମଧୁପାଟଣା ଅଂଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଭିକ୍ଷା ମାଗିବାକୁ ଆସି ନାବାଳିକାକୁ ଅସଦାଚରଣ କରିଛନ୍ତି ଜଣେ ବାବା। ସ୍ଥାନୀୟ ଲୋକେ ବାବାକୁ କାବୁ କରି ପୋଲିସର ଜିମା ଦେଇଛନ୍ତି। ସୂଚନା ମୁତାବକ, ସ୍ଥାନୀୟ ମଧୁପାଟଣା ଥାନା ଅନ୍ତର୍ଗତ କାଜିଡିହ ଅଂଚଳରେ ସୋମବାର ପୂର୍ବାହ୍ନରେ ଜଣେ ବାବା ଭିକ୍ଷାବୃତ୍ତି ପାଇଁ ଜଣେ ବ୍ୟକ୍ତିଙ୍କ ଘରକୁ ଆସିଥିଲେ। ବାବା ଜଣକ ବାହାରେ ଛିଡ଼ାହୋଇ ଭିକ୍ଷା ମାଗିବାରୁ ଘରର ମାଲିକ ତାଙ୍କ ୮ ବର୍ଷର ଝିଅକୁ ବାବାଙ୍କୁ ପଇସା ଦେବାପାଇଁ କହିଥିଲେ। ଏହା କହି ଝିଅର ମା ଶୌଚାଳୟ ଚାଲିଯାଇଥିଲେ। ଏହାର ସୁଯୋଗ ନେଇ ସେହି ବାବା ଜଣକ ଉକ୍ତ ନାବାଳିକାକୁ ଅସଦାଚରଣ କରିଥିଲେ। ପରେ ନାବାଳିକା ଭୟଭୀତ ହୋଇ ପରିବାର ଲୋକଙ୍କୁ ଡାକିବା ଫଳରେ ବାବା ଜଣକ ସେଠାରୁ ଖସି ପଳାଇଥିଲେ। କିନ୍ତୁ ସ୍ଥାନୀୟ ଲୋକେ ବାବାକୁ କାବୁ କରି ମଧୁପାଟଣା ଥାନାକୁ ଯୋଗଯୋଗ କରିଥିଲେ। ମଧୁପାଟଣା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବାବାକୁ ନେଇ ଅଟକ ରଖି ପଚରା ଉଚରା କରୁଥିବା ଜଣାପଡ଼ିଛି।

## ପଦ୍ମ ପୋଖରୀକୁ ଅମରଙ୍କ ଲମ୍ଫ: ସ୍ୱାଗତ କଲା ବିଜେପି

**ଭୁବନେଶ୍ୱର,୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିଜେଡି ଛାଡ଼ି ବିଜେପିରେ ଯୋଗ ଦେଇଛନ୍ତି ପୂର୍ବତନ ରାଜ୍ୟସଭା ସାଂସଦ ତଥା ବରିଷ୍ଠ ନେତା ଅମର ପଟ୍ଟନାୟକ। ବିଜେପି କାର୍ଯ୍ୟାଳୟକୁ ଆସି ବିଧିବଦ୍ଧ ଭାବେ ସାମିଲ୍ ହୋଇଛନ୍ତି ଅମର ପଟ୍ଟନାୟକ। ମିଶ୍ରଣ ସଭାରେ ରାଜ୍ୟ ସଭାପତି ମନମୋହନ ସାମଲ, ପ୍ରଭାରୀ ବିଜୟ ପାଲ ସିଂ ତୋମାର ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଉପସ୍ଥିତ ଥିଲେ। ଏହି ମିଶ୍ରଣ ପର୍ବ ଉତ୍ସବରେ ଅମର ପଟ୍ଟନାୟକଙ୍କ ଅନେକ ସମର୍ଥକ ଏବଂ ବିଜେପି ବରିଷ୍ଠ ନେତା ଓ କର୍ମୀ ମଧ ଉପସ୍ଥିତ ଥିଲେ।

ବିଜେପି ମିଶ୍ରଣ ସଭାରେ ଅମର ପଟ୍ଟନାୟକ କହିଥିଲେ ଯେ, ମୋ ଜୀବନର ରାଜନୈତିକ କ୍ୟାରିଅର ମାତ୍ର ୮ ବର୍ଷର। ଆଜି ତାହାର ଲାଇଫ୍ ଚେଞ୍ଜିଂ ମୁହୂର୍ତ୍ତ। ୨୦୦୮ରେ ଓଡ଼ିଶା ପାଇଁ ଜନସେବା କରିବି ବୋଲି ଚାକିରି ଛାଡିଥିଲି। ରାଜ୍ୟସଭାରେ ସୁଯୋଗ ମିଳିବା ପରେ ଓଡ଼ିଶାର ଦାବିକୁ ଦିଲ୍ଲୀରେ ରଖିବାକୁ ଚେଷ୍ଟା କରିଛି। ରାଷ୍ଟ୍ର ନିର୍ମାଣ କରିବା ପାଇଁ ଆଜି ଜାତୀୟ ଦଳରେ ଯୋଗ ଦେଲି। ବିଜେପି ହେଉଛି ଏକମାତ୍ର ଜାତୀୟ ଦଳ ଯେଉଁଠି ରାଷ୍ଟ୍ର ନିର୍ମାଣ ପାଇଁ ସୁଯୋଗ ମିଳିବ। ସେଥିପାଇଁ ବିଜେପିରେ ଯୋଗ ଦେଇଛି। ସଂସଦରେ ପ୍ରଧାନମନ୍ତ୍ରୀଙ୍କ ଭାଷଣ ଶୁଣିବା ସମୟରେ ମୋର ରୁମ ଟାଙ୍କୁରୀ ଉଠେ। ପ୍ରଧାନମନ୍ତ୍ରୀ ଭାରତକୁ ଆଗକୁ ନେବାକୁ ଚେଷ୍ଟା କରିଛନ୍ତି ଏବଂ ବିଶ୍ୱରେ ଭାରତର ପରିଚୟ ସୃଷ୍ଟି କରିଛନ୍ତି। ମୁଁ ଚାହୁଁଥିଲି ମୋତେ ଏକ ସୁଯୋଗ ମିଳୁ, ରାଷ୍ଟ୍ର ଏବଂ ରାଜ୍ୟ ନିର୍ମାଣ ପାଇଁ କାର୍ଯ୍ୟ କରିପାରିବି। ଆଉ ମୋତେ ଏ ସୁଯୋଗ ବିଜେପି, ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ମନମୋହନ ସାମଲ ଦେଇଛନ୍ତି। ଅମର ଆହୁରି କହିଥିଲେ ଯେ, ଦଳ କଥାରେ ନୁହେଁ କାମରେ ବିଶ୍ୱାସ କରେ। ଦେଶରେ ନକ୍ସଲ ବଢୁଥିଲା, ଷ୍ଟ୍ରାଟେଜି ତିଆରି କରାଗଲା। ଏବେ ନକ୍ସଲର ଅବସ୍ଥା କ'ଣ ? ଅମିତ ଶାହଙ୍କ ଷ୍ଟ୍ରାଟେଜି ପାଇଁ ସମ୍ଭବ ହେଲା। ଓଡ଼ିଶାର ସୌନ୍ଦର୍ଯ୍ୟ, କାରିଗରୀ ଏବଂ ଭାସ୍କର୍ଯ୍ୟ କେନ୍ଦ୍ର ଯାହା କରୁଛି ସେଥିରେ ମୁଁ ପ୍ରଭାବିତ। ସଂକଳ୍ପ କରୁଛି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଯେଉଁ କାର୍ଯ୍ୟ ଦେବେ ତାହାକୁ ମୁଁ ସମ୍ପାଦନ କରିବି ବୋଲି କହିଥିଲେ।

୨୦୧୮ ମସିହାରେ ବିଜେଡିରେ ସାମିଲ ହୋଇଥିଲେ ଅମର ପଟ୍ଟନାୟକ। ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ସେ ବିଜେଡିରେ ସାମିଲ ହୋଇଥିଲେ। ପରେ ବିଜେଡି ତାଙ୍କୁ ଆଇଟି ସେଲ୍‌ର ମୁଖ୍ୟ ଭାବେ ଦାୟିତ୍ୱ ଦେଇଥିଲା। ଏହାପରେ ଅମର ଲଗାତର ଭାବେ ଦଳ ପାଇଁ କାମ କରିଚାଲିଲେ। ୨୦୧୯ରେ ଦଳ ରାଜ୍ୟସଭା ସାଂସଦ ଭାବେ ଅମର ପଟ୍ଟନାୟକଙ୍କୁ ଚୟନ କରିଥିଲା। ୨୦୧୯ରୁ ପାଞ୍ଚ ବର୍ଷ ଯାଏ ସେ ରାଜ୍ୟସଭା ସାଂସଦ ଭାବେ କାମ କରିଥିଲେ। ନିଜ କାର୍ଯ୍ୟକାଳ ସମୟରେ ରାଜ୍ୟସଭାର ବିଭିନ୍ନ କମିଟିର ମଧ ସଦସ୍ୟ ହୋଇଥିଲେ। ଏହାସହିତ ରାଜ୍ୟର ବିଭିନ୍ନ ସମସ୍ୟାକୁ ସଂସଦରେ ଉପସ୍ଥାପନ କରିଥିଲେ। ସେହିପରି ରାଜ୍ୟରେ ମଧ ବିରୋଧୀଙ୍କୁ କଡା ଟକ୍କର ଦେଉଥିଲେ। ହେଲେ ଏବେ ପରିସ୍ଥିତି ବଦଳିଛି। ରାଜ୍ୟ ରାଜନୀତିରେ ନୂଆ ମୋଡ଼ ନେଇଛି। ବିଜେଡି କ୍ୟାମ୍ପ ଛାଡ଼ି ବିଜେପି ଶିବିରରେ ସାମିଲ ହୋଇଛନ୍ତି ଅମର ପଟ୍ଟନାୟକ। ନୂଆପଡ଼ା ଉପନିର୍ବାଚନକୁ ଆଉ କିଛି ଦିନ ବାକି ରହିଥିବା ବେଳେ ଅମର ପଟ୍ଟନାୟକ ବିଜେପିରେ ସାମିଲ ହୋଇଛନ୍ତି।

## ଉପ ନିର୍ବାଚନ: ସରଗରମ ନୂଆପଡ଼ା

**ଭୁବନେଶ୍ୱର,୩।୧୧: ତଥ୍ୟ**

ନୂଆପଡ଼ା ଉପ ନିର୍ବାଚନ ପାଇଁ ଆସନ୍ତା ୯ ତାରିଖରେ ପ୍ରଚାର ଶେଷ ହେବାକୁ ଯାଉଥିବାବେଳେ ଏବେ ସେଠାରେ ୩ ପ୍ରମୁଖ ରାଜନୈତିକ ଦଳର ଶତାଧିକ ନେତା ଡେରା ପକାଇ ନିଜ ନିଜ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଜନମତକୁ ଆକୃଷ୍ଟ କରିବାପାଇଁ ଲାଗିପଡ଼ିଛନ୍ତି। ସତେ ଯେମିତି ନୂଆପଡ଼ାରେ ବିଜେପି, ବିଜେଡି ଓ କଂଗ୍ରେସ ଦଳର ପ୍ରାର୍ଥୀମାନଙ୍କ ଛଡ଼ା ସେମାନଙ୍କ ଦଳର ମୁଖିଆମାନଙ୍କ ନେତୃତ୍ୱ ଓ ପତିଆରା ବାଜିରେ ଲାଗିଯାଇଛି।

ନୂଆପଡ଼ାରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ ଡେରା ପକାଇ ରହିଛନ୍ତି। ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡ଼ାରେ ପ୍ରାର୍ଥୀପତ୍ର ଦାଖଲ ପୂର୍ବରୁ ଜନସମାବେଶ କରିଛନ୍ତି। ଆଜି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ଓ ବିଜେଡିର ସୁପ୍ରିମୋ ନବୀନ ପଟ୍ଟନାୟକ ନୂଆପଡ଼ା ଗସ୍ତ କରି ଏକ ନିର୍ବାଚନ ସଭାରେ ଭାଷଣ ଦେଇଛନ୍ତି। ବିଜେଡି, ବିଜେପି ଓ କଂଗ୍ରେସର ଶତାଧିକ ବିଧାୟକ ଓ ସାଂସଦ ଏବଂ ବହୁ ପୂର୍ବତନ ମନ୍ତ୍ରୀ, ଦଳୀୟ କର୍ମକର୍ତ୍ତା ନିର୍ବାଚନ ମଣ୍ଡଳୀରେ ଗାଁକୁ ଗାଁ ବୁଲୁଥିବା ଦେଖାଯାଉଛି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଖୁବଶୀଘ୍ର ଦ୍ୱିତୀୟ ପର୍ଯ୍ୟାୟ ନୂଆପଡ଼ା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। କଂଗ୍ରେସ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ପାଇଁ ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ଥ ରେଡ୍ଡୀ ମଧ ନୂଆପଡ଼ାରେ ଧୂଆଁଧାର ପ୍ରଚାର ଚଳାଇବାକୁ ଆସୁଛନ୍ତି। ଏହି କ୍ରମରେ ଛତିଶଗଡ଼ ସମେତ ଅନ୍ୟ କେତେକ ରାଜ୍ୟର ଦଳୀୟ ନେତାମାନେ ମଧ ନୂଆପଡ଼ା ଆସିବାର କାର୍ଯ୍ୟକ୍ରମ ରହିଛି।

ଆଦିବାସୀ ଅଧ୍ୟୁଷିତ ନୂଆପଡ଼ା ନିର୍ବାଚନ ମଣ୍ଡଳୀରେ ମହିଳା ଭୋଟରଙ୍କ ସଂଖ୍ୟା ୫୦ ପ୍ରତିଶତରୁ ଅଧିକ ହୋଇଥିବା ପରିପ୍ରେକ୍ଷୀରେ ସବୁ ଦଳଙ୍କ ନଜର ମହିଳା ଓ ଆଦିବାସୀମାନଙ୍କ ଭୋଟ ଉପରେ। ଏଥିଲାଗି ବିଭିନ୍ନ ଦଳର ବହୁ ନେତ୍ରୀ ଏବଂ ଆଦିବାସୀ ବର୍ଗର ନେତାମାନେ ନୂଆପଡ଼ା ଛୁଟୁଛନ୍ତି।

ଆସନ୍ତା ୧୧ ତାରିଖରେ ନିର୍ବାଚନ ହେବାକୁ ଥିବାବେଳେ ପ୍ରଚାର ମାହୋଲ ସରଗରମ ହୋଇଛି। ନବୀନ ପଟ୍ଟନାୟକ ମଧ ଆଉଥରେ ନୂଆପଡ଼ା ଆସିବା ସମ୍ଭାବନା ଅଛି। ବିଶେଷକରି କଳାହାଣ୍ଡି ଓ ପାଟଣା ରାଜପରିବାରର ଯେଉଁମାନେ ବିଭିନ୍ନ ରାଜନୈତିକ ଦଳ ସହ ଯୋଡ଼ି ହୋଇରହିଛନ୍ତି ସେମାନେ ଏଠାରେ ଧୂଆଁଧାର ପ୍ରଚାର କରୁଛନ୍ତି। ନିର୍ବାଚନ ତାରିଖ ପାଖେଇ ଆସୁଥିବାବେଳେ ବାହାରର ନେତାମାନେ ଏଠାରେ ସୃଷ୍ଟି କରୁଥିବା ଉଷ୍ମ ବାତାବରଣ ଯୋଗୁ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଏକ ବଡ଼ ଆହ୍ୱାନ ହୋଇଛି। ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ଷ୍ଟାର ପ୍ରଚାରକ ତାଲିକା ଘୋଷଣା କରିଥିବାବେଳେ ନିର୍ବାଚନ ମଣ୍ଡଳୀ ବାହାରର ଅନ୍ୟ ଯେଉଁମାନେ ଏଠାରେ ଡେରା ପକାଇଛନ୍ତି ସେମାନଙ୍କୁ ତଡ଼ିବା ଲାଗି ଦଳମତ ନିର୍ବିଶେଷରେ ଦାବି ଉଠୁଛି। ତେବେ ସରକାରୀ ଅଧିକାରୀମାନେ କହୁଛନ୍ତି ଯେ ସମସ୍ତଙ୍କ ଉପରେ ସୁରକ୍ଷା ବଳ ସତର୍କ ନଜର ରଖିଛନ୍ତି ଏବଂ ଆସନ୍ତା ୯ ତାରିଖ ସନ୍ଧ୍ୟା ପୂର୍ବରୁ ନିର୍ବାଚନ ମଣ୍ଡଳୀର ଭୋଟର ନଥିବା ନେତାମାନେ ଏଠାରୁ ବିଦା ହେବେ। ନିର୍ବାଚତ ତାରିଖ ପାଖେଇ ଆସୁଥିବାରୁ ଏବେ ଚିରାଚରିତ ଭାବେ ଟଙ୍କା, ନିଶା ଓ ଅନ୍ୟ ଉପଢୌକନ ବଣ୍ଟନ କାମ ମଧ ଆରମ୍ଭ ହୋଇଯାଇଥିବା ଘେନି ବିଭିନ୍ନ ଅଞ୍ଚଳରୁ ଅଭିଯୋଗ ଆସୁଛି।

## ପ୍ରେମ ପାଇଁ କଲେଜ ଛାତ୍ରଙ୍କ ଆତ୍ମହତ୍ୟା !



**ବୈଶିଙ୍ଗା,୩।୧୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନା ଅନ୍ତର୍ଗତ କେନ୍ଦୁଆ ଗ୍ରାମରେ ସୋମବାର ଦିନ ୧୧ରେ ଜଣେ କଲେଜ ଛାତ୍ର ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଘଟଣାରୁ ପ୍ରକାଶ ଗଣ୍ଡର୍ଦ୍ଧା ଗ୍ରାମର ଜୟନ୍ତ ଗାଆଣ (୧୭) କେନ୍ଦୁଆ ଗ୍ରାମରେ ଏକ ଭଡା ଘରେ ରହୁଥିଲେ। ତାଙ୍କ ପୁଅ ଗଣେଶ ଗାଆଣ ବୈଶିଙ୍ଗା ମହାତ୍ମାଗାନ୍ଧି କଲେଜ୍‌ର ପ୍ରଥମ ବର୍ଷର ଛାତ୍ର। ଆଜି ସକାଳେ ଗଣେଶର ବାପା ଓ ମାଆ ବାରିପଦା ଡାକ୍ତରଖାନା ଯାଇଥିବା ବେଳେ ପୁଅ ପାଠ ପଢିବାକୁ ଯାଇ ପୁଣି ଘରକୁ ଫେରି ଆସିଥିଲା। କିଛି ସମୟ ପରେ ଗଣେଶର ସାଙ୍ଗମାନେ ତାକୁ ଫୋନ କରିଥିଲେ ମଧ ସେ ଉଠାଇନଥିଲା। ସାଙ୍ଗମାନଙ୍କର ସନ୍ଦେହ ହେବାରୁ ସେମାନେ ତାଙ୍କ ଘରେ ପହଞ୍ଚି ଦେଖିବାକୁ ପାଇଲେ କବାଟ ବନ୍ଦ ରହିଛି। ସଙ୍ଗେସଙ୍ଗେ କବାଟ ଭାଙ୍ଗି ଦେଖିବାକୁ ପାଇଲେ ଯେ ଗଣେଶ ଏକ ଶାଢ଼ୀକୁ ବେକରେ ବାନ୍ଧି ଶିଡ଼ି ରାଲିଂରେ ଝୁଲୁଛି। କୌଣସି ଉପାୟ ନପାଇ ଶାଢ଼ୀକୁ କାଟି ଗଣେଶକୁ ବୈଶିଙ୍ଗା ଡାକ୍ତରଖାନା ନେଇ ଆସିଥିଲେ। ସେଠାରେ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ। ଆତ୍ମହତ୍ୟାର କାରଣ ଖୋଜିବାରୁ ଜଣାପଡିଥିଲା କି କଲେଜର ଜଣେ ସହପାଠିନୀ ସହିତ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ସେଥିରେ ବାଧା ଆସିବାରୁ ଏପରି ଅଘଟଣ ଘଟିଥିବାର ସନ୍ଦେହ କରାଯାଇଛି। ଖବର ପାଇ ବୈଶିଙ୍ଗା ପୋଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ ରଖି ମଙ୍ଗଳବାର ବ୍ୟବଚ୍ଛେଦ କରାଯିବ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ପରିବର୍ତ୍ତନର ନେତୃତ୍ୱ...

ଏକବିଂଶ ଶତାବ୍ଦୀରେ, ଉଦୀୟମାନ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ଉପରେ ବିଚାର ଏବଂ ଦିଗଦର୍ଶନ ପ୍ରଦାନ କରିବା ପାଇଁ ବିଶ୍ୱସ୍ତରୀୟ ବିଶେଷଜ୍ଞମାନଙ୍କର ଅନେକ ଆବଶ୍ୟକତା ରହିଛି। ଏହି ଆବଶ୍ୟକତା ଏକ ଆଇଡିଆକୁ ଜନ୍ମ ଦେଇଥିଲା, ଯାହା ଏହି ସମ୍ମିଳନୀର ମୂଳ ଚିନ୍ତାଧାରାରେ ପରିଣତ ହୋଇଥିଲା। ଏହି ଚିନ୍ତାଧାରା ବର୍ତ୍ତମାନ ଏହି ସମ୍ମିଳନୀ ମାଧ୍ୟମରେ ରୂପ ନେଉଛି ବୋଲି ସେ ଖୁସି ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ଏହି ପଦକ୍ଷେପରେ ବିଭିନ୍ନ ମନ୍ତ୍ରଣାଳୟ, ଘରୋଇ କ୍ଷେତ୍ର, ଷ୍ଟାର୍ଟଅପ୍ ଏବଂ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଆଜି ଆମମାନଙ୍କ ମଧ୍ୟରେ ନୋବେଲ ବିଜେତାମାନଙ୍କ ଉପସ୍ଥିତି ଆମ ପାଇଁ ଏକ ସମ୍ମାନର ବିଷୟ। ସେ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ସମ୍ମିଳନୀର ସଫଳତା କାମନା କରିଥିଲେ।

ପ୍ରଧାନମନ୍ତ୍ରୀ କହିଥିଲେ "ଯେତେବେଳେ ବିଜ୍ଞାନ ବିଶାଳତା ସହ ମିଶେ, ନବସୃଜନ ସମାବେଶୀ ହୁଏ, ଯେତେବେଳେ ପ୍ରଯୁକ୍ତି ପରିବର୍ତ୍ତନର ବାହକ ହୁଏ, ସେତେବେଳେ ମହାନ ସଫଳତାର ଭିତ୍ତି ସ୍ଥାପନ ହୁଏ। ଗତ ୧୦-୧୧ ବର୍ଷରେ ଭାରତର ଯାତ୍ରା ଏହି ଚିନ୍ତାଧାରାକୁ ଦର୍ଶାଉଛି। ଭାରତ ଆଉ କେବଳ ପ୍ରଯୁକ୍ତିର ଗ୍ରାହକ ନୁହେଁ, ବରଂ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ପରିବର୍ତ୍ତନର ନେତୃତ୍ୱ ନେଉଛି।

ଆଇସିସି ମହିଳା ବିଶ୍ୱକପ୍ ୨୦୨୫ରେ ଭାରତର ଚିତ୍ତାକର୍ଷକ ବିଜୟ ବିଷୟରେ ଉଲ୍ଲେଖ କରି ଶ୍ରୀ ମୋଦୀ କହିଛନ୍ତି ଯେ, ସମଗ୍ର ଦେଶ ଭାରତୀୟ କ୍ରିକେଟ ଦଳର ସଫଳତାରେ ଉତ୍ସାହିତ। ଏହା ଭାରତର ପ୍ରଥମ ମହିଳା ବିଶ୍ୱକପ୍ ବିଜୟ ବୋଲି ସେ ଉଲ୍ଲେଖ କରିଥିଲେ ଏବଂ ମହିଳା କ୍ରିକେଟ ଦଳକୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦେଶ ସେମାନଙ୍କ ପାଇଁ ଗର୍ବିତ ଏବଂ ସେମାନଙ୍କର ସଫଳତା ଦେଶର ଲକ୍ଷ ଲକ୍ଷ ଯୁବକଙ୍କୁ ପ୍ରେରଣା ଦେବ। ଏହି ଅବସରରେ, ପ୍ରଧାନମନ୍ତ୍ରୀ ଭାରତ ଏବଂ ବିଦେଶରୁ ଆସିଥିବା ବୈଜ୍ଞାନିକ, ଉଦ୍ଭାବକ, ଶିକ୍ଷାନୁଷ୍ଠାନର ସଦସ୍ୟ ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ।

### ୧୯ ଜଣଙ୍କୁ...

ଲୋକଙ୍କ ଧକ୍କା ଦେଇଥିଲା। କିଛି ଗାଡିକୁ ଡମ୍ପର ଡ୍ରାଇଭର ୫ କିମି ଯାଏ ଘୋଷାଡି ମଧ ନେଇଯାଇଥିଲା। ୫ କିମି ରାସ୍ତା ଅତିକ୍ରମ କରିବା ପରେ ଡମ୍ପରଟି ଅଟକିଥିଲା। କିନ୍ତୁ ସେତେବେଳେକୁ ୧୦ ଜଣଙ୍କ ମୃତ୍ୟୁ ହୋଇ ସାରିଥିଲା।

ପ୍ରତ୍ୟେକ୍ଷଦର୍ଶୀଙ୍କ କହିବା କଥା ଯେ ଡ୍ରାଇଭର ଜଣଙ୍କ ନିଶାସକ୍ତ ଅବସ୍ଥାରେ ରହିଥିଲେ। ସେ ଏକାଧି ଗାଡିକୁ ଧକ୍କା ଦେବା ସହ ସାମ୍ନାରେ ଯିଏ ଆସୁଥିଲା, ତା' ଉପରେ ମାଡି ଯାଇ ଆଗକୁ ଯାଉଥିଲା। ତେବେ ୫ କିମି ରାସ୍ତା ଅତିକ୍ରମ କରିବା ପରେ ସାମ୍ନାରେ ଏକାଧିକ କାର ରହିଯିବାରୁ ସେମାନଙ୍କୁ ଧକ୍କା ଦେଇ ଆଉ ଆଗକୁ ଯାଇ ପାରିନଥିଲା। ଦୁର୍ଘଟଣାରେ ଏକାଧିକ କାର ଭାଙ୍ଗି ଚୂରମାର ହୋଇ ଯାଇଛି। କାରରେ ଫସି ରହିଥିବା ଲୋକଙ୍କୁ ବର୍ତ୍ତମାନ ଉଦ୍ଧାର କରାଯାଉଛି।

ଅଧିକାରୀମାନଙ୍କ କହିବା କଥା ଯେ ଆହତମାନଙ୍କୁ ନିକଟରେ ଥିବା ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ଚିହ୍ନଟ କରାଯାଉଛି। ପୁଲିସ ଦୁର୍ଘଟଣା ଘଟାଇଥିବା ଡମ୍ପର ଡ୍ରାଇଭରଙ୍କୁ ଅଟକ ରଖିଛି ଓ ତାଙ୍କର ମେଡିକାଲ ଟେଷ୍ଟ କରାଯାଉଛି।

ଦିନକ ତଳେ ରାଜସ୍ଥାନର ଫାଲୋଡିରେ ଗୋଟିଏ ଟେମ୍ପୋ ରାସ୍ତା କଡରେ ଥିବା ଟ୍ରକକୁ ଦ୍ରୁତଗତିରେ ଧକ୍କା ଦେଇଥିଲା। ଏଥିରେ ୧୫ ଜଣ ପ୍ରାଣ ହରାଇଥିବା ବେଳେ ୨ ଜଣ ଆହତ ହୋଇଥିଲେ। ଟେମ୍ପୋରେ ଥିବା ଲୋକମାନେ ବିକେନାରରେ ଥିବା କୋଲାୟତ ମନ୍ଦିରରୁ ଦର୍ଶନ ସାରି ସୁରସାଗରକୁ ଫେରୁଥିଲେ। କିନ୍ତୁ ଅଧା ରାସ୍ତାରେ ଏପରି ଭୟଙ୍କର ଦୁର୍ଘଟଣା ଘଟିଥିଲା।

### ଶ୍ରୀମନ୍ଦିରରୁ ଡାଲ୍‌ଡା...

ପାଇଁ କେବଳ ଓମଫେଡ୍ ଘିଅ ବ୍ୟବହାର କରିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ଅଭିଯୁକ୍ତ ସେବକ ଏହି ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କରିଛନ୍ତି। ଏସଜେଟିଏର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ସୋମବାର କହିଛନ୍ତି ଯେ ଶ୍ରୀମନ୍ଦିରରେ କେବଳ ଓମଫେଡ୍ ଘିଅ ବ୍ୟବହାର ପାଇଁ ନିର୍ଦ୍ଦେଶ ବଳବତ୍ତର ରହିଛି ଏବଂ କୌଣସି ପ୍ରକାର ଅନୁଶାସନହୀନତାକୁ ବରଦାସ୍ତ କରାଯିବ ନାହିଁ। ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ମହାପ୍ରସାଦର ପବିତ୍ରତା ବଜାୟ ରଖିବା ପାଇଁ ଅନୁମୋଦିତ ମାନଦଣ୍ଡ ପାଳନ କରିବା ବାଧ୍ୟତାମୂଳକ ବୋଲି ଏସଜେଟିଏ ପୁନରାବୃତ୍ତି କରିଛି।

### ମାର୍ଗଶୀରରେ...

ପ୍ରତିନିଧି ଦଳ ଗତ ସରକାର ସମୟରେ ଯାଇଥିଲେ ମଧ ଚାବି ହଜିଯାଇଥିବା କାରଣରୁ ତାହା ଖୋଲାଯାଇପାରିନଥିଲା। ପରବର୍ତ୍ତୀ ସମୟରେ ପୁରୀ ଜିଲ୍ଲାପାଳଙ୍କ ରେକର୍ଡ ରୁମ୍‌ରୁ ଏକ ଲଫାପା ଭିତରେ ନକଲି ଚାବି ଥିବା ଜଣାପଡିଥିଲା। ଏ ସଂକ୍ରାନ୍ତରେ ରାଜ୍ୟ ସରକାର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଦ୍ୱାରା ତଦନ୍ତ କରାଇଥିଲେ ମଧ ଫଳାଫଳ ଏଯାବତ୍ ପ୍ରକାଶ ପାଇନାହିଁ।

ମାର୍ଗଶୀର ମାସକୁ ମା' ମହାଲକ୍ଷ୍ମୀଙ୍କ ମାସ ବୋଲି କୁହାଯାଏ। ତେଣୁ କାର୍ତ୍ତିକ ଭିଡ଼ ସରିବା ପରେ ସମସ୍ତଙ୍କ ସହଯୋଗରେ ଯେ କୌଣସି ଦିନ ରତ୍ନଭଣ୍ଡାର ସଂପତ୍ତିର ଗଣତି ମଣତି ହୋଇପାରେ। ଏହାଛଡ଼ା ରତ୍ନଭଣ୍ଡାର ବାହାରେ ଆଉ କେଉଁଠି କେତେ ରତ୍ନ ଅଳଙ୍କାର, ଅର୍ଥ ଏବଂ ସ୍ଥାବର ଅସ୍ଥାବର ସଂପତ୍ତି ରହିଛି ତାହାର ମଧ ସଂପୂର୍ଣ୍ଣ ତାଲିକା ପ୍ରକାଶ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

### ଜେଲ ଗଲେ...

ଟେକ୍‌ର ମାଲିକ ସୁରେଶ ନାୟକଙ୍କୁ ମଧ ବାନ୍ଧିଥିଲା ପୋଲିସ।

ସେହିଭଳି ପୋଲିସ ଏସଆଇ ସ୍କାଣ୍ଡାଲରେ ଗିରଫ ହୋଇଥିବା ଶଙ୍କର ପୃଷ୍ଟିର ସହଯୋଗୀ ମୁନା ମହାନ୍ତି, ଲୋକନାଥ ସାହୁ, ସୌମ୍ୟା ପ୍ରିୟଦର୍ଶିନୀଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରା ଉଚରା କରିଛି କ୍ରାଇମବ୍ରାଞ୍ଚ। ଏମାନଙ୍କ ସହ ଶଙ୍କର ପୃଷ୍ଟିକୁ ସାମ୍ନା ସାମ୍ନି ବସାଇ ଜେରା କରାଯାଇଛି। ଏହି ଜେରା ବେଳେ ଶଙ୍କର ପୃଷ୍ଟି ତଥା ତା'ର ସହଯୋଗମାନେ ଆଉ କାହାର ନାଁ କହିଛନ୍ତି ଅର୍ଥାତ୍ ଏସଆଇ ସ୍କାମ୍‌ରେ ଆଉ କାହାର ଲିଙ୍କ୍ ରହିଛି ? ହଜାରେ କୋଟିର ଡିଲ୍ କଥା କୁହାଯାଉଛି ସେଥିରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେସବୁର ଖୁଲାସା କରିପାରେ କ୍ରାଇମବ୍ରାଞ୍ଚ ଟିମ୍। ସେହିଭଳି ଯେହେତୁ ଏହି ମାମଲାର ସିବିଆଇ ତଦନ୍ତ କରାଯିବ ବୋଲି ସରକାର କହିଥିଲେ। ତେଣୁ ମାମଲାରେ ଗିରଫ ହୋଇଥିବା ଏ ସମସ୍ତ ଅଭିଯୁକ୍ତଙ୍କ ଠାରୁ ପୂରା ରାକେଟ୍ ଚେର ଖୋଳିପାରେ ସିବିଆଇ। ଆଗକୁ କେଉଁ ବଡ ମାଛ ଏହି ମାମଲାରେ ଫସୁଛନ୍ତି ତା ଉପରେ ରହିଛି ନଜର। ଏମିତିରେ ଏଥିରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି ଆଗକୁ ତା'ର ଖୁଲାସା କରିପାରେ କ୍ରାଇମବ୍ରାଞ୍ଚ।

### ବସ୍-ଟ୍ରକ୍ ମୁହାଁମୁହିଁ...

ବାଧାପ୍ରାପ୍ତ ହୋଇଥିଲା। ତେବେ ମଧ୍ୟାହ୍ନ ବେଳକୁ ଯାତାୟାତ ସ୍ୱାଭାବିକ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା, ତା'ର ମଧ ତଦନ୍ତ ପୁଲିସ୍ ଆରମ୍ଭ କରିଛି।

ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ଥ ରେଡ୍ଡୀ ଘଟଣାରେ ଶୋକ ପ୍ରକାଶ କରିବା ସହ ଆହତଙ୍କୁ ସମସ୍ତ ପ୍ରକାରର ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏଥିସହ ସେ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ୨ ଲକ୍ଷ ଓ ଆହତଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏ ସହାୟତା ଯୋଗାଇ ଦେବାକୁ କହିଛନ୍ତି। ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଶ୍ରଦ୍ଧାଞ୍ଜଳି
ଏକାଦଶାହ ଉପଲକ୍ଷେ



ଁ ରଙ୍ଗାଧର ସାହୁ
ଗଣାମାହାଲ, କେନ୍ଦ୍ରାପଡା
ଆବିର୍ଭାବ - ତା ୧୧/୦୫/୧୯୪୮
ତିରୋଧାନ - ତା ୨୫/୧୦/୨୦୨୫
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ଚରଣ କମଳରେ ବିନମ୍ର ପ୍ରାର୍ଥନା।
ସହଧର୍ମିଣୀ- ବିଷ୍ଣୁପ୍ରିୟା, ପୁଅ - ନିଗମାନନ୍ଦ, ବିବେକାନନ୍ଦ ଓ ପରମାନନ୍ଦ, ବୋହୂ – ରତିପ୍ରଭା, ସୁଶ୍ମିତା, ସ୍ଥିତିପ୍ରଜ୍ଞା, ଝିଅ- ପ୍ରମୋଦା, ଜ୍ୱାଇଁ- ବିଦ୍ୟାନନ୍ଦ ଓ ନାତି- ପ୍ରିୟରଞ୍ଜନ, ବିଶ୍ୱପ୍ରକାଶ, ରୁଦ୍ରପ୍ରକାଶ, ସ୍ୱୟଂପ୍ରକାଶ, ନାତୁଣୀ- ଲୋପାମୁଦ୍ରା, ଲିପସା, ଆଦ୍ୟାଶା, ବନ୍ଧୁ ପରିବାର ଓ ଆତ୍ମୀୟ ସ୍ୱଜନ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460
Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ
Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ